ଟୀପ୍‌ପଣୀ

# ୧୩

# ଭାରତରେ ଦୂରଦର୍ଶନ

ଦୂରଦର୍ଶନ ବିନା ଆପଣ ଏ ଦୁନିଆକୁ କଳ୍ପନା କରିପାରିବେ କି ? ଧାରାବାହିକ ନାହିଁ, ସମାଚାର ଚ୍ୟାନେଲ ନାହିଁ କିମ୍ବା କ୍ରିକେଟ୍ ମ୍ୟାଚର ଚ୍ୟାନେଲ ନାହିଁ । କ'ଣ ଏହା କ୍ଳାନ୍ତ ପୃଥିବୀ ହେବ ନାହିଁ କି ? ଆଜି ଦୂରଦର୍ଶନ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି । ଆପଣଙ୍କ ଭାଇ ନାରାଜ ହୋଇଯିବ ଯଦି ସେ ଟି.ଭି ଦେଖୁଥିବାବେଳେ ତାକୁ କେହି ହଇରାଣ କରନ୍ତି ।

ଦୂରଦର୍ଶନ ବର୍ତ୍ତମାନର ଆବିଷ୍କାର ଅଟେ । ସମ୍ଭବତଃ ପଚାଶବର୍ଷ ପୂର୍ବରୁ ଜଣେ ଦୁଇଜଣଙ୍କ ଘରେ ଟି.ଭିସେଟ୍ ଥିଲା । ୧୯୯୦ଦଶକ ପର୍ଯ୍ୟନ୍ତ ଏକ ବହୁଜନ ସଂଖ୍ୟା ବିଶିଷ୍ଟ ଦେଶ ଭାରତ ପାଇଁ ଦୂରଦର୍ଶନ ଏକମାତ୍ର ଚ୍ୟାନେଲ ଥିଲା । ଏହି ଅଧ୍ୟାୟରେ ଆପଣ ଦୂରଦର୍ଶନର ଇତିହାସ ସଂପର୍କରେ ଜାଣିବେ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢିବାପରେ ଆପଣ ନିମ୍ନଲିଖିତ ବିଷୟରେ ଯୋଗ୍ୟତା ଲାଭ କରିବେ :

- ଦୂରଦର୍ଶନ ଉଦ୍ଭାବନର ସମ୍ପର୍କରେ;
- ଭାରତରେ ଦୂରଦର୍ଶନ ଇତିହାସ ମାଇଲ୍ ଖୁଣ୍ଟର ପରିଚୟ;
- ଆମର ଦୈନନ୍ଦିନ ଜୀବନରେ ଦୂରଦର୍ଶନ ପ୍ରଭାବ ଉପରେ ବିଶ୍ଳେଷଣ;
- ଦୂରଦର୍ଶନର ନୂଆ ଅଧ୍ୟାୟର ବ୍ୟାଖ୍ୟା;

## 13.1 ଦୂରଦର୍ଶନର ଉଦ୍ଭାବନ :-

କ'ଣ ଏହା ବିସ୍ମୟକର ନୁହେଁ । ସମାଚାର ଷ୍ଟୁଡିଓରୁ ଶହ ଶହ କିଲୋମିଟର ଦୂରତାରେ ରହି ସମ୍ବାଦପାଠ କରୁଥିବା ବ୍ୟକ୍ତିଙ୍କୁ ଦୂରଦର୍ଶନ ସୁଇଚ ଖୋଲିବାମାତ୍ରେ ଆପଣ ଦେଖିପାରନ୍ତି ତଥା ତାଙ୍କ କଥା ଶୁଣିପାରନ୍ତି । ତଥାପି ଦୂରଦର୍ଶନ ଏହି କାଳର ଆବିଷ୍କାର ଅଟେ । ଆପଣ ନିଜର ଜେଜେବାପାଙ୍କୁ ପଚାରନ୍ତୁ ସେ ନିଜର ପିଲାବେଳେ ଦୂରଦର୍ଶନ ଦେଖିଥିଲେ କି ? ସମ୍ଭବତଃ ତାଙ୍କ ପାଖରେ ଘରେ ଗୋଟିଏ ରେଡିଓ ସେଟ୍ ଥିବ । କିନ୍ତୁ ଟି.ଭି ନୁହେଁ । ଦୂରଦର୍ଶନ ଆସିବା ପୂର୍ବରୁ ରେଡିଓ, ପ୍ରିଣ୍ଟ ତଥା ସିନେମାର ଅସ୍ତିତ୍ୱ ଥିଲା । ଦୂରଦର୍ଶନ ବିଚାର ଏହାର ବାସ୍ତବିକ ଆବିଷ୍କାର ବହୁ ପୂର୍ବରୁ ତାହାର ମସ୍ତିଷ୍କରେ ପଶିଯାଇଥିଲା । ବହୁ ଆବିଷ୍କାର ପରେ ଏଭଳି କୌଶଳକୁ ସୃଷ୍ଟି କରିବାପାଇଁ ଏକାଠି

ଟୀପ୍ପଣୀ

ହୋଇଥିଲେ ଯାହା ଧ୍ୱନିର ସଂଗେ ସଂଗେ ଦୃଶ୍ୟପଟ୍ଟକୁ ମଧ୍ୟ ପ୍ରେରିତ କରିପାରିବ । ଯଦି ବି ଅନେକ ବୈଜ୍ଞାନିକ ଏହାକୁ ସମ୍ଭବ କରିବାପାଇଁ ଯୋଗଦାନ କରିଥିଲେ ତଥାପି ଜନ୍ ବେଅର୍ଡଙ୍କୁ ସାଧାରଣତଃ ଦୂରଦର୍ଶନର ଜନକ ହିସାବରେ(ଗଣା)ବୁଝାଯାଏ । ବ୍ରିଟେନରେ ବ୍ରିଟିଶ ବ୍ଲଡକାଷ୍ଟିଙ୍ଗ୍ କର୍ପୋରେସନ୍ ପୂର୍ବରୁ ଦୂରଦର୍ଶନର ସେବା ୧୯୩୬ରେ ଆରମ୍ଭ କରିଥିଲେ । ଯଦି ଆପଣଙ୍କ ପାଖରେ ଉପଗ୍ରହ ବା କେବୁଲ ସଂଯୋଗ ଅଛି ଆପଣ ମଧ୍ୟ ବି.ବି.ସି ଦେଖିପାରିବେ । ଯାହା ପୃଥିବୀରେ ଦୂରଦର୍ଶନର ପ୍ରାରମ୍ଭିକ ପ୍ରସାର ଅଟେ । ୧୯୩୯ ପର୍ଯ୍ୟନ୍ତ ଦୂରଦର୍ଶନ ପ୍ରସାରଣ ସଂଯୁକ୍ତ ରାଜ୍ୟ ଆମେରିକାରେ ମଧ୍ୟ ହୋଇଯାଇଥିଲା । ଏହି ଦୌଡରେ ଏହି ଦେଶ ସ୍ପଷ୍ଟତଃ ଆଗରେ ଥିଲା । ୧୯୫୦ ଦଶକରେ ବଡ ଧରଣର ଅନ୍ୟ ଦେଶ ଦୂରଦର୍ଶନ ପ୍ରସାରଣ ଆରମ୍ଭ କରିପାରିଥିଲେ । ତଥାପି ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ଏହି ନୂଆ ମାଧ୍ୟମର ତୀବ୍ର ବିକାଶ ବନ୍ଦ ହୋଇଯାଇଥିଲା, ଯୁଦ୍ଧର ପରବର୍ତ୍ତୀ ଅବସ୍ଥାରେ ପୁଣି ଥରେ ଏହା ଆଗକୁ ବଢିଚାଲିଲା ।

ଆମେ ଦେଖିଲେ ଦୂରଦର୍ଶନ କିପରି ଅସ୍ତିତ୍ୱରେ ଆସିପାରିଲା । ତଥାପି ପ୍ରାରମ୍ଭରେ ଦୂରଦର୍ଶନ ଦେଖିବା ଏତେଟା ସହଜ ନଥିଲା ଯାହା ଆଜି ଆମେ ଦେଖୁଛୁ । ଏହା ସର୍ବପ୍ରଥମ ଆରମ୍ଭ ଥିଲା । ପ୍ରଥମରେ କ୍ୟାମେରାର କୌଶଳସୀମାର କାରଣରୁ ପ୍ରସ୍ତୁତ କର୍ତ୍ତା ବା ଆକ୍ଟର ଗରମ ଆଲୁଅରେ କାମ କରୁଥିଲେ । ଚିନ୍ତାକରନ୍ତୁ କାହାକୁ ପୁରା ମେକଅପର ସାଙ୍ଗରେ ଉଜ୍ଜ୍ୱଳ ଆଲୋକରେ ସମ୍ବାଦ ପଢିବା ଆରମ୍ଭ କରିଥିଲେ । ପ୍ରାରମ୍ଭିକ ଦୂରଦର୍ଶନ ପ୍ରସାରଣ କେବଳ କଳାଧଳାରେ ଥିଲା । ୟୁଏସ୍ଏରେ ୧୯୫୩ରେ କଲମ୍ବିଆ ବ୍ଲଡ୍‌କାଷ୍ଟିଙ୍ଗ୍ ସିଷ୍ଟମ୍(ସିବିଏସ୍) ପ୍ରଥମେ ସଫଳ ରଙ୍ଗିନ୍ କାର୍ଯ୍ୟକ୍ରମ ପ୍ରସାରିତ କରିଥିଲା । ବିଭିନ୍ନ ଲୋକପ୍ରିୟ କାର୍ଯ୍ୟକ୍ରମ ସଂଗେ ସଂଗେ ଦୂରଦର୍ଶନ ସେଟ୍ ଏବେ ମନୋରଂଜନର ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହୋଇଯାଇଛି । ଆସନ୍ତା ଦୁଇଦଶକ ମଧ୍ୟରେ ଦୂରଦର୍ଶନ ଧିରେ ଧିରେ ମାଧ୍ୟମର ଦୃଷ୍ଟିରେ ପରିପକ୍ୱ ହେବାକୁ ଲାଗିଲା । ଛବି ସହିତ ରେଡିଓ ଭାବରେ ଜଣାଶୁଣାଥିବା ଏହି ମାଧ୍ୟମ ଧିରେ ଧିରେ ଅନୁଠାଶୈଳୀ ବିକଶିତ କରିନେଲା । ପରିଣାମ ସ୍ୱରୂପ ଏହି ଯୁଗକୁ ଦୂରଦର୍ଶନର ସ୍ୱର୍ଣ୍ଣୀଭ ଯୁଗ କୁହାଯାଏ ।

## କେତେକ ସ୍ମରଣୀୟ ତିଥି:-

୧୯୩୬-ବ୍ରିଟେନର ବ୍ରିଟିଶ ବ୍ଲଡକାଷ୍ଟିଙ୍ଗ କର୍ପୋରେସନ୍ ଦୁନିଆର ସର୍ବପ୍ରଥମ ଦୂରଦର୍ଶନ ସେବା ଆରମ୍ଭ କରିଥିଲା ।

୧୯୩୯-ଦୂରଦର୍ଶନର ପ୍ରସାରଣ ୟୁଏସ୍ଏରେ ଆରମ୍ଭ ।

୧୯୫୦ଦଶକ-ବହୁ ବଡ ଧରଣ ଭାବରେ ଅନ୍ୟ ଦେଶରେ ମଧ୍ୟ ଦୂରଦର୍ଶନ ପ୍ରସାରଣର ଆରମ୍ଭ ।

୧୯୫୩-ୟୁଏସ୍ଏରେ ସିବିଏସ୍ ଏହାର ପ୍ରଥମ ସଫଳ ରଙ୍ଗୀନ୍ କାର୍ଯ୍ୟକ୍ରମ ପ୍ରସାରିତ କଲା ।

ଆଜିର ଦୁନିଆରେ ଦୂରଦର୍ଶନ ଗଣମାଧ୍ୟମର ଏକ ସଶକ୍ତ ମାଧ୍ୟମ ମଧ୍ୟରୁ ଗୋଟିଏ ପରିଚିତ ହୋଇଯାଇଛି । ଏହା ଶିକ୍ଷା, ସୂଚନା ତଥା ମନୋରଂଜନ ପ୍ରଦାନ କରିଥାଏ । ଦୂରଦର୍ଶନ ଆମ



ଟୀପ୍ପଣୀ

ଜୀବନରେ ଏକ ଅଭିନ୍ନ ଅଙ୍ଗ ହୋଇଯାଇଛି । ଆସନ୍ତା ଅଧ୍ୟାୟମାନଙ୍କରେ ଆପଣ ଦୂରଦର୍ଶନ ଇତିହାସ ସମ୍ପର୍କରେ ବିସ୍ତୃତ ଭାବରେ ଜ୍ଞାନଲାଭ କରିବେ ।

### ପାଠ୍ୟଗତ ପ୍ରଶ୍ନ 13.1 :-

(1) ସାଧାରଣତଃ କାହାକୁ ଦୂରଦର୍ଶନର ଜନକ ହେବାର ଶ୍ରେୟ ଯାଇଥାଏ ।

(2) ଦୁନିଆର ସବୁଠାରୁ ପ୍ରଥମ ଦୂରଦର୍ଶନ ପ୍ରସାରକଙ୍କ ନାମ କ'ଣ ?

(3) ପୃଥିବୀରେ ରଂଗୀନ ପ୍ରସାରଣ କେବେ ଆରମ୍ଭ ହୋଇଥିଲା ?

(4) ଠିକ୍ ଉତ୍ତରରେ ଠିକ୍ ଚିହ୍ନ ଦିଅନ୍ତୁ ?

(i) ଏଥିରୁ କାହାର ଆବିଷ୍କାର ପରେ ହେଲା ।

କ) ସିନେମା

ଖ) ରେଡିଓ

ଗ) ପ୍ରିଣ୍ଟ

ଘ) ଦୂରଦର୍ଶନ

(ii) କେଉଁ ଦେଶରେ ପ୍ରଥମ ଦୂରଦର୍ଶନ ସେବା ଆରମ୍ଭ ହୋଇଥିଲା ।

କ) ୟୁକେ

ଖ) ୟୁଏସ୍ଏ

ଗ) ସ୍ପେନ୍

ଘ) ଭାରତ

(iii) ଦୂରଦର୍ଶନର ବିକାଶକୁ ମାନ୍ଦାକରିବା ଭଳିଆ ଘଟଣା କ'ଣ ଥିଲା ?

କ) ଦ୍ୱିତୀୟ ବିଶ୍ୱଯୁଦ୍ଧ


ଖ) କ୍ରେମିୟନ ଯୁଦ୍ଧ

ଗ) ପ୍ରଥମ ବିଶ୍ୱଯୁଦ୍ଧ

ଘ) ଗଲଫ୍ ଯୁଦ୍ଧ ।

## 13.2 ଭାରତରେ ଦୂରଦର୍ଶନର ଇତିହାସ

ଆପଣ ଜାଣିଛନ୍ତି ଭାରତରେ ଦୂରଦର୍ଶନ ପ୍ରସାରଣ ଅଲ ଇଣ୍ଡିଆ ରେଡିଓ(ଏଆଇଆର)ର ଅନ୍ତର୍ଗତ ଆରମ୍ଭ ହୋଇଥିଲା । ଦୂରଦର୍ଶନ ଏକ ପ୍ରୟୋଗାତ୍ମକ ହିସାବରେ ଭାରତରେ ୧୫ଡିସେମ୍ବର ୧୯୫୯ରେ ଆରମ୍ଭ ହୋଇଥିଲା । ଆରମ୍ଭରେ ସପ୍ତାହରେ ଦୁଇଥର ଏକ ଏକ ଘଣ୍ଟାର ଅନ୍ତରରେ ଏହା ପ୍ରସାରିତ ହେଉଥିଲା ।



ଟୀପ୍ପଣୀ



କଳ୍ପନା କରନ୍ତୁ ଆପଣଙ୍କ ଟି.ଭି ସେଟ୍ ସପ୍ତାହରେ ଦୁଇ ଘଣ୍ଟା ଚାଲୁଛି । ଆଜି କ'ଣ ଆପଣ ଏପରି ସ୍ଥିତିକୁ ଚିନ୍ତା କରିପାରୁଛନ୍ତି ? କିନ୍ତୁ ପ୍ରାରମ୍ଭିକ ବର୍ଷରେ ଏଭଳି ଥିଲା । ପ୍ରାରମ୍ଭିକ ପ୍ରସାରଣର ସଂଚାଳନ "ଅଲଇଣ୍ଡିଆ ରେଡିଓ"କରୁଥିଲେ ।

**1959 ଦୂରଦର୍ଶନ ଏକ ପ୍ରୟୋଗାତ୍ମକ ହିସାବରେ ଭାରତରେ ଆରମ୍ଭ**

ଏହି ପ୍ରୟୋଗାତ୍ମକ ପ୍ରସାରଣର ପ୍ରାରମ୍ଭିକ କାର୍ଯ୍ୟକ୍ରମ ସାଧାରଣତଃ ସ୍କୁଲ ପିଲା ତଥା କୃଷକ ମାନଙ୍କପାଇଁ ଶୈକ୍ଷିକ କାର୍ଯ୍ୟକ୍ରମ ଥିଲା । ଦିଲ୍ଲୀର ସୀମିତ କ୍ଷେତ୍ର ତଥା ଆଖପାଖ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ପ୍ରସାରପାଇଁ ଅନେକ ସାମୁଦାୟିକ ଦୂରଦର୍ଶନ ସେଟ୍ ଲଗାଯାଇଥିଲା । 1970 ପର୍ଯ୍ୟନ୍ତ ଦେଶର ଅନ୍ୟାନ୍ୟ ଭାଗରେ ମଧ୍ୟ ଦୂରଦର୍ଶନ କେନ୍ଦ୍ର ଖୋଲିଥିଲା । 1976 ରେ ଦୂରଦର୍ଶନ ଯାହା ଅଲଇଣ୍ଡିଆ ରେଡିଓର ଏକ ଅଂଶ ଥିଲା ତାହା ଅଲଗା ବିଭାଗ ହୋଇଗଲା ।

**1976 ଦୂରଦର୍ଶନ ଅଲଇଣ୍ଡିଆ ରେଡିଓରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ବିଭାଗ ହୋଇଗଲା ।**

ଆପଣଙ୍କ ଇଲାକାରେ କ'ଣ ସାମୁଦାୟିକ ଦୂରଦର୍ଶନ ସେଟ୍ ଲଗାଯାଇଛି କି ? ଭାରତରେ ଦୂରଦର୍ଶନର ଇତିହାସରେ ସାମୁଦାୟିକ ଦୂରଦର୍ଶନ ସେଟ୍ର ବିତରଣ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ଥିଲା । ସାଟେଲାଇଟ୍ ଇଂଷ୍ଟ୍ରକସନାଲ ଟେଲିଭିଜନ ଏକ୍ସପେରିମେଣ୍ଟ(ଏସ୍ଆଇଟିଇ)ଏହାକୁ ଅଗଷ୍ଟ 1975 ତଥା ଜୁଲାଇ 1976 ର ମଧ୍ୟଭାଗରେ ସଂଚାଳିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଭାରତସରକାର ଆମେରିକୀୟ ଉପଗ୍ରହ ଏଟିଏସ୍ରେ ଉପଯୋଗ ଭାରତୀୟ ଗ୍ରାମରେ ଶୈକ୍ଷିକ କାର୍ଯ୍ୟକ୍ରମର ପ୍ରସାରଣ ପାଇଁ କରାଗଲା । ଏହି ପ୍ରୟୋଗପାଇଁ ୬ଟି ରାଜ୍ୟ ବଛାଗଲା ତଥା ଏହି ରାଜ୍ୟ ମାନଙ୍କରେ ଦୂରଦର୍ଶନ ସେଟ୍ ବିତରଣ କରାଗଲା । କ'ଣ ଆପଣଙ୍କ ରାଜ୍ୟ "ସାଇଟ୍"କାର୍ଯ୍ୟ କ୍ରମର ଅନ୍ତର୍ଗତ ଥିଲା ?ଆପଣଙ୍କର ବୟୋଜ୍ୟେଷ୍ଠ ଲୋକମାନଙ୍କୁ ପଚାରନ୍ତୁ କ'ଣ ଏହି ସମୟ ମଧ୍ୟରେ ପାଖ-ପଡୋଶୀରେ ସାମୁଦାୟିକ ସେଟ୍ ଦିଆଯାଇଥିଲା କି ?

**1975-76 ସାଟେଲାଇଟ୍ ଇଂଷ୍ଟ୍ରକସନାଲ୍ ଟେଲିଭିଜନ ଏକ୍ସପେରିମେଣ୍ଟ ଏସ୍ଆଇଟିଇ-ସାଇଟ୍**

ଦୂରଦର୍ଶନର ଉପଯୋଗ ବିକାଶ ପାଇଁ କରାଇବା ପାଇଁ "ସାଇଟ୍"ଭାରତ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଗୋଟିଏ ବଳିଷ୍ଠପୂର୍ଣ୍ଣ ପଦକ୍ଷେପ ଥିଲା । କାର୍ଯ୍ୟକ୍ରମର ନିର୍ମାଣ ଦୂରଦର୍ଶନ ଦ୍ୱାରା କରାଯାଇଥିଲା ଯାହା ସେତେବେଳର ଅଲଇଣ୍ଡିଆ ରେଡିଓର ଏକ ଅଂଶ ବିଶେଷ ଥିଲା । ଏହା ଦିନରେ ଦୁଇଥର ସନ୍ଧ୍ୟା ଏବଂ ସକାଳେ ପ୍ରସାରଣ ହେଉଥିଲା । କୃଷି ସମ୍ବନ୍ଧୀୟ ସୂଚନା ବ୍ୟତିରେକ ସ୍ୱାସ୍ଥ୍ୟ ତଥା ପରିବାର ନିୟୋଜନ ଅନ୍ୟ ମହତ୍ତ୍ୱପୂର୍ଣ୍ଣ ବିଷୟ ଥିଲା ଯାହା ଏହି କାର୍ଯ୍ୟକ୍ରମର ଅନ୍ତର୍ଗତ ଥିଲା । ନୃତ୍ୟ, ସଂଗୀତ,



ଟୀପ୍‌ପଣୀ

ନାଟକ ଲୋକ ତଥା ଗ୍ରାମୀଣ କଳାର ଚାପରେ ମନୋରଂଜନ କାର୍ଯ୍ୟକ୍ରମ ମଧ୍ୟ ଏଥିରେ ସାମିଲ ଥିଲା । ଭାରତର ଦୂରଦର୍ଶନ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା 1982 ରେ ଆୟୋଜିତ ଏସିଆନ୍ ଗେମ୍‌ସ ଥିଲା । ପ୍ରଥମଥର ପାଇଁ ଦୂରଦର୍ଶନ ଉପଗ୍ରହ ଇନ୍‌ସାଟ୍ ଏର ମାଧ୍ୟମରେ ରାଷ୍ଟ୍ରୀୟ ପ୍ରସାରଣ କରିଥିଲା । ପ୍ରଥମଥର ପାଇଁ ଏହା ରଂଗୀନ ପ୍ରସାରଣ ଥିଲା । ଘରୋଇ ପ୍ରସାରଣ ସହିତ ଦୂରଦର୍ଶନ ଅନ୍ୟାନ୍ୟ କିଛି ଦେଶକୁ ପ୍ରସାରଣର ସାମଗ୍ରୀ ଉପଲବ୍ଧ କରାଇଥିଲା । 1982 ପରେ ଦୂରଦର୍ଶନ ଦ୍ୱାରା କରାଯାଇଥିବା ସଜୀବ କ୍ରୀଡ଼ା କାର୍ଯ୍ୟକ୍ରମ ଅଧିକ ବୃଦ୍ଧି ହୋଇଥିଲା ।

**1982 ଦୂରଦର୍ଶନ ଉପଗ୍ରହ ଇନ୍‌ସାଟ ଏ ର ମାଧ୍ୟମରେ ପ୍ରଥମଥର ପାଇଁ ରାଷ୍ଟ୍ରୀୟ ପ୍ରସାରଣ କରିଥିଲା ।**

1983 ଭିତରେ ସରକାର "ଦୂରଦର୍ଶନ"ର କଳେବର ବୃଦ୍ଧିର ସ୍ୱୀକୃତି କରି ଦେଇଥିଲେ ।

ଦେଶସାରା ଅନେକ ଗୁଡ଼ିଏ ଟ୍ରାନ୍ସମିଟର ସ୍ଥାପନ କରାଯାଇଥିଲା ।

ଏହିପରି ଭାବରେ ୪0 ଦଶକର ଶେଷ ପର୍ଯ୍ୟନ୍ତ ଟ୍ରାନ୍ସମିଟର ଦ୍ୱାରା ମୋଟାମୋଟି 75% ଜନସଂଖ୍ୟା ପର୍ଯ୍ୟନ୍ତ ଦୂରଦର୍ଶନ କାର୍ଯ୍ୟକ୍ରମ ପହଞ୍ଚିଥିଲା । ଦୂରଦର୍ଶନର ଅନେକ କାର୍ଯ୍ୟକ୍ରମ ଯେପରି ହମଲୋଗ, ବୁନିୟାଦ ତଥା ନୁକଡ ଲୋକପ୍ରିୟର ଶିଖରରେ ପହଞ୍ଚିଥିଲା ଏହା ଭିତରୁ ଆପଣ କୌଣସି ଧାରାବାହିକ ଦେଖିଛନ୍ତି କି ?

**1983 ସରକାର ଦୂରଦର୍ଶନର କଳେବର ବୃଦ୍ଧି ମଞ୍ଜୁରୀ ପ୍ରଦାନ କରିଥିଲେ ।**

1997 ରେ "ପ୍ରସାର ଭାରତୀ" ନାମରେ ଏକ ବୈଧାନିକ ସ୍ୱାୟତ୍ତ ଗୋଷ୍ଠୀ ଗଠନ କରାଯାଇଥିଲା । ପ୍ରସାର ଭାରତୀ ଅନ୍ତର୍ଗତ ଦୂରଦର୍ଶନ ତଥା ଏଆଇଆରକୁ ସରକାରୀ ନିଗମର ଅଧିନସ୍ଥ କରିଦିଆଗଲା । ପ୍ରସାର ଭାରତୀର ପ୍ରତିଷ୍ଠା ଦେଶର ଲୋକସେବା ପ୍ରସାରକ ହିସାବରେ କାର୍ଯ୍ୟ କରିବାପାଇଁ କରାଯାଇଥିଲା ଯାହାକି ନିଜର ଲକ୍ଷ୍ୟ "ଦୂରଦର୍ଶନ" ତଥା ଏଆଇଆର ର ମାଧ୍ୟମରେ କରିବାପାଇଁ ଥିଲା । ଦୂରଦର୍ଶନ ତଥା ଏଆଇଆରକୁ ସ୍ୱାଧୀନ କରିବା ଲକ୍ଷ୍ୟନେଇ ଏହା ଏକ ବଳିଷ୍ଠ ପଦକ୍ଷେପ ଥିଲା । କିନ୍ତୁ "ପ୍ରସାର ଭାରତୀ" ଦୂରଦର୍ଶନକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ରଖିବାରେ ସଫଳ ହୋଇପାରି ନଥିଲା ।

**1997 -ପ୍ରସାର ଭାରତୀର ସ୍ଥାପନା**

ଆପଣ ଜ୍ଞାନଦର୍ଶନ ଦେଖନ୍ତି ଯାହା ଦୂରଦର୍ଶନର ଏକ ଶୈକ୍ଷିକ ଚ୍ୟାନେଲ ଅଟେ ? କ'ଣ ଆପଣ ଏହି କାର୍ଯ୍ୟକ୍ରମକୁ ଉପଯୋଗୀ ଭାବନ୍ତି ? ଦୂରଦର୍ଶନର କେଉଁ ଚ୍ୟାନେଲ ଆପଣଙ୍କର ପସନ୍ଦଯୋଗ୍ୟ ଅଟେ ? ଆଜି ପାଖାପାଖି 90% ଭାରତୀୟ ଜନସଂଖ୍ୟା ଦୂରଦର୍ଶନ ନେଟ୍‌ୱର୍କ ମାଧ୍ୟମରେ "ଦୂରଦର୍ଶନ" କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । "ଅଲ ଇଣ୍ଡିଆ ରେଡିଓ"ର ଏକ ଅଂଗ ହିସାବରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଆରମ୍ଭରୁ ଆଜି ଦୂରଦର୍ଶନ ୩୦ଟି ଚ୍ୟାନେଲ ସହିତ ଗୋଟିଏ ବିରାଟ ଟେଲିଭିଜନ ପ୍ରସାରକ ହୋଇଯାଇଛି ।



ଟୀପ୍‌ପଣୀ



ଏଥିରେ କ୍ଷେତ୍ରିୟ ଉପଗ୍ରହ ଚ୍ୟାନେଲ, ରାଜ୍ୟର ନେଟ୍‌ୱର୍କ, ଅନ୍ତରାଷ୍ଟ୍ରୀୟ ଚ୍ୟାନେଲ ତଥା ଡିଡି ନାଶନାଲ, ଡିଡି ନ୍ୟୁଜ, ଡିଡିସ୍ପୋର୍ଟସ, ଡିଡି ଜ୍ଞାନଦର୍ଶନ, ଡିଡି ଭାରତୀ, ଡିଡି ଉର୍ଦ୍ଦୁ ତଥା ଲୋକସଭା ଚ୍ୟାନେଲଭଳି ଅଖିଳ ଭାରତୀୟ ଚ୍ୟାନେଲ ସାମିଲ୍ ଅଛି । ଆପଣଙ୍କ କ୍ଷେତ୍ରିୟ ଭାଷାରେ ଦୂରଦର୍ଶନ କେଉଁ ଚ୍ୟାନେଲ ପ୍ରସାରିତ କରୁଛି ?

***କାର୍ଯ୍ୟକଳାପ 13.1***

*ଦୂରଦର୍ଶନର ସମସ୍ତ ଚ୍ୟାନେଲର ଏକ ସୂଚୀ ପ୍ରସ୍ତୁତ କରନ୍ତୁ । ପ୍ରଥମେ ଏଥିରୁ ୫ଟିକୁ ବାଛନ୍ତୁ ଏବଂ ସେମାନଙ୍କର ଉଦ୍ଦେଶ୍ୟ କ'ଣ ଏହାକୁ ଠିକ୍ କରନ୍ତୁ ।*

**କେତେକ ସ୍ମରଣୀୟ ଦିବସ**

1959 – ପ୍ରୟୋଗାତ୍ମକ ଭାବରେ ଭାରତରେ ଦୂରଦର୍ଶନର ଆରମ୍ଭ ।

1975 – "ସାଇଟ୍" କାର୍ଯ୍ୟକ୍ରମ ଆରମ୍ଭ ।

1976 –ଦୂରଦର୍ଶନ ଯାହା ଏ.ଆଇ.ଆରର ଏକ ଅଂଶ ବିଶେଷ, ଅଲଗା ବିଭାଗରେ ତିଆରି ହେଲା ।

1982 –ନବମ ଏସିଆଡ୍ ଖେଳର ପ୍ରସାରଣ । ପ୍ରଥମ ଥର ଦୂରଦର୍ଶନ ଜାତୀୟ ପ୍ରସାରଣର ବୃହତ୍ ସ୍ତରରେ ନିଜ କଳେବର ବୃଦ୍ଧିର ସ୍ୱୀକୃତି ପ୍ରାପ୍ତ କଲା ।

1997 – "ପ୍ରସାର ଭାରତୀ"ର ସ୍ଥାପନା ।

**ପାଠ୍ୟଗତ ପ୍ରଶ୍ନ 13.2 :-**

1. ଏସ୍.ଆଇ.ଟି.ଇ (ସାଇଟ୍) ର ପୂର୍ଣ୍ଣରୂପ କ'ଣ ?
2. ଭାରତୀୟ ଦୂରଦର୍ଶନର ଇତିହାସରେ 1982 ବର୍ଷର ମହତ୍ତ୍ୱ କ'ଣ ?
3. "ପ୍ରସାର ଭାରତୀ" କ'ଣ ଅଟେ ?
4. (i) ଭାରତରେ ଦୂରଦର୍ଶନ ଏଇ ମାଧ୍ୟମରେ ଆରମ୍ଭ ହୋଇଥିଲା–

    କ) ଏକ ପ୍ରୟୋଗ

    ଖ) ମନୋରଂଜନର ସ୍ରୋତ

    ଗ) ଶିକ୍ଷାର ମାଧ୍ୟମ

    ଘ) ବିକାଶର ଉପକରଣ

   (ii) "ଜ୍ଞାନ ଦର୍ଶନ" ଅଟେ

    କ) ଏକ ମନୋରଂଜନ ଚ୍ୟାନେଲ

    ଖ) ଏକ ଶୈକ୍ଷିକ ଚ୍ୟାନେଲ

ଗ) ଏକ ଖେଳ ଚ୍ୟାନେଲ

ଘ) ଏକ ସମାଚାର ଚ୍ୟାନେଲ

(iii) 1982 ରେ ରାଷ୍ଟ୍ରୀୟ ପ୍ରସାରଣ ହେତୁ "ଦୂରଦର୍ଶନ" ଦ୍ୱାରା ପ୍ରୟୋଗ ଉପଗ୍ରହ ଥିଲା

କ) ଏଟିଏସ୍-6

ଖ) ଆର୍ଯ୍ୟଭଟ୍ଟ

ଗ) ଆଇଆରଏସ୍ 1ସି

ଘ) ଇନ୍‌ସାଟ୍ 1ଏ

(iv) "ଦୂରଦର୍ଶନ" ଏହାର ଏକ ଅଂଗ ଭାବରେ ଆରମ୍ଭ ହୋଇଥିଲା ।

କ) ଏଆଇଆର

ଖ) ପ୍ରସାର ଭାରତୀ

ଗ) ଏମ୍‌ଆଇଟିଇ

ଘ) କୃଷିଦର୍ଶନ

## 13.3 ଦୂରଦର୍ଶନ ଚାନେଲର ନିଜସ୍ୱ ପରିପ୍ରକାଶ

ଏହି ପ୍ରକାର ଭାବରେ ଆପଣ ଦେଖିଲେ ଦୂରଦର୍ଶନ କିଭଳି ଭାବରେ ଏଇବର୍ଷ ମାନଙ୍କରେ ବିକଶିତ ହୋଇ ପାରିଲା । କିନ୍ତୁ ଆଜି ଦୂରଦର୍ଶନ ଅତିରିକ୍ତ ଆମ ପାଖରେ ଅନେକ ଚ୍ୟାନେଲ ଅଛି । ଆପଣ "ଉପଗ୍ରହ ଚ୍ୟାନେଲ" ଶବ୍ଦ ଶୁଣିଥିବେ । ସାଧାରଣତଃ ଉପଗ୍ରହର ଉପଯୋଗ ଯୋଗାଯୋଗ ବା ଅନୁସଂଧାନର ଉଦ୍ଦେଶ୍ୟରେ ହୋଇଥାଏ । ମାନବ ନିର୍ମିତ ଉପଗ୍ରହ ସେହି ବସ୍ତୁ ଅଟେ ଯାହା ପୃଥିବୀ ବା କୌଣସି ଅନ୍ତରୀକ୍ଷ ବସ୍ତୁର କକ୍ଷପଥରେ ସ୍ଥାପନା କରାଯାଏ । ଆସନ୍ତୁ ଏବେ ଜାଣିବା ଉପଗ୍ରହ କେଉଁପ୍ରକାର ଆମକୁ ଘରେ ଆମର ପସନ୍ଦଯୋଗ୍ୟ ଦୂରଦର୍ଶନ କାର୍ଯ୍ୟକ୍ରମ ଆଣି ଦେବାରେ ସାହାଯ୍ୟ କରିଥାଏ ।

ଗୋଟିଏ ଉପଗ୍ରହ ଏବଂ ଆପଣଙ୍କ ଦ୍ୱାରା କେବୁଲ ନେଟ୍‌ୱାର୍କରେ ଦେଖାଯାଉଥିବା ଧାରାବାହିକ ମଧ୍ୟରେ କ'ଣ ସଂପର୍କ ଅଛି ? ଏଇ ଦୁଇଟିଯାକ ନିଜ ଭିତରେ ସଂପୂର୍ଣ୍ଣଭାବରେ ଅସଂବନ୍ଧୀୟ ଏହା ଜଣାପଡେ । କିନ୍ତୁ ଯୋଗାଯୋଗ ଉପଗ୍ରହ ଆପଣଙ୍କ ଘରେ ଧାରାବାହିକ ପ୍ରସାରଣରେ ସାହାଯ୍ୟ କରିଥାଏ । କ'ଣ ଆପଣଙ୍କ ପାଖରେ କେବେ ଆଣ୍ଟିନା ସହିତ ଟିଭିସେଟ୍ ରହିଛି, ଯାହାର ଦିଗ ସିଗ୍‌ନାଲ ଗ୍ରହଣ କରିବାପାଇଁ ସ୍ଥିର କରାଯାଏ । ଏପରି କ୍ଷେତ୍ରରେ ପ୍ରବଳ ବର୍ଷା କିମ୍ବା ଖରାପ ମୌସୁମୀ ଆପଣଙ୍କୁ ଟି.ଭି ଦେଖିବାରେ ବାଧା ସୃଷ୍ଟି କରିବ । ଯୋଗାଯୋଗ ଉପଗ୍ରହର ଉପସ୍ଥିତି ଏହି ସ୍ଥିତିରେ ଅନେକ ପରିବର୍ତ୍ତନ ଆଣିଛି ।

ଟୀପ୍ପଣୀ

ଆପଣ ଆପଣଙ୍କ ଟି.ଭିରେ କେତୋଟି ଚ୍ୟାନେଲ ଦେଖି ପାରିବେ ? ଷ୍ଟାର, ଆଜତକ୍, ଏନ୍‌ଡିଟିଭି ଆଦି ଅନେକ ଟେଲିଭିଜନ ଚ୍ୟାନେଲ ମଧ୍ୟରୁ କିଛି ଯାହାକି ଆଜି ଆମ ପାଇଁ ଉପଲବ୍ଧ ହେଉଛି ଆପଣଙ୍କ ମାଆଙ୍କୁ ପଚାରନ୍ତୁ ତାଙ୍କ ପିଲାବେଳେ ଏତିକି ପରିମାଣର ଚ୍ୟାନେଲ ଜାଣିବା ପାଇଁ ଥିଲା କି ? ଉତ୍ତର ନାହିଁ ମିଳିବ । ଏହା ଏଥିପାଇଁ ନିଜସ୍ୱ ଚ୍ୟାନେଲ ଭାରତୀୟ ଦୂରଦର୍ଶନର ପ୍ରସାରଣର ଏକଦମ୍ ବିଲକୁଲ୍ ଏବେ ଆସିଅଛି । ଆରମ୍ଭ ଦିନମାନଙ୍କରେ ଦୂରଦର୍ଶନର ଏକ ଅଧିକାର ଥିଲା । କାରଣ ସେତେବେଳେ ଭାରତୀୟ ଦର୍ଶକଙ୍କ ପାଇଁ ଏହା ଏକମାତ୍ର ଉପଲବ୍ଧ ଚ୍ୟାନେଲ ଥିଲା । ନିଜସ୍ୱ ଚ୍ୟାନେଲ ଆସିବା ସହିତ ୧୯୯୦ ଦଶକରେ ଏହି ସ୍ଥିତିରେ ପରିବର୍ତ୍ତନ ହୋଇଛି । ଗୋଟିଏ ଆମେରିକୀୟ ସମ୍ବାଦ ଚ୍ୟାନେଲ କେବୁଲ ନ୍ୟୁଜ ନେଟ୍‌ୱାର୍କ (ସିଏନ୍‌ଏନ) ଦ୍ୱାରା ଖାଡି ଯୁଦ୍ଧର ପ୍ରସାରଣ ଭାରତକୁ ଉପଗ୍ରହ ଦୂରଦର୍ଶନର ଆସିବାର ଦିଗକୁ ପ୍ରଶସ୍ତ କରିଦେଇଥିଲା । ସିଏନଏନ ସିଗ୍‌ନାଲକୁ ପାଇବାପାଇଁ ଉପଗ୍ରହ ଡିସ୍‌ର ଉପଯୋଗ ହୋଇଥିଲା ଏବଂ ଏପରି ଭାବରେ କେବୁଲ ସଂଚାଳକମାନେ ତୁରନ୍ତ ଉପଗ୍ରହ ପ୍ରସାରଣକୁ ନିଜସ୍ୱ କରିଦେଇଥିଲେ ।

ହଂକଂ ଆଧାରିତ ଏସ୍‌ଟିଏଆର୍ (ସାଟେଲାଇଟ୍, ଟେଲିଭିଜନ୍, ଏସିଆନ୍, ରିଜନ୍, ଷ୍ଟାର) ଏକ ଭାରତୀୟ କମ୍ପାନୀ ସାଙ୍ଗରେ ମିଳିତ ସହଯୋଗ କରିଥିଲା ଯାହାର ଫଳସ୍ୱରୂପ ଜି ଟି.ଭି ଜନ୍ମଲାଭ କରିଥିଲା । ଏହା ଭାରତର ପ୍ରଥମ ନିଜସ୍ୱ ହିନ୍ଦୀ ଉପଗ୍ରହ ଚ୍ୟାନେଲ ଥିଲା । କିନ୍ତୁ "ଷ୍ଟାର"ଏବଂ "ଜି"ମଧ୍ୟରେ ବେଶୀଦିନ ପର୍ଯ୍ୟନ୍ତ ତିଷ୍ଠି ରହିପାରିଲାନାହିଁ । ଭାରତୀୟ ଟେଲିଭିଜନ ଦର୍ଶକ ଦୂରଦର୍ଶନର ଏକଛତ୍ରବାଦ ସ୍ଥିତିରେ ପରିବର୍ତ୍ତନ ପାଇଁ ଅପେକ୍ଷା କରି ରହିଥିଲେ ଏବଂ ବହୁଶୀଘ୍ର ଅନେକ ନିଜସ୍ୱ ଚ୍ୟାନେଲ ଅସ୍ତିତ୍ୱରେ ଆସିଗଲେ । ୧୯୯୫ରେ ସର୍ବୋଚ୍ଚ ନ୍ୟାୟାଳୟର ଆଦେଶରେ କୁହାଯାଇଥିଲା, ବାୟୁତରଙ୍ଗ ଉପରେ ଭାରତ ସରକାରଙ୍କର କୌଣସି ଅଧିକାର ରହିପାରିବ ନାହିଁ ଏବଂ ଏହିପରି ଭାବରେ ଅନ୍ୟାନ୍ୟ ଚାନେଲର ଆଗମନ ପାଇଁ ମାର୍ଗ ପ୍ରଶସ୍ତ ହୋଇଗଲା । ଏହି ସମୟ ମଧ୍ୟରେ କ୍ଷେତ୍ରୀୟ ଚାନେଲ ଆସିଗଲେ । "ସନ୍ ଟିଭି"(ତାମିଲ, ଏସିଆନ ନେଟ୍ (ମଲାୟାଲମ୍ ଏବଂ ଇନାଡୁଟିଭି) ଏଥିମଧ୍ୟରୁ କିଛି ଅଟେ । ଆଜି ମୋଟାମୋଟି ଭାରତର ପ୍ରତ୍ୟେକ ପ୍ରମୁଖ ଭାଷାରେ ଟେଲିଭିଜନ୍ ଚାନେଲ ଅଛି । ଆପଣଙ୍କର ପ୍ରିୟ କ୍ଷେତ୍ରୀୟ ଚାନେଲ କିଏ ?

କ୍ଷେତ୍ରୀୟ ଚ୍ୟାନେଲ ବ୍ୟତୀତ ଚ୍ୟାନେଲ ଗୁଡିକର ବିଭିନ୍ନ ଶ୍ରେଣୀବର୍ଗ ଯଥା:-24 ଘଣ୍ଟିଆ ସମ୍ବାଦଚ୍ୟାନେଲ, ଧାର୍ମିକ ଚ୍ୟାନେଲ, କାର୍ଟୁନ୍ ଚ୍ୟାନେଲ, ସିନେମା ଚ୍ୟାନେଲ ଆଦି ସହିତ ଏବେ ପ୍ରତି ଦର୍ଶକଙ୍କୁ ଦେଖାଇବା ପାଇଁ ଉପଲବ୍ଧ ହୋଇଛି । ପ୍ରସିଏନ୍‌ଏନ୍, ବିବିବି ତଥା ଡିସ୍‌କଭରି ଚ୍ୟାନେଲ ଭଳି ଅନ୍ତଃରାଷ୍ଟ୍ରୀୟ ଚ୍ୟାନେଲ ମଧ୍ୟ ଭାରତୀୟ ଟେଲିଭିଜନ ଦର୍ଶକଙ୍କ ପାଇଁ ଉପଲବ୍ଧ ହେଉଅଛି ।

ଟୀପ୍ପଣୀ

***କାର୍ଯ୍ୟକଳାପ 13.2 :-***

*ନିଜ କ୍ଷେତ୍ରରେ କେବୁଲ ନେଟ୍‌ୱାର୍କ ଦ୍ୱାରା ଉପଲବ୍ଧ ବିଭିନ୍ନ ଚ୍ୟାନେଲର ଶ୍ରେଣୀକୁ ଲେଖନ୍ତୁ । ଯେପରି ସମ୍ବାଦ ଚ୍ୟାନେଲ, ମୁଭି ଚ୍ୟାନେଲ, ଧାର୍ମିକ ଚ୍ୟାନେଲ ଇତ୍ୟାଦି ।*

**ପାଠ୍ୟଗତ ପ୍ରଶ୍ନ 13.3 :-**

(1) ବାୟୁ ତରଙ୍ଗ ଉପରେ ସରକାରୀ ଅଧିକାର ସମ୍ବନ୍ଧୀୟ ଉଚ୍ଚତମ ନ୍ୟାୟାଳୟର ଆଦେଶ କ'ଣ ଅଛି ? ସେହି ଘଟଣା କ୍ରମକୁ ଉପସ୍ଥାପିତ କରନ୍ତୁ ଯାହା ଭାରତରେ ଉପଗ୍ରହ ଟେଲିଭିଜନର ମାର୍ଗକୁ ପ୍ରଶସ୍ତ କରିଥିଲା ।

(2) ଶୂନ୍ୟସ୍ଥାନ ପୂରଣ ଉପଯୁକ୍ତ ଶବ୍ଦ / ଶବ୍ଦକୁ ନେଇ କରନ୍ତୁ ।

(i) ______ଭାରତର ପ୍ରଥମ ନିଜସ୍ୱ ପରିଚାଳିତ ହିନ୍ଦି ଉପଗ୍ରହ ଚ୍ୟାନେଲ ଅଟେ ।

(ii) ଏସିଆନେଟ୍ ________ର କ୍ଷେତ୍ରୀୟ ଚ୍ୟାନେଲ ଅଟେ ।

(iii) ଏସ୍.ଟି.ଏ.ଆରର ପୂର୍ଣ୍ଣ ଶବ୍ଦ _________ ଅଟେ ।

(iv) ନିଜସ୍ୱ ଚ୍ୟାନେଲ ଆସିବା ପୂର୍ବରୁ ______ଭାରତର ବିଶାଳ ଜନସଂଖ୍ୟା ପାଇଁ ଉପଲବ୍ଧ ଏକମାତ୍ର ଟେଲିଭିଜନ ଚ୍ୟାନେଲ ଥିଲା ।

(v) _______ ନିଜ ଟେଲିଭିଜନ ଚ୍ୟାନେଲର ଗୋଟିଏ ଉଦାହରଣ ।

## 13.4 ଆମର ଦୈନନ୍ଦିନ ଜୀବନରେ ଦୂରଦର୍ଶନ / ଟେଲିଭିଜନ୍‌ର ପ୍ରଭାବ

ଆମେମାନେ ପଢ଼ିଛୁ ଟେଲିଭିଜନ ଗଣ ଯୋଗାଯୋଗର ଏକ ଲୋକପ୍ରିୟ ମାଧ୍ୟମ ଅଟେ । ଏହା ଆମର ଦୈନନ୍ଦିନ ଜୀବନର ଏକ ଅଂଗ ସଦୃଶ୍ୟ ଏବଂ ଏହା ଆମର ଦୃଷ୍ଟିକୋଣକୁ ମଧ୍ୟ ପ୍ରଭାବିତ କରିଥାଏ । ଏହା ସକାରାତ୍ମକ ଏବଂ ନକାରାତ୍ମକ ଦୁଇ ପ୍ରକାର ହୋଇ ଥାଇପାରେ । ସକାରାତ୍ମକ ରୂପକୁ କହିଲେ ଟେଲିଭିଜନ ଗୋଟିଏ ଅଦ୍ଭୁତ ଶିକ୍ଷକ ଅଟେ । କ'ଣ ଆପଣଙ୍କ କୁନି ଭଉଣୀ ଖୁସିରେ କୁଦା ମାରିବନି ଯଦି ତାକୁ ଗୋଟିଏ କାର୍ଟୁନ୍ ଗଣିତ ପଢାଇବାକୁ ଆସିବ ? ଟେଲିଭିଜନର ଉପଯୋଗ ଗଣଶିକ୍ଷା ପାଇଁ ଏକ ଅଦ୍ଭୁତ ମାଧ୍ୟମର ରୂପରେ ଗ୍ରହଣ କରାଯାଇପାରେ ଯେପରିକି "ସାଇଟ୍" ବ୍ୟବହାର । ଆପଣଙ୍କର ପସନ୍ଦଯୋଗ୍ୟ ଚ୍ୟାନେଲରେ ଏପରି କିଛି କାର୍ଯ୍ୟକ୍ରମ କୁହନ୍ତୁ ଯାହାକି ସମାଜ ଉପରେ ଏକ ସକରାତ୍ମକ ପ୍ରଭାବ ଛାଡିବ ।


ଟେଲିଭିଜନ ଆମ ପାଇଁ ନୂତନ ଦିଗ୍‌ବଳୟର ଉତ୍ସ ଆଣିପାରିବ । ଘରେ ବସି ଆପଣ ରିମୋର୍ଟର ବଟମ ଦବାଇଲେ ଏହା ଆପଣଙ୍କୁ ମିଳିଯିବ ଯାହା ଇରାକ ଭଳି ଦୂରଦେଶର ମଧ୍ୟ ଘଟଣା ସମୂହକୁ ଉପସ୍ଥାପିତ କରିପାରିବ । ଟେଲିଭିଜନର ପ୍ରୟୋଗ ପର୍ଯ୍ୟାବରଣ ପ୍ରଦୂଷଣ ଏବଂ ଅତ୍ୟଧିକ ଉତ୍ତାପ ଭଳି ବିଷୟ ଉପରେ ସଚେତନତା ସୃଷ୍ଟି ପାଇଁ କରାଯାଇପାରିବ । କ'ଣ ଆପଣ ଏପରି କୌଣସି

ଗଣସେବାର ବିଜ୍ଞାପନକୁ ମନେ ପକାଇପାରିବେ ଯେଉଁଥିରେ ପର୍ଯ୍ୟବସିତ ସଂରକ୍ଷଣ ଜାଗରଣତା ଉପରେ ଆପଣଙ୍କର ସଚେତନତା ବଢିଥିବ ?ଟେଲିଭିଜନ ମନୋରଂଜନର ଖୋରକ ମଧ୍ୟ ଦେଇପାରିବ ଏବଂ ଏହି ପ୍ରକାରର ମାନସିକତା ଚାପରୁ ମୁକ୍ତି ପ୍ରଦାନ କରିବାରେ ଗୋଟିଏ ସାଧନ ହୋଇପାରିବ ।

***କାର୍ଯ୍ୟକଳାପ 13.3 :-***

*ସାମାଜିକ ବିଷୟ ଉପରେ ଆପଣଙ୍କର ସଚେତନତା ବୃଦ୍ଧିର ତିନୋଟି କାର୍ଯ୍ୟକ୍ରମ ସଂପର୍କରେ କୁହନ୍ତୁ ।*

ଆପଣ ଯେତେବେଳେ ଛୋଟ ପିଲାଥିଲେ ଟି.ଭି ବିଜ୍ଞାପନରେ ପ୍ରଦର୍ଶିତ କୌଣସି ଚକୋଲେଟ୍‌ର ବିଜ୍ଞାପନ ଦେଖି ବାପାମା'ଙ୍କୁ ତାକୁ ଦେବାପାଇଁ ଜିଦି କରିଥିଲେ ? ପୁଣି ଆପଣଙ୍କ ବାପାମା' କ'ଣ କଲେ ?





**(ଚିତ୍ର : 13.1 (କ) ପିଲାଟି ଟିଭିରେ ଚକୋଲେଟ୍‌ର ଏକ ନୂଆ ବିଜ୍ଞାପନ ଦେଖୁଥିବା ଦୃଶ୍ୟ**




**(ଚିତ୍ର : 13.1 (ଖ) ସେଇପିଲାଟି ବିଜ୍ଞାପନରେ ଦେଖିଥିବା ଚକୋଲେଟ୍‌କୁ ସପିଙ୍ଗ୍ ମଲରେ ଦେଖି ଜିଦି କରୁଥିବାର ଦୃଶ୍ୟ ।**

ବେପରବାହି ଭାବରେ ଟେଲିଭିଜନ୍ ଦେଖିବା ଏକ ନକରାତ୍ମକ ପ୍ରଭାବ ପକାଇଥାଏ । ଆପଣ କେବେ "କଇଁଚ ପୋଟାଟେ"ଶବ୍ଦ ଶୁଣିଛନ୍ତି ? ଏହା ସେହି ବ୍ୟକ୍ତିଙ୍କ ପାଇଁ ପ୍ରଜୁଯ୍ୟ ଅଟେ ଯେଉଁମାନେ ସେମାନଙ୍କର ଅଧିକାଂଶ ସମୟ ଟି.ଭି ପାଖରେ କଟାଇଥାନ୍ତି । ଆପଣ ଏଭଳି କିଛି "କଇଁଛ ପୋଟାଟୋ"କୁ ଜାଣିଛନ୍ତି କି ? ଅଧିକ ଟି.ଭି ଦେଖିବା ଫଳରେ ଆପଣଙ୍କର ଅନ୍ୟ କାର୍ଯ୍ୟ ପ୍ରତି ଆଗ୍ରହ କମିଯାଏ ଯେପରିକି ପାଠପଢା, ଖେଳକୁଦ, ନିଜର ବାପା ମା'ଙ୍କୁ କିଛି ଘରୋଇ କାମରେ ସାହାଯ୍ୟ କରିବା ଇତ୍ୟାଦି । ଯେହେତୁ ଟେଲିଭିଜନ୍ ଦେଖିବା ଏକ ଧିରକାର୍ଯ୍ୟ କିନ୍ତୁ ଏଥିରେ

ଶାରିରୀକ ପୃଥଳତା ଦେଖାଦିଏ । ଟେଲିଭିଜନ୍‌ରେ ଆସୁଥିବା ଆକର୍ଷଣୀୟ ବିଜ୍ଞାପନ ଲୋକମାନଙ୍କୁ ବିଭିନ୍ନ ଉତ୍ପାଦନ ଖରିଦ କରିବାପାଇଁ ଆକର୍ଷିତ କରିଥାଏ ।



(ଚିତ୍ର : 13.2)


ଟେଲିଭିଜନ ଦେଖିବାର ସମ୍ବନ୍ଧ ଗୋଟିଏ ଧାରାରେ ଏକ କଥାକୁ ପୁନରାବୃତ୍ତି ସଦୃଶ୍ୟ ସୃଷ୍ଟି ହୋଇଥାଏ । ମହିଳାଙ୍କ ଉପରେ ଆଧାରିତ କିଛି ଧାରାବାହିକ ଦେଖନ୍ତୁ ଏବଂ ଏହା ଜାଣିବାକୁ ଚେଷ୍ଟାକରନ୍ତୁ ନାୟିକାର ଅଧିକାଂଶ ସମୟ କେଉଁଠି ବ୍ୟତୀତ ହେଉଛି । ସମ୍ଭବତଃ ଆପଣଙ୍କୁ ଏହା ଜଣାପଡିବ ସେ ଅଧିକ ସମୟ ଘରେ ଅତିବାହିତ କରୁଛନ୍ତି । ଏହା ସେହି ଜିନିଷର ଅତି ଚତୁରତାର ସହ ପୁନରାବୃତ୍ତି କରୁଛି । ମହିଳାଙ୍କୁ ଅଧିକ ସମୟ ଘରେ ଅତିବାହିତ କରିବା ଦରକାର । ଆପଣ ହିନ୍ଦି କମେଡି ଧାରାବାହିକ "ମାଦ୍ରାସୀ"ର ଚିତ୍ରକଳା ଦେଖିଥିବେ । ଏହି ଚିତ୍ରଣରେ ଦକ୍ଷିଣ ଭାରତ ସହିତ କୌଣସି ସଂପର୍କ ନାହିଁ ।

***କାର୍ଯ୍ୟକଳାପ 13.4 :-***

*ଟେଲିଭିଜନର ଏପରି ଦୁଇଟି କାର୍ଯ୍ୟକ୍ରମ ଚିହ୍ନଟ କରନ୍ତୁ ଯେଉଁଥିରେ କଥା ପୁନରାବୃତ୍ତି ହୋଇଥିବ ।*

ଟେଲିଭିଜନରେ ପ୍ରସାରିତ ହେଉଥିବା ହିଂସା ତଥା ପିଲାମାନଙ୍କ ଉଗ୍ର ସ୍ୱଭାବ ମଧ୍ୟରେ ଥିବା ସଂପର୍କ ଉପରେ ଅନେକ ଅଧ୍ୟୟନ କରାଯାଇଛି ।

ଏହି ଅଧ୍ୟୟନରୁ ପ୍ରାପ୍ତ ତଥ୍ୟ ଭିତ୍ତିରେ ଗୋଟିଏ ସାଧାରଣ ଧାରଣା ହେଉଛି, ହିଂସା ଅଧିକ ଦେଖିବା ଯୋଗୁଁ ପିଲାମାନେ ଏହାକୁ ଏକ ସର୍ବଦା ବ୍ୟବହୃତ ଜିନିଷ ଭାବରେ ବୁଝୁଛନ୍ତି, ହିଂସକ କାର୍ଯ୍ୟକ୍ରମକୁ ଦେଖିବାର ସଂପର୍କ ବୟସ୍କ ଏବଂ ବାଳକ ଦୁହିଁଙ୍କର ଉଗ୍ରତା ରୂପ ସୃଷ୍ଟି ହୋଇଥାଏ । ଏଥିରୁ ମିଳିଛି




**(ଚିତ୍ର : 13.2 ହିଂସାତ୍ମକ ଦୃଶ୍ୟ ଦେଖୁଥିବାର ଚିତ୍ର)**

ଏସବୁ କାର୍ଯ୍ୟକ୍ରମ ପିଲାମାନଙ୍କ ଉପରେ ଅଧିକ ବିପରୀତ ପ୍ରଭାବ ପକାଉଛି ଯେପରି ହିଂସାତ୍ମକ, ଦାରିଦ୍ର୍ୟତା କିମ୍ବା ଅବହେଳିତ ଯାହାକି ସେମାନଙ୍କ ଜୀବନକୁ ଅତିଷ୍ଠ କରୁଛି ସେମାନେ ଲାଞ୍ଛିତର ଶିକାର ହେଉଛନ୍ତି ।

***କାର୍ଯ୍ୟକଳାପ 13.5 :-***

*ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଚାନେଲର ପ୍ରସାରିତ ହିଂସାତ୍ମକ କାର୍ଯ୍ୟର ମାତ୍ରା ପରିଲକ୍ଷିତ କରନ୍ତୁ ତଥା ନିଜ ସାଙ୍ଗଙ୍କ ସହିତ ଏ ବିଷୟରେ ଚର୍ଚ୍ଚା କରନ୍ତୁ ।*

ଟେଲିଭିଜନର କିଛି କାର୍ଯ୍ୟକ୍ରମ ପିଲାଙ୍କ ଭିତରେ ଭୟ ସୃଷ୍ଟି କରୁଅଛି ।



**(ଚିତ୍ର : 13.4 ଭୟର ଅଭିବ୍ୟକ୍ତି)**



ଟୀପ୍ପଣୀ

ଟେଲିଭିଜନ୍ ଠିକ୍ ଏହି ପରିଭାବରେ ନାହିଁ ଭଲନାହିଁ ଖରାପର ସରଳ ରେଖାରେ ରହିଅଛି । ଏହା ଗଣମାଧ୍ୟମର କେବଳ ଗୋଟିଏ ଅନ୍ୟମାଧ୍ୟମ ଅଟେ । ସକରାତ୍ମକ ତଥା ନକାରତ୍ମକ ପ୍ରଭାବ ଆମଦ୍ୱାରା କେତେଦୂର ଉପଯୋଗ ହେଉଛି ତା ଉପରେ ନିର୍ଭର କରୁଛି ।

**ପାଠ୍ୟଗତ ପ୍ରଶ୍ନ 13.4 :-**

ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅନ୍ତୁ ।

1. ପିଲାମାନଙ୍କ ଉପରେ ହିଂସାତ୍ମକ ଟେଲିଭିଜନ ସାମଗ୍ରୀର କ'ଣ ପ୍ରଭାବ ପଡୁଛି ?
2. ଟେଲିଭିଜନର ଦୁଇଟି ନକରାତ୍ମକ ପ୍ରଭାବ ବର୍ଣ୍ଣନା କରନ୍ତୁ ।
3. ନିମ୍ନଲିଖିତ ମଧ୍ୟରୁ କିଏ ଦୂରଦର୍ଶନର ନକରାତ୍ମକ ପକ୍ଷରେ ନାହିଁ ।
   କ) ମନୋରଂଜନ ପ୍ରଦାନ କରିଥାଏ ।
   ଖ) ଏଥିରେ ଅତ୍ୟଧିକ ହିଂସାତ୍ମକ ସାମଗ୍ରୀ ହୋଇଥାଇପାରେ ।
   ଗ) ଅଧିକ ଉପଭୋଗବାଦୀ ପ୍ରେରିତ କରିଥାଏ ।
4. ନିମ୍ନଲିଖିତ ବକ୍ତବ୍ୟ ଠିକ୍ ବା ଭୁଲ୍ କୁହନ୍ତୁ ।
   (i) କୌଣସି ଟେଲିଭିଜନ୍ କାର୍ଯ୍ୟକ୍ରମରୁ ଆପଣଙ୍କୁ ସୂଚନା ମିଳିପାରିବ ।
   (ii) ଟି.ଭିରେ ଅଧିକ ହିଂସା ଦେଖିବାଦ୍ୱାରା କିଛି ପିଲା ଉଗ୍ର ସ୍ୱଭାବ ଦ୍ୱାରା ପ୍ରେରିତ ହୋଇପାରନ୍ତି ।
   (iii) ଟି.ଭି ଦେଖିବାଦ୍ୱାରା ମେଦ ବହୁଳତା ହୋଇଥାଏ ।
   (iv) ମନୋରଂଜନ ଉପଲବ୍ଧ କରାଇବା ଟି.ଭିର ଏକମାତ୍ର ଉଦ୍ଦେଶ୍ୟ ଅଟେ ।
   v) ଟି.ଭି ଦେଖିବା ପିଲାମାନଙ୍କ ପାଇଁ ଖରାପ ହୋଇଥାଏ ।

## 13.5 ଦୂରଦର୍ଶନର କିଛି ନୂଆ ଉପକ୍ରମ

ଆମେ ଆମ ଜୀବନରେ ଦୂରଦର୍ଶନ ପ୍ରଭାବ ସମ୍ପର୍କରେ ବୁଝିଛୁ । ଏବେ ଆସନ୍ତୁ ଏହି କ୍ଷେତ୍ରରେ କିଛି ନୂଆ ପ୍ରଗତି ଉପରେ ନଜର ପକାଇବା । ଟିଭି ଦେଖିବାରେ ଆପଣ ଆଣ୍ଟିନା ଉପରେ ନିର୍ଭର କରନ୍ତି କି ? ଏହି ପରିସ୍ଥିତିରେ ଆପଣଙ୍କ ଟିଭି ଅନେକ ତଳସ୍ତରର ଯୋଗାଯୋଗ ଉପରେ ନିର୍ଭର କରେ । ଦୂରଦର୍ଶନରେ ଦେଖାଯାଉଥିବା ସାମଗ୍ରୀ ଅନେକ ପ୍ରକାରର ପ୍ରେରଣାର ଉତ୍ସଥାଏ । ଏହା ତଳସ୍ତରର ଯୋଗାଯୋଗ ଦ୍ୱାରା ମଧ୍ୟ ବିତରିତ ହୋଇଥାଏ । ଏହି ପଦ୍ଧତିରେ ଟିଭିର ସମ୍ପର୍କ ଆଣିବାକୁ ଉପଯୋଗ କରୁଥିବା ପ୍ରସାରକ ଟ୍ରାନ୍ସମିଟର ଦ୍ୱାରା ପ୍ରେରିତ ସିଗ୍ନାଲ ପାଇବାପାଇଁ କରାଯାଇଥାଏ । ଏହା ଟିଭି ପ୍ରସାରଣର ପାରମ୍ପରିକ ବିଧି ଅଟେ । ପ୍ରେରଣାର ଅନ୍ୟବ୍ୟବସ୍ଥା ମଧ୍ୟରେ କେବୁଲ ନେଟ୍‌ୱାର୍କ ତଥା



ଟୀପ୍ପଣୀ

ଉପଗ୍ରହ ମାଧ୍ୟମରେ ସିଧା ପ୍ରସାରଣର ମାଧ୍ୟମ ଦ୍ୱାରା ସିଗ୍‌ନାଲ ପଠାଇବା ସମ୍ମିଳିତ ଅଟେ ।

ଆପଣ କେବେ ଚିନ୍ତା କରିଛନ୍ତି ଆପଣଙ୍କ ଅଞ୍ଚଳରେ ଆପଣଙ୍କ କେବୁଲ ସଂଚାଳକ କିପରି ପ୍ରକାର ବିଭିନ୍ନ ଚ୍ୟାନେଲକୁ ଏକା ସାଙ୍ଗରେ ଆପଣଙ୍କ ପର୍ଯ୍ୟନ୍ତ ପଠାଇଥାଏ ? ଭାରତରେ କେବୁଲ ବିତରଣ ଏକ ଶୃଙ୍ଖଳାଗତ ବ୍ୟବସ୍ଥାକୁ ବୁଝାଯାଇଥାଏ ଯାହାକି ପ୍ରସାରକ ଦ୍ୱାରା କେବୁଲ ସଂଚାଳକଙ୍କୁ ପଠାଯାଉଥିବା ସିଗ୍‌ନାଲରୁ ଆରମ୍ଭ ହୋଇଥାଏ । ଏହାପରେ କେବୁଲ ସଂଚାଳକ ଏହି ସିଗ୍‌ନାଲକୁ ଆମ ଘର ପର୍ଯ୍ୟନ୍ତ ପୁନର୍ବାର ପଠାଇଥାନ୍ତି । ଏଥିମଧ୍ୟରେ ନିଃଶୁଳ୍କ(ଫ୍ରିଟୁଏୟାର) ତଥା ପଇଠ କରାଯାଉଥିବା(ପେ ଚ୍ୟାନେଲ)ହୋଇଥାଏ । ନିଃଶୁଳ୍କ ଚ୍ୟାନେଲ ପାଇଁ ପ୍ରସାରକ କେବୁଲ ସଂଚାଳକଙ୍କଠାରୁ କୌଣସି ପଇସା ନିଅନ୍ତିନାହିଁ । ଆଜତକ, ସାହାରା ତଥା ଟାଇମ୍‌ସ ନାମରେ କିଛି ନିଃଶୁଳ୍କ ଚ୍ୟାନେଲ୍ ଅଟନ୍ତି । ପେ'ଚ୍ୟାନେଲ ଯେପରିକି ସୋନି ଏବଂ ଷ୍ଟାର ପ୍ଲସ ପ୍ରତି ଗ୍ରାହକଙ୍କଠାରୁ ମାସରେ ଏକ ନିର୍ଦ୍ଧାରିତ ଅର୍ଥ ପ୍ରାପ୍ତ କରିଥାଏ ।

ଟିଭି ସେଟ୍‌କୁ ରଖିବାପାଇଁ ଆପଣଙ୍କ ଘରେ ସବୁଠାରୁ ଭଲ ଜାଗା କେଉଁଟା ଅଟେ ? ଏହା ସେହି କକ୍ଷ ଯେଉଁଠାରେ ଆପଣ ରଖନ୍ତି, ଏବେ ଗୋଟିଏ ନୂଆ ସ୍ଥାନ ଆସିଲା ପରେ ଏହି ଜାଗାକୁ ଆପଣ ସବୁଦିନ ପାଇଁ ବଦଳାଉଛନ୍ତି । ନିଜ ମୋବାଇଲ ଫୋନ୍‌ରେ ନିଜ ପସନ୍ଦର ଚାନେଲ ଦେଖିବା କିପରି ଲାଗିବ ? ଏହା ଭାରତରେ ଏକ ବାସ୍ତବିକ ଛବି ହୋଇଗଲାଣି । ଏପରି ଭାବରେ ଆପଣ ଯାତ୍ରା କରୁଥିବା ସମୟରେ ମଧ୍ୟ ନିଜର ଅତିପ୍ରିୟ କାର୍ଯ୍ୟକ୍ରମକୁ ମଧ୍ୟ ଦେଖିପାରିବେ ।

**କ'ଣ ଆପଣ ଜାଣିଛନ୍ତି କି ?**

*ବର୍ତ୍ତମାନ ଆଣ୍ଟିନା ପରିଚାଳିତ କାର ମଧ୍ୟ ଆସିଛି ଯେଉଁଥିରେ ଆପଣ କାର ଭିତରେ ଟିଭିର କିଛି ଚାନେଲ ମଧ୍ୟ ଦେଖିପାରିବେ ।*

ଆହୁରି ଏକ ଅଧିକ ରୁଚିକର କୌଶଳ ଇଣ୍ଟରନେଟ୍ କ୍ରୋଟ୍ କଲ୍ ଟେଲିଭିଜନ(ଆଇପିଟିଭି) ଯାହା ଆପଣଙ୍କ ପାଇଁ କମ୍ପ୍ୟୁଟର ତଥା ମୋବାଇଲ ଫୋନରେ ଟିଭି ଦେଖିବା ସମ୍ଭବ କରିପାରିଛି । ଏଥିରେ ଉପଭୋକ୍ତା ଏହି ଉଦ୍ଦେଶ୍ୟପାଇଁ ଉପଲବ୍ଧ କରାଯାଇଥିବା ଗୋଟିଏ ସେଟଅପ୍ ବକ୍ସ ତଥା ଗୋଟିଏ ଇଣ୍ଟରନେଟ୍ କନେକ୍‌ସନ୍ ସହାୟତାରେ ଟିଭି ଦେଖିପାରନ୍ତି, କାର୍ଯ୍ୟକ୍ରମକୁ ରେକର୍ଡିଂ କରିପାରିଥାନ୍ତି ତଥା ନିଜର ଅନୁଭୂତିକୁ ନିଜ ସାଙ୍ଗଙ୍କ ସହିତ ବାଣ୍ଟି ପାରନ୍ତି ଯେଉଁ ପଦ୍ଧତିରେ ଗୋଟିଏ ମୋବାଇଲ୍ ଫୋନ୍‌ର ବ୍ୟବହାର କାର୍ଯ୍ୟକ୍ରମକୁ ରେକର୍ଡିଂ କରିବାର ଯୋଜନା ତିଆରି ପାଇଁ କରାଯାଇଥାଏ । ଏଥିରେ ଉପଭୋକ୍ତାଙ୍କୁ ଅଧିକ ବିକଳ୍ପ ନିୟନ୍ତ୍ରଣ ତଥା ସୁବିଧା ମିଳିଥାଏ । କେତେକ ପ୍ରମୁଖ ଭାରତୀୟ ଟେଲିଭିଜନ ଚାନେଲ ନିଜର ୱେବ୍‌ସାଇଟ୍ ମାଧ୍ୟମରେ ନିଜ କାର୍ଯ୍ୟକ୍ରମର ଭିଡିଓ କ୍ଲିପ୍ ଉପଲବ୍ଧ କରାଇଥାନ୍ତି ।

ଟୀପ୍ପଣୀ

ଆପଣଙ୍କ ପାଖ ପଡୋଶରେ କୌଣସି ସାଇବର କେଫ୍ ଅଛି କି ? ଆପଣ ସେଠାକୁ ଇଣ୍ଟରନେଟ୍‌ରେ କିଛି ଦେଖାଇବାପାଇଁ ବା ଜାଣିବାପାଇଁ କେବେ ଯାଇଛନ୍ତି କି ? ଯଦି ଆପଣ କମ୍ପ୍ୟୁଟର ସହିତ ପରିଚିତ ନୁହଁନ୍ତି ଆପଣଙ୍କୁ ସାଇବର କେଫ୍‌କୁ ଯିବାପାଇଁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖିବା ଦରକାର । ଇଣ୍ଟରନେଟ୍ ବା ନୂଆ ମାଧ୍ୟମରେ ପ୍ରେରଣର ନୂଆ ଦୁନିଆ ବା ରାସ୍ତା ଖୋଲାଯାଇଛି । ଏହି ନୂଆ ମାଧ୍ୟମ ଟେଲିଭିଜନ ପାଇଁ ଏକ ବାଜିମାତ୍ ହେବାକୁ ଯାଉଛି । ଆପଣ ଜାଣିଛନ୍ତି ବିକଶିତ ଦେଶରେ ଅନେକ ଯୁବକ ଟିଭି ସେଟ୍ ଆଗରେ ନ ବସିବା ଅପେକ୍ଷା ଇଣ୍ଟରନେଟ୍‌ରେ ଅଧିକ ସମୟ ବିତାଉଛନ୍ତି । ନୂଆ ମାଧ୍ୟମ ଦ୍ୱାରା ଶ୍ରୋତାଙ୍କର ଅଧିକ ସଂଖ୍ୟାରେ ମିଳିତ ସହଯୋଗ ସମ୍ଭବ ହେଉଅଛି । ନୂଆ ମାଧ୍ୟମ ବିଷୟରେ ଆପଣ ଏହି ବିଭାଗରେ ଆହୁରି ଅଧିକ ଶିଖିବେ । ଇଣ୍ଟରନେଟ୍ ଦ୍ୱାରା ଆସିଥିବା ବାଜିମାତ୍‌କୁ ସମ୍ମୁଖୀନ କରିବାପାଇଁ ଟିଭି ନିଜର ରାସ୍ତା ବାଛିନେଇଛି । ଦର୍ଶକଙ୍କ ଉପରେ ଆଧାରିତ କାର୍ଯ୍ୟକ୍ରମ ଯେଉଁଥିରେ ଦର୍ଶକମାନେ ମଧ୍ୟ ବିଜେତା ନିର୍ଣ୍ଣୟ କରନ୍ତି ଏହାର ଏକ ଉଦାହରଣ ଅଟେ । ଆପଣଙ୍କ ମାଆଙ୍କୁ ପଚାରନ୍ତୁ ପନ୍ଦର ବର୍ଷ ପୂର୍ବେ ଭାରତୀୟ ଟିଭିରେ ଏପରି କୌଣସି କ୍ରମ ଥିଲା କି ? ଏହାର ଉତ୍ତରରେ ଆପଣ ପାଇବେ ନା । ଏହା ଏଥିପାଇଁ ନୂଆମାଧ୍ୟମ ମିଡିଆ ଦୃଶ୍ୟପଟ୍ଟରେ ଏହି ମାତ୍ର ମିଳିତ ହୋଇଅଛି ଏବଂ ଅତୀତରେ ଟେଲିଭିଜନର ସମକକ୍ଷ ଏପରି କୌଣସି ଦୌଡ ନଥିଲା । ବାସ୍ତବିକ (ରିୟଲିଟି) କାର୍ଯ୍ୟକ୍ରମ ଟେଲିଭିଜନର ଅନ୍ୟ ଏକ ଉପକ୍ରମ ଅଟେ । ଆପଣ ଇଣ୍ଡିଆନ୍ ଆଇଡିଲ୍, ବିଗ୍‌ବସ୍ ଏବଂ ସାରେଗାମାପା ଭଳି କାର୍ଯ୍ୟକ୍ରମ ଦେଖିଛନ୍ତି କି ? ଏହି ଗୁଡିକ ହେଉଛି ରିଅଲିଟି ଟେଲିଭିଜନ କାର୍ଯ୍ୟକ୍ରମର ଉଦାହରଣ ।

### ପାଠ୍ୟଗତ ପ୍ରଶ୍ନ 13.5 :-

(1) ଆଇପିଟିଭି କ'ଣ ଅଟେ ?

(2) ପେ'ଚାନେଲ କ'ଣ ଅଟେ ?

(3) ନିମ୍ନଲିଖିତ ମଧ୍ୟରୁ କେଉଁ ଟିଭି ପ୍ରସାରଣ ପାରମ୍ପରିକ ପଦ୍ଧତି ଅଟେ ?

(i) ତଳସ୍ତରର ଯୋଗାଯୋଗ

(ii) ଆପିଟିଭି

(iii) ଏଚ୍ ଟିଭି

(iv) ମୋବାଇଲ ଟିଭି ପ୍ରସାରଣ

(4) ଉପଯୁକ୍ତ ଶବ୍ଦମାନଙ୍କ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(i) ______ଫ୍ରି ଯୁଏୟାର ଚ୍ୟାନେଲର ଏକ ଉଦାହରଣ ଅଟେ ।

(ii) ମୋବାଇଲ ଟିଭି ପ୍ରସାରଣ ଏକ _______ ଅଟେ ।

(iii) __________ଟେଲିଭିଜନର ଏକ କ୍ଷତି ଅଟେ ।

(iv) ___________ଏକ ଇଣ୍ଟର ଆକ୍ଟିଭ୍ ମାଧ୍ୟମ ଅଟେ ।

## 13.6 ଆପଣ କ'ଣ ଶିକ୍ଷାକଲେ

→ ଦୂରଦର୍ଶନର ପ୍ରବର୍ତ୍ତନ

- ଦୂରଦର୍ଶନର ଜନକ
- ପ୍ରଥମ ଦୂରଦର୍ଶନ ସେବା ବି.ବି.ସି.
- କଳାଧଳା ସେବା
- ରଂଗୀନ ପ୍ରସାରଣ

→ ଭାରତରେ ଟେଲିଭିଜନର ଇତିହାସ

- ଏଆଇଆରର ଏକ ଅଂଶ ହିସାବରେ ଟେଲିଭିଜନ
- ଦୂରଦର୍ଶନର ସ୍ଥାପନା
- ଡିଡିଦ୍ୱାରା ପ୍ରଥମ ଜାତୀୟ ପ୍ରସାରଣ
- "ପ୍ରସାର ଭାରତୀ"ର ସ୍ଥାପନା

→ ନିଜସ୍ୱ ଟେଲିଭିଜନ ଚ୍ୟାନେଲର ପ୍ରବର୍ତ୍ତନ

- ଉପଗ୍ରହ ଯୋଗାଯୋଗ
- ଷ୍ଟାର ଟିଭିର ପ୍ରବେଶ

→ ଆମର ଦୈନନ୍ଦିନ ଜୀବନରେ ଟେଲିଭିଜନର ପ୍ରଭାବ

- ସୂଚନା ଚ୍ୟାନେଲ
- ଶୈକ୍ଷିକ ଚ୍ୟାନେଲ
- ମନୋରଂଜନ ଚ୍ୟାନେଲ
- ହିଂସାତ୍ମକ ପ୍ରଦର୍ଶନ
- କଥା ପୁନରାବୃତ୍ତିର ଆରମ୍ଭ

- ଭୟ ସୃଷ୍ଟି

→ ଟେଲିଭିଜନର ନୂଆ ଧାରା

- କେବୁଲ୍ ନେଟ୍‌ୱାର୍କ
- ସିଧା ପ୍ରସାରଣ
- ଇଣ୍ଟରନେଟ୍ ପ୍ରୋଟୋକଲ୍ ଟେଲିଭିଜନ

## 13.7 ପାଠ୍ୟାନ୍ତ ପ୍ରଶ୍ନ

(1) ଭାରତୀୟ ଟେଲିଭିଜନ ଇତିହାସରେ ତିନି ମାଇଲ ଖୁଣ୍ଟର  ଅବଧାରଣା କରନ୍ତୁ ।

(2) ଆମର ଦୈନନ୍ଦିନ ଜୀବନକୁ ଟେଲିଭିଜନ କିପରି ପ୍ରଭାବିତ କରୁଛି ?

(3) ଟେଲିଭିଜନ୍‌ର ନୂଆ ଧାରାକୁ ବୁଝାଇ କୁହନ୍ତୁ ।

(4) ଟେଲିଭିଜନ୍‌ର ଆବିଷ୍କାରରେ ପ୍ରମୁଖ ଘଟଣାଗୁଡିକୁ ଚିହ୍ନଟ କରନ୍ତି ।

## 13.8 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

**13.1** (1) ଜନ୍ ବେଅର୍ଡ

(2) ବ୍ରିଟିଶ ବ୍ରଡକାଷ୍ଟିଙ୍ଗ୍ କର୍ପୋରେସନ୍(ବିବିସି)

(3) 1953

(4) (i) 2, (ii) a, (iii) a

**13.2** (1) ସାଟେଲାଇଟ୍ ଇନ୍‌ଷ୍ଟ୍ରକସନାଲ ଟେଲିଭିଜନ ଏକ୍ସପେରିମେଣ୍ଟ

(2) ଅଧ୍ୟାୟ 13.2 ଦେଖନ୍ତୁ

(3) ଅଧ୍ୟାୟ 13.2 ଦେଖନ୍ତୁ

(4) (i) a, (ii) b, (iii) d (iv)a

**13.3** (1) ଅଧ୍ୟାୟ 13.3 ଦେଖନ୍ତୁ

(2) ଆମେରିକାର ସମ୍ବାଦ ଚ୍ୟାନେଲ ସିଏନ୍‌ଏନ୍ ଦ୍ୱାରା ଗଲଫ ଯୁଦ୍ଧର ପ୍ରସାରଣ

(3) (i) ଜୀ

(ii) କେରଳ

(iii) ସାଟେଲାଇଟ୍ ଟେଲିଭିଜନ ଏସିଆନ ରିଜନ୍

(iv) ଦୂରଦର୍ଶନ



ଟୀପ୍‌ପଣୀ

(v) ଟାଇମ୍‌ସ ନ୍ୟୁ

(vi) ଅନ୍ୟାନ୍ୟ

**13.4** (1) ଅଧ୍ୟାୟ 13.4 ଦେଖନ୍ତୁ

(2) ସୂଚନା ତଥା ଶିକ୍ଷାଦେବା

(3) (a) ମନୋରଂଜନ ପ୍ରଦାନ କରିଥାଏ

(4) (i) ଭୁଲ୍ (ii) ଠିକ୍ (iii) ଭୁଲ (iv) ଭୁଲ, (v) ଭୁଲ

**13.5** (1) ଅଧ୍ୟାୟ 13.5 ଦେଖନ୍ତୁ

(2) ଅଧ୍ୟାୟ 13.5 ଦେଖନ୍ତୁ

(3) (i) ସ୍ଥାନୀୟ ପ୍ରସାରଣ

(4) (i) ଆଜତକ ଅନ୍ୟାନ୍ୟ

(ii) ନୂତନ ଟେଲିଭିଜନ ସାମଗ୍ରୀ ଦେବାର ଦ୍ରବ୍ୟ

(iii) ବିଳମ୍ବିତ ଫିଡ୍‌ବ୍ୟାକ୍

(iv) ନୂଆ ମାଧ୍ୟମ

ଟୀପ୍‌ପଣୀ

# ୧୪

# ଗଣମାଧ୍ୟମର ଏକ ରୂପରେ ଟେଲିଭିଜନ୍‌ର ଭୂମିକା

ଆପଣ କେତେ ଟେଲିଭିଜନ୍ ଦେଖନ୍ତି ? ଆମ ଭିତରୁ କେତେକ ଟେଲିଭିଜନ୍ ବିନା ଏ ଦୁନିଆର କଳ୍ପନା କରି ପାରନ୍ତି ନାହିଁ । ନିଃସନ୍ଦେହରେ ଏହା ସର୍ବାଧିକ ଲୋକପ୍ରିୟ ଆବିଷ୍କାର ମାନଙ୍କ ମଧ୍ୟରେ ଗୋଟିଏ ଅଟେ । ଆପଣଙ୍କର ମଧ୍ୟ ପସନ୍ଦର କାର୍ଯ୍ୟକ୍ରମ ଥିବ । ଆପଣ କେବେ ଚିନ୍ତା କରିଛନ୍ତି କେଉଁ କାରଣରୁ ଆପଣଙ୍କର ଏହି ପସନ୍ଦର କାର୍ଯ୍ୟକ୍ରମ ଏତେ ରୂଚିପୂର୍ଣ୍ଣ ହୋଇଯାଏ ? ଗୋଟିଏ ମାଧ୍ୟମ ରୂପରେ ଟେଲିଭିଜନର ବିଶେଷତ୍ୱ କ'ଣ ଅଟେ ? ଏହାର ଭଲଗୁଣ ଏବଂ ଦୁର୍ଗୁଣ କ'ଣ ? ଏହାର କାମ କ'ଣ ? ଏହି ପାଠରେ ଏହି ସମସ୍ତ ପ୍ରଶ୍ନର କିଛି ଉତ୍ତର ଦେବାପାଇଁ ପ୍ରୟାସ କରାଯାଉଛି ।

**ଉଦ୍ଦେଶ୍ୟ**

ଏହି ପାଠର ଅଧ୍ୟୟନ ପରେ ଆପଣ ନିମ୍ନଲିଖିତ କାର୍ଯ୍ୟପାଇଁ ସକ୍ଷମ ହେବେ ?-

- ଟେଲିଭିଜନର ବିଶେଷତ୍ୱର ପରିଚୟ
- ଗଣମାଧ୍ୟମର ଅନ୍ୟାନ୍ୟ ମାଧ୍ୟମ ଯେପରି ମୁଦ୍ରଣ, ରେଡିଓ ଏବଂ ନୂଆ ମାଧ୍ୟମଠାରୁ କିଭଳି ଭାବରେ ଟେଲିଭିଜନ ଅଲଗା ଅଟେ ତା'ର ବର୍ଣ୍ଣନା
- ଟେଲିଭିଜନର ଗୁଣ ତଥା ସୀମା ଗୁଡ଼ିକର ଆଲୋଚନା
- ଟେଲିଭିଜନର କାର୍ଯ୍ୟକାରୀତାର ସୂଚୀ

## 14.1 ଏକ ମାଧ୍ୟମ ରୂପରେ ଟେଲିଭିଜନର ବିଶେଷତ୍ୱ


ଟେଲିଭିଜନରେ କ୍ରିକେଟଖେଳ ଦେଖିବାବେଳେ ଆପଣଙ୍କୁ କିପରି ଲାଗେ ? ଏହା କ'ଣ ଷ୍ଟାଡିୟମରେ ଏକାଠି ଭଳି ନୁହେଁ କି ? ଏହା ପରଦିନ ସମ୍ବାଦପତ୍ରରେ ଏହି ମ୍ୟାଚ ଉପରେ ପଢିବା ବା ରେଡିଓରେ ଆଖିଦେଖା ପରିସ୍ଥିତି ଶୁଣିବାଠାରୁ ପୁରା ଅଲଗା ଅନୁଭବ ଅଟେ । କେଉଁ କାରଣରୁ ଟିଭିରେ କ୍ରିକେଟ୍ ମ୍ୟାଚ୍ ଅଧିକ ରୋମାଞ୍ଚକର ହୋଇଉଠେ ।

ଯେପରି ରେଡିଓରେ କେବଳ ଧ୍ୱନି ଥାଏ ସେହିଭଳି ଟିଭିରେ ଦୃଶ୍ୟ ସହିତ ଧ୍ୱନି ଦୁଇଟି ଯାକ ଥାଏ । ଟେଲିଭିଜନରେ ଏହି ଦୃଶ୍ୟ-ଶ୍ରାବ୍ୟ ଚରିତ୍ର ଏହାକୁ ଅଧିକ ରୋମାଞ୍ଚପୂର୍ଣ୍ଣ ମାଧ୍ୟମ କରିଦିଏ ଯାହା ଆମକୁ ବୈଠକ ଖାନାରେ ବସି ବିଶ୍ୱ ବ୍ରହ୍ମାଣ୍ଡ ଦର୍ଶନ କରାଇଥାଏ ।



ଟୀପ୍‌ପଣୀ

ଆପଣଙ୍କ ମନେଥିବ କିପରି ସଚିନ୍ ଏକ ନିର୍ଣ୍ଣୟାତ୍ମକ ମ୍ୟାଚରେ ଗୋଟିଏ ଛକା ମାରିଥିଲେ । ଏଥିରେ ଅନେକଙ୍କ ପାଇଁ "ଦେଖିବା ହିଁ ବିଶ୍ୱାସନୀୟ" ଅଟେ । ଏହି ସଶକ୍ତ ଦୃଶ୍ୟ ପ୍ରକୃତି ଟିଭିକୁ ଆମର ମସ୍ତିଷ୍କରେ ସ୍ପଷ୍ଟ ପ୍ରଭାବ ପକାଇବାରେ ସହାୟକ କରିଥାଏ ଯାହା ପରବର୍ତ୍ତୀ ଅବସ୍ଥାରେ ଭାବାତ୍ମକ ରୂପରେ ଆମକୁ ଏଥିରେ ମିଶାଇ ଦେଇଥାଏ । ଦୃଶ୍ୟ-ଶ୍ରାବ୍ୟଗୁଣ ଟିଭିର ଛବିଗୁଡିକୁ ଅଧିକ ସ୍ମରଣୀୟ ଯୋଗ୍ୟ ଭାବେ ତିଆରି କରେ ।




**(ଚିତ୍ର : 14.1 ଟେଲିଭିଜନ ଏକ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ ଅଟେ)**

ଟି.ଭି ଦେଖିବା ମୁଭି ଦେଖିବାଠାରୁ କେଉଁ ପ୍ରକାର ଅଲଗା ଅଟେ ? ଟି.ଭି ଦେଖିବାପାଇଁ ଆପଣଙ୍କୁ ଆପଣଙ୍କର ବୈଠକ ଘର ଛାଡିବା ଦରକାର ନଥାଏ । ସିନେମା ଘରକୁ ଯାଇ ଟିକେଟ କିଣିବା ଦରକାର ନଥାଏ । ଆପଣ ଆପଣଙ୍କ ପରିବାର ସହିତ ଆରାମରେ ବସି ଘରେ ଟି.ଭି ଦେଖିପାରିବେ । ଏଥିପାଇଁ ସାଧାରଣତଃ ଟେଲିଭିଜନକୁ ଏକ ଘରୋଇ ମାଧ୍ୟମ ଭାବରେ ଗଣାଯାଉଛି ।

ଏହା ଆମକୁ ଆମ ଘରେ ସୂଚନା ତଥା ମନୋରଂଜନ ଉପଲବ୍ଧ କରାଇଥାଏ ଏବଂ ଏହିପରି ଭାବରେ ଏହା ଆମର ଦୈନିକ ଜୀବନର ଏକ ଅଭିନ୍ନ ଅଂଗ ହୋଇଯାଇଛି । ବାସ୍ତବରେ ଏହା ଆମର ଦୈନିକ ଗତିବିଧିକୁ ପ୍ରସ୍ତୁତ କରିପାରିବ ।

କ'ଣ ଆପଣଙ୍କ ପରିବାର ଯୋଜନାବଦ୍ଧ ଭାବରେ ଗୋଟିଏ ସମୟରେ ନିଜର ପ୍ରିୟ ଧାରାବାହିକ ଦେଖନ୍ତି ତଥା ଏହିପରି ଭାବରେ ରାତିର ଖାଦ୍ୟ ଖାଇବାର ସମୟ ମଧ୍ୟ ନିର୍ଦ୍ଧାରିତ ହୋଇଥାଏ କି ? ଟିଭିର ଏହି ଘରୋଇ ସ୍ୱଭାବ ଏହାର ସାମଗ୍ରୀକୁ ମଧ୍ ପ୍ରଭାବିତ କରିଥାଏ । ଯେଉଁ ଟେଲିଭିଜନ ରିପୋର୍ଟର ପ୍ରକୃତି ଅବ୍ୟକ୍ତି ବାଚକ ଅଟେ ସେଠାରେ ଟିଭି ଘୋଷକ ଦର୍ଶକ ମାନଙ୍କୁ ସଂବୋଧିତ କରନ୍ତି

ଏହାକୁ ଆପଣ କେବେ ଧ୍ୟାନ ଦେଇଛନ୍ତି । ଟିଭିର ଏହି ଘରୋଇ ସ୍ୱଭାବ ଏହାକୁ ଏକ ଅନ୍ତରଂଗ ମାଧ୍ୟମ କରିଦିଏ । ଏଥିରେ ଦର୍ଶକ କାର୍ଯ୍ୟକ୍ରମର ଘୋଷକ ସହିତ ତଥା ଧାରାବାହିକ ଚରିତ୍ରଙ୍କ ସହିତ ଅତି ନିକଟତର ସ୍ୱଭାବ ଅନୁଭବ କରିଥା'ନ୍ତି ।





**(ଚିତ୍ର : 14.2 ଟେଲିଭିଜନ ଏକକ ଘରୋଇ ମାଧ୍ୟମ ଅଟେ)**

ଯଦି ଆପଣଙ୍କୁ ଖବର ମିଳିଲା ପଡୋଶୀ ସହରରେ ଗୋଟିଏ ବୋମା ବିସ୍ଫୋରଣ ହୋଇଛି ଆପଣ କ'ଣ କରିବେ ? ଅଧିକ ସୂଚନା ପାଇବାପାଇଁ ଆପଣ ଟି.ଭି ଦେଖିବେ । କେବଳ ଏଥିପାଇଁ ଟେଲିଭିଜନ ନିଜର ସଜୀବ ପ୍ରକୃତିର କାରଣରୁ ଆପଣଙ୍କୁ ସେହି ବିସ୍ଫୋରଣ ଖବରର ଦୃଶ୍ୟ ତଥା ତତ୍‌ସଂପର୍କୀୟ ସୂଚନା ତୁରନ୍ତ ଦେଇପାରିବ । ସୁତରାଂ ଟେଲିଭିଜନର ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ବିଶେଷତ୍ୱ ଏହା ଏକ ସଜୀବ ମାଧ୍ୟମ ହେବାର ଯୋଗ୍ୟତା ରଖିଥାଏ । କ୍ଷଣିକ ମଧ୍ୟରେ ଇଣ୍ଡୋନେସିଆରେ ଆସିଥିବା ଭୂମିକମ୍ପର ଦୃଶ୍ୟ ଆପଣଙ୍କ ଟିଭି ସେଟ୍‌ରେ ପହଞ୍ଚି ଯାଇଥାଏ । ଏହି ମାଧ୍ୟମର କ୍ଷମତା ଏହାକୁ ସମ୍ବାଦର ସଜୀବ ଦୃଶ୍ୟ ତଥା ଖେଳକୁଦର ପରିସ୍ଥିତି ଆପଣଙ୍କ ପର୍ଯ୍ୟନ୍ତ ପଠାଇବା ପାଇଁ ଆଦର୍ଶ ଭାବେ ଗ୍ରହଣ କରିଥାଏ । ଯଦି ଆପଣ ଟିଭି ଚାନେଲରେ ଗୋଟିଏ ଫୁଟବଲ ମ୍ୟାଚ୍ ଦେଖୁଥାନ୍ତି ଆପଣ ମୋଟାମୋଟି ଯେତେଶୀଘ୍ର ସମ୍ଭବ ଆପଣଙ୍କ ପସନ୍ଦର ଦଳ ଦ୍ୱାରା କରାଯାଇଥିବା ଗୋଲ ମଧ୍ୟ ଦେଖିପାରିବେ । ଅନ୍ୟପକ୍ଷରେ ଆପଣ ତା'ପରଦିନ ସମ୍ବାଦପତ୍ରରେ ଏହି ମ୍ୟାଚ୍ ବିଷୟରେ କେବଳ ପଢିପାରିବେ । ଟେଲିଭିଜନ ଆପଣଙ୍କୁ ସେହି ଘଟଣା ଦେଖାଏ ଯାହାକି ହଜାର ହଜାର ମାଇଲ ଦୂରରେ ଘଟିଥାଏ ।




ଟୀପ୍‌ପଣୀ




**(ଚିତ୍ର : 14.3 ଟେଲିଭିଜନ ଏକ ସାଜୀବ ମାଧ୍ୟମ ଅଟେ)**

ଆମେ ସବୁ ଜାଣିଛେ ବହୁ ବଡ ସଂଖ୍ୟାରେ ଲୋକ ଲେଖିବା, ପଢିବା ଜାଣନ୍ତିନାହିଁ । ଏଭଳି ଲୋକମାନେ ସମ୍ବାଦପତ୍ର ପଢିପାରନ୍ତି ନାହିଁ କିନ୍ତୁ ଦୂରଦର୍ଶନ ଦେଖିଜାଣି ପାରନ୍ତି । ଯଦି କାହା ପାଖରେ ଟେଲିଭିଜନ ରିସିଭର ଥାଏ ତେବେ ସେ ଏଥିରେ ପ୍ରଦର୍ଶିତ ସୂଚନା ମଧ୍ୟ ପ୍ରାପ୍ତ କରିଥାଏ ।

ସେ ଏହାକୁ ଗୋଟିଏ ବଡ ସଂଖ୍ୟାର ଦର୍ଶକଙ୍କ ପାଖରେ ସନ୍ଦେଶ ବାର୍ତ୍ତା ପହଞ୍ଚାଇବା ପାଇଁ ନିଜକୁ ଏକ ଆଦର୍ଶ ମାଧ୍ୟମ ଭାବରେ ତିଆରି କରିଥାଏ ।




**(ଚିତ୍ର : 14.4 ଟେଲିଭିଜନ ଏକ ଗଣମାଧ୍ୟମ ଅଟେ)**

ବିଶାଳ ନିରକ୍ଷର ଜନସଂଖ୍ୟା ବିଶିଷ୍ଟ ଦେଶ ଭାବରେ ଟେଲିଭିଜନର ଏହି ବିଶେଷତ୍ୱ ଏହାକୁ ସାମାଜିକ ବାର୍ତ୍ତା ପ୍ରେରଣ କରିବାରେ ଏକ ଆଦର୍ଶ ଉପକରଣ ଭାବେ ତିଆରି କରଥାଏ । ଦୂରଦର୍ଶନର ଉତ୍ପାଦନ ଏହାର ବିସ୍ତାରଣ ତଥା ପହଁଞ୍ଚିବାର କ୍ଷମତା ବିସ୍ତୃତ ଅଟେ । ଏହା ବାସ୍ତବରେ ଗୋଟିଏ ଗଣମାଧ୍ୟମ ।


ଟୀପ୍‌ପଣୀ

***କାର୍ଯ୍ୟକଳାପ 14.1 :-***

*ଏହା ଜାଣିବାପାଇଁ ଆପଣଙ୍କ ପଡୋଶୀର ଲୋକ କେତେ ସମୟ ଟେଲିଭିଜନ ଦେଖନ୍ତି ଏହାର ଏକ ସର୍ବେକ୍ଷଣ କରନ୍ତୁ ।*

ଆପଣ ସବୁଦିନେ ସକାଳ ସମ୍ବାଦପତ୍ର ପଢନ୍ତି କି ? କ'ଣ ହୋଇଥାଏ ଆପଣଙ୍କୁ ସକାଳ ସମୟ ନ ମିଳିଲେ ? ଆପଣ ଏହାକୁ ଯେତେବେଳେ ସମୟମିଳେ ପଢିପାରନ୍ତି । କିନ୍ତୁ କ'ଣ ହୋଇଥାଏ ଆପଣ ଯେତେବେଳେ ଆପଣଙ୍କ ପସନ୍ଦର ଟେଲିଭିଜନ୍ ଧାରାବାହିକର ଗୋଟିଏ ଏପିସୋଡ୍‌କୁ ଦେଖିପାରନ୍ତି ନାହିଁ । ଯେଉଁ ପର୍ଯ୍ୟନ୍ତ କି ଆପଣ ଏହି କାର୍ଯ୍ୟକ୍ରମକୁ ରେକର୍ଡିଂ କରିବାର ବ୍ୟବସ୍ଥା ମଧ କରିନଥାନ୍ତି । ଆପଣଙ୍କୁ ଏହି କାହାଣୀ ଅନ୍ୟଠାରୁ ଶୁଣି ସନ୍ତୁଷ୍ଟ ହେବାକୁ ପଡିଥାଏ ।


ଅଧିକ କାର୍ଯ୍ୟକ୍ରମ ନିର୍ମାଣ ତଥା ସ୍ଥାୟୀତ୍ୱ ନହେବାରୁ ଦର୍ଶକଙ୍କ ଦ୍ୱାରା ଟେଲିଭିଜନ କାର୍ଯ୍ୟକ୍ରମ ରେକର୍ଡିଂ କରିବା ସହଜସାଧ୍ୟ ହୋଇନଥାଏ । ବ୍ୟବସାୟିକ ଦୃଷ୍ଟିରୁ ଟେଲିଭିଜନରେ ଆସୁଥିବା ସମସ୍ତ କାର୍ଯ୍ୟକ୍ରମକୁ ରେକର୍ଡିଂ କରିବା ଅସମ୍ଭବ ଅଟେ । ତେଣୁ ସାଧାରଣ ଭାବରେ ଟେଲିଭିଜନକୁ ଅସ୍ଥାୟୀ ମାଧମ ଭାବେ ଗ୍ରହଣ କରାଯାଇଥାଏ ।




**(ଚିତ୍ର : 14.5 ଟେଲିଭିଜନ ଗୋଟିଏ ଅସ୍ଥାୟୀ ମାଧମ ଅଟେ)**


ଆପଣ କେବେ କୌଣସି ଟେଲିଭିଜନ କେନ୍ଦ୍ରକୁ ଯାଇଛନ୍ତି କି ? ଆପଣ ଏହା ଜାଣିକରି ଆଶ୍ଚର୍ଯ୍ୟ ହୋଇଯିବେ, ଟେଲିଭିଜନ କେନ୍ଦ୍ର ଚଳାଇବା ପାଇଁ କେତେ ଅଧିକ ଯନ୍ତ୍ରପାତି ଏବଂ କେତେ ବିଶେଷଜ୍ଞଙ୍କ ଜରୁରୀ ଆବଶ୍ୟକ ହୋଇଥାଏ । ଆପଣ ଏବଂ ଆପଣଙ୍କ ସାଙ୍ଗ ହାତଲେଖା କୌଣସିକୁ ଏକ ପତ୍ରିକା ତିଆରି କରିବାରେ ଚେଷ୍ଟା କରିଛନ୍ତି କି ? ଆପଣ ଆପଣଙ୍କ ଲେଖା ତଥା କାହାଣୀକୁ ଲେଖିପାରିବେ ତଥା ଚିତ୍ର ମଧ୍ୟ ତିଆରି କରିପାରିବେ ।

ଆପଣଙ୍କୁ ଗୋଟିଏ କାଗଜ, ପେନ୍, ଚିତ୍ରକରିବା ଜିନିଷ ଏବଂ ସମୟର ଆବଶ୍ୟକତା ଦରକାର ପଡିବ । କିନ୍ତୁ ଟେଲିଭିଜନ କାର୍ଯ୍ୟକ୍ରମ ଏତେ ସହଜରେ ପ୍ରସ୍ତୁତ ହୋଇପାରିବ ନାହିଁ । ଏଥିପାଇଁ ଅର୍ଥ, ଯନ୍ତ୍ରପାତି ଏବଂ ଅଭିଜ୍ଞତା ସମ୍ପର୍ଣ୍ଣ ଲୋକଙ୍କର ଆବଶ୍ୟକତା ପଡିଥାଏ । ସାଧାରଣତଃ ପ୍ରସାରଣ ମାଧ୍ୟମ ଏବଂ ବିଶେଷ ରୂପରେ ଟେଲିଭିଜନ ପାଇଁ ଜଟିଳ କୌଶଳ ତଥା ସଂଗଠନର ଆବଶ୍ୟକତା ପଡିଥାଏ ।




**(ଚିତ୍ର : 14.6 ଟେଲିଭିଜନ ଗୋଟିଏ ଖର୍ଚ୍ଚର ମାଧ୍ୟମ ଅଟେ)**

ଟୀପ୍‌ପଣୀ




**(ଚିତ୍ର : 14.7 ଟେଲିଭିଜନର ପ୍ରମୁଖ ବିଶେଷତ୍ୱ)**

**ପାଠ୍ୟଗତ ପ୍ରଶ୍ନ 14.1 :-**

(1) ଟେଲିଭିଜନ ଛବିମାନଙ୍କୁ ଅଧିକ ସ୍ମରଣଯୋଗ୍ୟ କରିଥାଏ କି ?

(2) ଟେଲିଭିଜନର ତିନୋଟି ବିଶେଷତ୍ୱ ବର୍ଣ୍ଣନା କରନ୍ତୁ ।

(3) ଟେଲିଭିଜନର ଏପରି ଦୁଇଟି ବିଶେଷତ୍ୱ କୁହନ୍ତୁ ଯାହାକି ଏହାକୁ ଖେଳ ପ୍ରସାରଣ ପାଇଁ ଆଦର୍ଶମାଧ୍ୟମ ଭାବରେ ଗଠନ କରିଥାଏ ।

(4) ଉଚିତ୍ ଉତ୍ତର ଉପରେ ଠିକ୍ (✓) ଚିହ୍ନ ଦିଅନ୍ତୁ ।

(i) ଟେଲିଭିଜନର କେଉଁ ବିଶେଷତ୍ୱ ଏହାକୁ ଏକ ଅନ୍ତରଂଗ ମାଧ୍ୟମ ଗଠନ କରିଥାଏ ।

କ) ସଜୀବ ପ୍ରକୃତି

ଖ) ଘରୋଇ ପ୍ରକୃତି

ଗ) ଦୃଶ୍ୟଶ୍ରାବ୍ୟ ବିଶେଷଣ

ଘ) ଅସ୍ଥାୟୀ ପ୍ରକୃତି

(ii) ନିମ୍ନଲିଖିତ ମଧ୍ୟରେ କେଉଁ ମାଧ୍ୟମ ବାର୍ତ୍ତାକୁ ତୀବ୍ର ପ୍ରେରଣ କରିଥାଏ ।

କ) ସମ୍ବାଦପତ୍ର

ଖ) ହାତଲେଖା ପତ୍ରିକା

ଗ) ଟେଲିଭିଜନ

ଘ) ସିନେମା

ଟୀପ୍‌ପଣୀ

(iii) ଟେଲିଭିଜନ ପାଇଁ କମ୍ ଅଟେ ।

କ) ଖର୍ଚ୍ଚିଲା ମାଧ୍ୟମ

ଖ) ଶ୍ରାବ୍ୟ ମାଧ୍ୟମ

ଗ) ଘରୋଇ ମାଧ୍ୟମ

ଘ) ସଜୀବ ମାଧ୍ୟମ

(iv) ଟେଲିଭିଜନର କେଉଁ ବିଶେଷତ୍ୱ ଏହାକୁ ସମ୍ବାଦ ଉପଲବ୍ଧ କରିବାରେ ଆଦର୍ଶ ମାଧ୍ୟମ କରିଥାଏ ।

କ) ଦୃଶ୍ୟ ଶ୍ରବ୍ୟ ବିଶେଷଣ

ଖ) ସର୍ଜିବ ପ୍ରକୃତି

ଗ) ଘରୋଇ ଚରିତ୍ର

ଘ) ଅସ୍ଥାୟୀ ପ୍ରକୃତି

(v) ନିମ୍ନଲିଖିତ ମଧ୍ୟରୁ କେଉଁଠି ଅପେକ୍ଷାକୃତ ସ୍ଥାୟୀ ମାଧ୍ୟମ ଅଟେ ।

କ) ଟେଲିଭିଜନ

ଖ) ରେଡିଓ


ଗ) ଟେଲିଭିଜନ ସମ୍ବାଦ ପ୍ରସାରଣ

ଘ) ସମ୍ବାଦପତ୍ର

## 14.2 ଟେଲିଭିଜନ ଏବଂ ଯୋଗାଯୋଗ ଓ ପରିଚୟର ଅନ୍ୟ ମାଧ୍ୟମ

ଏ ପର୍ଯ୍ୟନ୍ତ ଆମେ ଟେଲିଭିଜନର ମହତ୍ତ୍ୱପୂର୍ଣ୍ଣ ବିଶେଷତ୍ୱକୁ ବୁଝିଲେ । ଆସନ୍ତୁ ଏବେ ଆମେ ଜାଣିବା ଟେଲିଭିଜନ୍ ରେଡିଓ ... ତଥା ନୂଆମାଧ୍ୟମ ଯେଭଳି ଗଣଯୋଗାଯୋଗର ଅନ୍ୟ ମାଧ୍ୟମ ଠାରୁ କିଭଳି ଅଲଗା ଅଟେ । ଏଥିମଧ୍ୟରୁ ପ୍ରତ୍ୟେକ ମାଧ୍ୟମର ନିଜସ୍ୱ ସୀମା ତଥା ଗୁଣ ଥାଏ ।

ଆପଣଙ୍କୁ ଦୈନିକ ସମ୍ବାଦପତ୍ର କିପରି ମିଳିଥାଏ ? ଆପଣଙ୍କ ହକର ଆପଣଙ୍କୁ କବାଟ ପାଖରେ ଏହାକୁ ଦେଇଯାଇଥାଏ ଏହା ଠିକ୍ କି ଭୁଲ୍ ? ଅନ୍ୟଥା ଆପଣଙ୍କୁ ଦୋକାନକୁ ଯାଇ ସମ୍ବାଦପତ୍ର କିଣିବାକୁ ପଡିଥାଏ, ଅନ୍ୟ ଅର୍ଥରେ ମୁଦ୍ରିତ ମାଧ୍ୟମର ସମସ୍ତ ଉତ୍ପାଦନ ଶାରୀରିକ ସ୍ତରରେ ପହଁଞ୍ଚାଇବାର ଆବଶ୍ୟକତା ପଡିଥାଏ । ଯଦି ଏହାର ଅଧିକ ଦରକାର ପଡିଥାଏ ସମ୍ବାଦପତ୍ରର ଷ୍ଟାଣ୍ଡ ଖାଲିହୋଇ ଥାଏ । ଏହାର ତୁଳନା ଟେଲିଭିଜନ୍ ସହିତ କରନ୍ତୁ । ଯାହାପାଖରେ ଟେଲିଭିଜନ୍ ଅଛି ତା'ର ପହଁଞ୍ଚିବାର କ୍ଷମତା ମଧ୍ୟ ଏହିପରି ହୋଇଥାଏ । ଯଦି ଅନେକ ଗୁଡିଏ ଲୋକ ଗୋଟିଏ କାର୍ଯ୍ୟକ୍ରମକୁ ଦେଖୁଥାନ୍ତି ତଥାପି ଏହି କାର୍ଯ୍ୟକ୍ରମର ଉପଲବ୍ଧତା ଉପରେ କୌଣସି ପ୍ରଭାବ ପଡେନାହିଁ ।




**(ଚିତ୍ର : 14.8 (କ)ଟେଲିଭିଜନ ତଥା ଗଣ ଯୋଗାଯୋଗର ଅନ୍ୟାନ୍ୟ ମାଧ୍ୟମ)**

ଅନ୍ୟଭାବରେ ଆମେ ଜାଣିସାରିଛେ ଏହା ଏକ ଅସ୍ଥାୟୀ ମାଧ୍ୟମ ଅଟେ । ଏହାକୁ ମୁଦ୍ରିତ ମାଧ୍ୟମର ତୁଳନାରେ ସ୍ଥାୟୀତ୍ୱର ବିପରୀତ ଦେଖନ୍ତୁ । ଆପଣ ସମ୍ବାଦପତ୍ରରୁ ନିଜର ପସନ୍ଦ ମୁତାବକ ଲେଖା କାଟିକରି ରଖିପାରନ୍ତି ।

ଏହାକୁ ଏକମାସ ପର୍ଯ୍ୟନ୍ତ ଟେଲିଭିଜନ ସମ୍ବାଦ ରେକର୍ଡିଂର ବିପରୀତ କରି ରଖନ୍ତୁ ଏବଂ ଦେଖନ୍ତୁ ଏଥିମଧ୍ୟରୁ ଯେଉଁ ଗୋଟିକ ସହଜସାଧ୍ୟ ଅଟେ ।

ଟୀପ୍ପଣୀ




(ଚିତ୍ର : 14.8 (ଖ)ମୁଦ୍ରିତ ମାଧ୍ୟମର ବିଶେଷତ୍ୱ)

ଆପଣ ବିଶ୍ୱକପ୍ କ୍ରିକେଟ୍ କିପରି ଦେଖିବାକୁ ଚାହିଁବେ ? ଆପଣ ପୂର୍ବ ଦିନମାନଙ୍କରେ ମ୍ୟାଚରେ କ'ଣ ହୋଇଥିଲା, ତାହା ଜାଣିବା ପାଇଁ ସକାଳ ପର୍ଯ୍ୟନ୍ତ ସମ୍ବାଦପତ୍ରକୁ ଅପେକ୍ଷା କରି ରହିବେ କି ?ରେଡିଓରେ ଏହାର ଆଖିଦେଖା ପରିସ୍ଥିତି ଶୁଣିବେ କି ? ଯଦି ଆପଣଙ୍କ ପାଖରେ ଟିଭି ସେଟ୍ ଅଛି

ଟୀପ୍ପଣୀ

ସମ୍ଭବତଃ ମ୍ୟାଚର ତାଜା ଗତିବିଧି ଜାଣିବାପାଇଁ ଆପଣ ଏହା ପାଖରେ ବସିଯିବାପାଇଁ ଅଧିକ ପସନ୍ଦ କରିବେ । ଏହି କାରଣରୁ ଟେଲିଭିଜନର ଦୃଶ୍ୟଶ୍ରାବ୍ୟ ପ୍ରକୃତି ଏହାକୁ ରେଡିଓ ତଥା ମୁଦ୍ରଣ ଦୁଇଟି ମାଧ୍ୟମଠାରୁ ଅଧିକ ଭଲ ଏବଂ ପସନ୍ଦଯୋଗ୍ୟ କରିପାରିଥାଏ ।


ରେଡିଓ ଗୋଟିଏ ଶ୍ରବ୍ୟମାଧ୍ୟମ ଅଟେ । ଯାହାକି ମୁଦ୍ରଣ ଦୃଶ୍ୟ ସାମଗ୍ରୀ ଉପରେ ନିର୍ଭର କରିଥାଏ । ଗଣମାଧ୍ୟମ ରୂପରେ ଟେଲିଭିଜନର ଏହି ବିସ୍ମୟକାରୀ ସଫଳତାର ମୁଖ୍ୟକାରଣ ହେଉଛି ଦୃଶ୍ୟ ତଥା ଶ୍ରାବ୍ୟ ଦୁଇଟି ସାମଗ୍ରୀ ଏଥିରେ ଏକକାଳୀନ ପ୍ରସ୍ତୁତ କରାଯାଏ । ଏହା ରେଡିଓର ବ୍ୟକ୍ତିଗତ ତତ୍କାଳିକ ସହିତ ଦର୍ଶକଙ୍କୁ ବୁଝିହେଲାଭଳିଆ ଦୃଶ୍ୟ ଏଥିରେ ସାମିଲ କରିଥାଏ । ଏଥିରେ ଦୃଶ୍ୟଶ୍ରବ୍ୟର ଚରିତ୍ରକୁ ଯଥାର୍ଥପାଇଁ ଯୋଗାଯୋଗର ବିପୁଳ ପରିମାଣର ଶକ୍ତି ପ୍ରଦାନର ବ୍ୟବସ୍ଥା ହୋଇଥାଏ । ତଥା ଏଥିରେ ଦର୍ଶକମାନେ ଭାବନାତ୍ମକ ଭାବରେ ସାମିଲ ହୋଇଥାନ୍ତି ।

ଆପଣଙ୍କ ପାଖରେ ରେଡିଓ ସହିତ ଟିଭିର ଗୋଟିଏ ସେଟ୍ ଅଛି କି ? ରେଡ଼ିଓରେ ଆପଣ କେଉଁ ପ୍ରକାର କାର୍ଯ୍ୟକ୍ରମ ଶୁଣିଥାନ୍ତି । ଆପଣଙ୍କ ପସନ୍ଦର ରେଡ଼ିଓ ଚ୍ୟାନେଲ ଅଧିକାଂଶ ସଂଗୀତ ଆଧାରିତ କାର୍ଯ୍ୟକ୍ରମ ପ୍ରସାରଣ କରିଥାଏ କି ? ନିଜର ଶୁଣାଇ ପାରୁଥିବା ଗୁଣ ଯୋଗୁଁ ରେଡିଓ କୁହାଯାଇ ପାରୁଥିବା ସଂଗୀତ ତଥା ଶବ୍ଦର ଏକ ଉତ୍ତମ ପ୍ରେରିତ ମାଧ୍ୟମ ଅଟେ ।

ଅନ୍ୟଅର୍ଥରେ ଟେଲିଭିଜନ ପ୍ରାମାଣିକ ସୂଚନା ପଠାଇବାର ଏକ ଉତ୍ତମ ମାଧ୍ୟମ ଅଟେ । ଆପଣ ଟେଲିଭିଜନରେ କିମ୍ବା ରେଡିଓରେ ସମ୍ବାଦ ଦେଖିବା ଏବଂ ଶୁଣିବାକୁ ପସନ୍ଦ କରିବେ ? ଟେଲିଭିଜନର ଦୃଶ୍ୟ ସାମଗ୍ରୀ ଏହାକୁ ରେଡିଓ ସମ୍ବାଦଠାରୁ ଅଧିକ ପ୍ରଭାବିତ କରିଥାଏ । ଏଥିପାଇଁ ରେଡିଓ ଶାରୀରିକ ବାସ୍ତବତାକୁ ଅନୁଭବ କରାଇବାରେ ଟେଲିଭିଜନକୁ ପଛରେ ପକାଇବାର କୌଶଳକୁ ଛାଡି ନଥାଏ । କଳ୍ପନା କରନ୍ତୁ ଆପଣ ଟିଭି ସେଟ୍‌ରେ ସାନିଆ ମିର୍ଜା ତଥା ଭିନସ୍ ୱିଲିୟମସ୍‌ଙ୍କ ମଧ୍ୟରେ ହେଉଥିବା ଟେନିସ୍ ଖେଳକୁ ଦେଖୁଛନ୍ତି । ରେଡିଓ ଆଖିଦେଖା ବିବରଣୀ ଅପେକ୍ଷା ଅଧିକ ବାସ୍ତବିକ ଅନୁଭବ ପ୍ରେରିତ କରେନାହିଁ କି ?

ଦୃଶ୍ୟ ଶ୍ରାବ ମାଧ୍ୟମ ପ୍ରାମାଣିକ ସୂଚନା ପାଇଁ ସର୍ବୋତ୍କୃଷ୍ଟ ମାଧ୍ୟମ ଅଟେ ।

ଟୀପ୍‌ପଣୀ





**(ଚିତ୍ର : 14.9 (କ)ଟେଲିଭିଜନ)**

ଘରୋଇ କାମ କରିବା ସମୟରେ ମଧ୍ୟ ଆପଣ ରେଡିଓ ଶୁଣିପାରିବେ । ରେଡିଓ ସମ୍ବାଦ ଶୁଣୁଥିବା ସମୟରେ ଆପଣ ଗାଡି ମଧ୍ୟ ଚଳାଇପାରିବେଏବଂ ଦାଢି ମଧ୍ୟ ଖିଅର ହୋଇପାରିବେ । କିନ୍ତୁ ଟେଲିଭିଜନ ଦେଖିବାପାଇଁ ଆପଣଙ୍କୁ ଗୋଟିଏ ସ୍ଥାନର ଆବଶ୍ୟକତା ଥାଏ । ଆପଣ ରହୁଥିବା ଘରେ ରେଡିଓ ଚଲାଇ ଆପଣ ରୋଷେଇଘରେ ମଧ୍ୟ ଏହାକୁ ଶୁଣିପାରିବେ । କିନ୍ତୁ ଯଦି ଆପଣ ଟେଲିଭିଜନରେ ଏହାକୁ ପ୍ରୟୋଗ କରନ୍ତି କାହାଣୀର ଅନେକ ଅଂଶ ଆପଣ ବୁଝିପାରିବେ ନାହିଁ । ଅନେକ ଲୋକ ପଛରେ ରେଡିଓ ଚାଲୁକରି ରଖିଥିବେ କିନ୍ତୁ ନିଜର ଦୈନନ୍ଦିନ କାର୍ଯ୍ୟକ୍ରମ କରି ଚାଲିଥିବେ । ରେଡିଓର ଏହି ଗୁଣ ଆଜିପର୍ଯ୍ୟନ୍ତ ଦୂରଦର୍ଶନର ଆକ୍ରମଣରୁ କିଛି ପରିମାଣରେ ସାହାଯ୍ୟ କରୁଛି । ରେଡିଓ କେନ୍ଦ୍ର ଏହି ଅସୁବିଧାକୁ ଉପଲବ୍ଧି କରି ରେଡିଓ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଗୀତ ଧର୍ମୀ କାର୍ଯ୍ୟକ୍ରମ ସାମିଲ କରାଉଅଛି ।

କଳ୍ପନା କରନ୍ତୁ ଗଣତନ୍ତ୍ର ଦିବସ ପ୍ୟାରେଡ୍‌ର ଆଖିଦେଖା ଧାରାବିବରଣୀ ଆପଣ ରେଡିଓରେ ଶୁଣୁଛନ୍ତି । ଟିଭିର ଏହି ଜିନିଷ ଦେଖିବାରେ ଅନେକ ଭିନ୍ନତା ଆସିବନି କି ? ଆପଣ ଦେଖିବେ ରେଡିଓରେ

ଟୀପ୍ପଣୀ




(ଚିତ୍ର : 14.9 (ଖ) ରେଡିଓ)



(ଚିତ୍ର : 14.10 (କ) ରେଡିଓ ଶୁଣିବା)



ଟୀପ୍‌ପଣୀ



**(ଚିତ୍ର : 14.10 (ଖ) ଟେଲିଭିଜନ ଦେଖିବା)**

ଶୁଣାଯାଉଥିବା ଆଖିଦେଖା ଧାରା ବିବରଣୀ ଶବ୍ଦର ମାଧ୍ୟମରେ ଗଣତନ୍ତ୍ର ଦିବସ ପ୍ୟାରେଡ୍‌ର ଚିତ୍ର ପ୍ରକାଶ କରିବାର ଚେଷ୍ଟା କରୁଛି । ଅନ୍ୟପକ୍ଷରେ ଟେଲିଭିଜନର ଶ୍ରାବ୍ୟ ସାମଗ୍ରୀ କେବଳ ଦୃଶ୍ୟର ସହଯୋଗ ପାଇଁ ହୋଇଥାଏ । ଏହା ଏଇଥିପାଇଁ ଯେ ଟିଭି ଗୋଟିଏ ଦୃଶ୍ୟଶ୍ରାବ୍ୟ ମାଧ୍ୟମ ଅଟେ କିନ୍ତୁ ରେଡ଼ିଓ ସଂପୂର୍ଣ୍ଣଭାବରେ ଶ୍ରାବ୍ୟ ସାମଗ୍ରୀ ଉପରେ ନିର୍ଭରଶୀଳ ଅଟେ । ଦୁଇଟି ମଧ୍ୟରେ ଏହି ମୌଳିକ ଭିନ୍ନତା ସେହି ଉପାୟ ବିଚାର ଉପରେ ପ୍ରଭାବ ପକାଇଥାଏ ଯାହାକି ଦୁଇଟି ମାଧ୍ୟମ ଉପରେ ସମ୍ବାଦର ବା ଅନ୍ୟାନ୍ୟ କାର୍ଯ୍ୟକ୍ରମର ପ୍ରସ୍ତୁତ କରାଯାଏ ।

***କାର୍ଯ୍ୟକଳାପ 14.3 :-***

*କୌଣସି ଗୋଟିଏ ଘଟଣାକୁ ଉଭୟ ଦୂରଦର୍ଶନ ଏବଂ ରେଡିଓରେ ତୁଳନା କରନ୍ତୁ । ଆପଣ କାହାକୁ ପସନ୍ଦ କରୁଛନ୍ତି ତାହା ଉଲ୍ଲେଖ କରନ୍ତୁ ।*

ପ୍ରଥମ ଅଧ୍ୟାୟରେ ଆପଣ ଶିକ୍ଷାକଲେ ଇଣ୍ଟରନେଟ୍ କିଭଳି ଟେଲିଭିଜନ ସମ୍ମୁଖରେ ଏକ ପ୍ରତିଯୋଗୀତା ମନୋଭାବ ପୋଷଣ କରିଛି । ଇଣ୍ଟରନେଟ୍ ବା ନ୍ୟୁମିଡିଆ ପ୍ରେରଣାର ଏକ ନୂଆଦିଗକୁ ଦୁନିଆ ସମ୍ମୁଖରେ ଠିଆ କରାଇପାରିଛି । ଯଦି ଟିଭିର କୌଣସି କାର୍ଯ୍ୟକ୍ରମ ଆପଣଙ୍କୁ କ୍ଲାନ୍ତକରେ ଆପଣ କ'ଣ କରିବେ ? ଆପଣ ଚାନେଲକୁ ବଦଳାଇ ଦେବେ । ନ ହେଲେ ଟିଭି ଚ୍ୟାନେଲ କାର୍ଯ୍ୟକ୍ରମ ଉପରେ ଆପଣ ଚିଠି ଲେଖିବେ । ଦୁଇଟି ଯାକ ଅବସ୍ଥାରେ ଆଶ୍ୱାସନା ଫେରିପାଇବା ଏକ ବିଳମ୍ବିତ ବ୍ୟାପାର ଅଟେ । ଏଭଳି କୌଣସି ଉପାୟ ନାହିଁ ଯେଉଁଥିରେ ନିର୍ମାତା ଏହା ଜାଣିପାରିବେ ଦର୍ଶକ

ଟୀପ୍‌ପଣୀ

ତାଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ ପସନ୍ଦ କରିଛନ୍ତି ଅବା କରିନାହାନ୍ତି । ଟେଲିଭିଜନର ଆଉ ଅନ୍ୟ ଏକ ବିଶେଷତ୍ୱ ଏହା ବିଳମ୍ବିତ ଆଶ୍ୱାସନା ପ୍ରଦାନ କାରୀ ଅଟେ ।

ଅନ୍ୟପକ୍ଷରେ ନ୍ୟୁମିଡିଆ ଏକ ଅର୍ନ୍ତବ୍ୟକ୍ତିକୈନ୍ଦ୍ରିକ ମାଧ୍ୟମ ଅଟେ । ଏଥିରୁ ତୁରନ୍ତ ସାମଗ୍ରିକ ବିଷୟ ଉପରେ ଟିପ୍‌ପଣୀ ପଠାଯାଇପାରିବ । ଏହା ଆପଣଙ୍କୁ ନିଜର ବିଷୟ ସାମଗ୍ରୀ ସୂଚିତ କରିବାର ସୁବିଧା ଦେଇଥାଏ । ନ୍ୟୁମିଡିଆ ସଂବନ୍ଧୀୟ ପାଠରେ ଆପଣ ବିସ୍ତୃତ ଭାବରେ ଜାଣିପାରିବେ ଏହା କିପରି କରାଯିବ । ଆପଣ ଯେତେବେଳେ ଟିଭିରେ କାର୍ଯ୍ୟକ୍ରମ ଦେଖୁଥାନ୍ତି ସେତେବେଳେ ଆପଣ ଜଣେ ନିଷ୍କ୍ରିୟ ଦର୍ଶକଭାବେ ହୋଇଥାନ୍ତି । ନିଶ୍ଚିନ୍ତ ଭାବରେ ଏହା ନ୍ୟୁମିଡିଆ ସହିତ ହୋଇନଥାଏ ।



ଚିତ୍ର : 14.11 : ରିମୋଟ୍ କିମ୍ବା ମାଉସ୍




(ଚିତ୍ର : 14.12 : (କ) ଟେଲିଭିଜନ୍‌ର ବିଳମ୍ବିତ ଅବା ସୀମିତ ପ୍ରତିପୃଷ୍ଠି)

ଆମେ ଦେଖିସାରିଛୁ ଟେଲିଭିଜନ ସମ୍ବାଦ କାର୍ଯ୍ୟକ୍ରମ ବିଶ୍ୱକୁ ଆମ ଘର ପର୍ଯ୍ୟନ୍ତ ପହଞ୍ଚାଇ ପାରିଛି । ଏହା ଆମକୁ ୱାଶିଂଟନ୍‌ରେ ଆୟୋଜିତ ବିଶ୍ୱସ୍ତରୀୟ ମୁଖ୍ୟଙ୍କ ବୈଠକ ଉପରେ ବା ଆଣ୍ଟାର୍କଟିକାରେ ବିଶ୍ୱସ୍ତରୀୟ ଉଷ୍ମତା ପ୍ରଭାବ ସଂପର୍କିତ ବିଷୟ ସର୍ବୋପରି ବିଶ୍ୱକ୍ରୀଡା ଚମ୍ପିୟନ୍‌ସିପ୍‌ରେ ଭାରତୀୟ ଆଥ୍‌ଲେଟ୍ ମାନଙ୍କଦ୍ୱାରା ସ୍ୱର୍ଣ୍ଣପଦକ ଜିତିବାର ବିଷୟ ଉପରେ ଖବର ଦେଇଥାଏ । ଆମେ ଏହା ମଧ୍ୟ ଶିକ୍ଷାକଲେ ଟେଲିଭିଜନ ମଧ୍ୟ ଘରୋଇ ମାଧ୍ୟମ ଭାବରେ ପରିଚିତ ଅଟେ । ଅନ୍ୟ ପକ୍ଷରେ ନ୍ୟୁମିଡିଆ ଗୋଟିଏ ବ୍ୟକ୍ତିକୈନ୍ଦ୍ରିକ ମାଧ୍ୟମ । ମାଉସ୍‌ର ଗୋଟିଏ ବଟମ୍ ଦବାଇବା ସଂଗେ ସଂଗେ ସମଗ୍ର ଦୁନିଆର ଲୋକଙ୍କ ସହିତ ସଂପର୍କିତ କରାଇଥାଏ ।




**ଚିତ୍ର : 14.12 : ନ୍ୟୁ ମିଡ଼ିଆ**

ଟେଲିଭିଜନ ଆପଣଙ୍କୁ ସମଗ୍ର ଦୁନିଆର ଘଟଣାର ଆଖିଦେଖା ସାକ୍ଷୀ ଭାବରେ ତିଆରି କରିଥାଏ । ନ୍ୟୁଇଣ୍ଡିଆ ଆପଣଙ୍କୁ ଏହି ଘଟଣାରେ ସାମିଲ କରିବାର ଶକ୍ତି ୱେବ୍ ସାଇଟ୍‌ରେ ଆପଣଙ୍କୁ ଟିପ୍‌ପଣୀ ପଠାଇବାର ସୁବିଧା ସହିତ ପ୍ରଦାନ କରିଥାଏ ।

ଆପଣ ଆପଣଙ୍କ ସାଙ୍ଗଙ୍କ ସହିତ ପସନ୍ଦଯୋଗ୍ୟ ଟିଭି କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରନ୍ତି କି ? ଗୋଟିଏ ଲୋକପ୍ରିୟ ଟିଭି କାର୍ଯ୍ୟକ୍ରମ ଦେଖିବା ସମୟରେ ଏକତ୍ରୀକରଣର ଚେତନା ଆପଣଙ୍କ ମନକୁ ଆସିଥାଏ । ନ୍ୟୁମିଡିଆରେ ଆପଣ ଏ ସଂପର୍କରେ ଆଉ ଗୋଟିଏ ପାଦ ଆଗକୁ ଯାଇଥାନ୍ତି । ଏହା

ଟୀପ୍ପଣୀ

ଆପଣଙ୍କର ଏକତ୍ରୀକରଣର ନିର୍ମାଣରେ ମଧ୍ୟ ସୁବିଧା ଦେଇଥାଏ । ଯେଉଁଥିରେ ଆପଣ ସମାନ ଅଭିରୁଚି ରଖୁଥିବା ଲୋକଙ୍କ ସଂପର୍କରେ ରହିପାରନ୍ତି । ଉଦାହରଣ ସ୍ୱରୂପ ଯଦି ଆପଣ କିଶୋର କୁମାରଙ୍କ ଗୀତର ପ୍ରଶଂସକ ଥାଆନ୍ତି ତେବେ ଆପଣ ଇଣ୍ଟରନେଟ୍‌ରେ କିଶୋର କୁମାର ଫ୍ୟାନକ୍ଲବରେ ସାମିଲ ହୋଇପାରନ୍ତି । ଏଥିରେ ଆପଣଙ୍କୁ ନ୍ୟୁୟର୍କ ଭଳି ଦୂରସ୍ଥାନରେ ମଧ୍ୟ କିଶୋର କୁମାରଙ୍କ ପସନ୍ଦର ଲୋକମାନଙ୍କ ସହିତ ସଂପର୍କ ତଥା ଗୀତର ଆଦାନ ପ୍ରଦାନରେ ମଧ୍ୟ ସାହାଯ୍ୟ ମିଳିପାରିବ ।

ଯଦି ଆପଣ ଆଜିର ଖବରକାଗଜର ତୁଳନା ଟେଲିଭିଜନ ଆସିବା ପୂର୍ବର ଖବରକାଗଜ ସହିତ କରନ୍ତି, ଆପଣଙ୍କୁ ଆଜିର ଖବରକାଗଜରେ ଥିବା ଦୃଶ୍ୟ ସାମଗ୍ରୀ ବହୁତ ଅଧିକା ଲାଗିବ । ଏହାର କାରଣ ଟେଲିଭିଜନର ଆଗମନରେ ମୁଦ୍ରଣ ଉଦ୍ୟୋଗକୁ ପୁନଃସ୍ଥାପିତ କରିବାରେ ଏହି ଉଦ୍ୟୋଗ ତତ୍ପର ପ୍ରକାଶ କରିଥିଲା । ଟେଲିଭିଜନ ଦ୍ୱାରା ଉପଲବ୍ଧ ଦୃଶ୍ୟ ସାମଗ୍ରୀର ଇନ୍ଦ୍ରଜାଲରେ ଲୋକମାନେ ପ୍ରଭାବିତ ହୋଇଯାଇଛନ୍ତି । ପଛରେ ରହିବାଠାରୁ ବଞ୍ଚିବାପାଇଁ ମୁଦ୍ରିତ ମାଧ୍ୟମ ଅଧିକରୁ ଅଧିକ ଛାୟାଚିତ୍ର ତଥା ଅନ୍ୟାନ୍ୟ ଚିତ୍ର ପ୍ରସ୍ତୁତକରିବା ଆରମ୍ଭ କରିଦେଇଛି ।

ସମୟ ସମୟରେ ଯେତେବେଳେ ନୂଆ ମାଧ୍ୟମର ଉଦ୍ଭାବନା ହୋଇଥାଏ, ପୁରୁଣା ମାଧ୍ୟମ ନୂଆ ଦୃଶ୍ୟପଟ୍ଟ ସହିତ ଶୁଭାରମ୍ଭ କରିବାକୁ ପ୍ରୟାସ କରିଥାଏ । ଟେଲିଭିଜନ ଆସିବା ପୂର୍ବରୁ ୬୦ ପ୍ରତିଶତରୁ ଅଧିକ ମୁଦ୍ରଣ ସାମଗ୍ରୀ କାହାଣୀ ଉପରେ ଆଧାରିତ ଥିଲା । ବହୁତ ଶୀଘ୍ର ଟେଲିଭିଜନ ଅଧିକାଂଶ ଲୋକଙ୍କ ପାଇଁ ଅଧିକ ପ୍ରିୟ ମନୋରଂଜନର ସ୍ରୋତ ହୋଇଗଲା । ଏଥିଯୋଗୁଁ ମୁଦ୍ରିତ ମାଧ୍ୟମ ଅଧିକ ସଂଖ୍ୟାରେ ଅକାହ୍ଲନିକ ସାମଗ୍ରୀ ପ୍ରସ୍ତୁତ କରିବାରେ ତତ୍ପର ହୋଇଉଠିଲା । ଧ୍ୟାନଦିଅନ୍ତୁ କିପରି ପ୍ରକାର ସମ୍ବାଦର ପ୍ରସ୍ତୁତି ଦୁଇଟିଯାକ ଯଥା ଟେଲିଭିଜନ ତଥା ମୁଦ୍ରିତ ମାଧ୍ୟମରେ ହୋଇଥାଏ । ଆପଣଙ୍କୁ ମିଳିବ ଯେଉଁଠି ଟେଲିଭିଜନ ଆପଣଙ୍କ ପାଇଁ ଶୀଘ୍ର ଏବଂ ସତେଜ ସମ୍ବାଦ ପ୍ରସ୍ତୁତ କରିଥାଏ, ସମ୍ବାଦ ବିଶ୍ଳେଷଣ ଉପରେ ଅଧିକ କେନ୍ଦ୍ରୀତ କରିଥାଏ ତଥା ଆପଣଙ୍କୁ ଅତିରିକ୍ତ ପୃଷ୍ଠଭୂମି ଦେଇଥାଏ ।

***କାର୍ଯ୍ୟକଳାପ 14.4 :-***

*ସମ୍ବାଦପତ୍ର ତଥା ଟେଲିଭିଜନ ଚ୍ୟାନେଲରେ ସମାନ ସମ୍ବାଦ ନିଅନ୍ତି । ଏହି ଦୁଇଟି ମାଧ୍ୟମରୁ ସମାଚାର ସମ୍ବାଦର ବିବିଧତାରେ କ'ଣ ଫରକ ଥାଏ ।*

ଆପଣ ଦର୍ଶକଙ୍କ ସହିତ ଭାଗିଦାରୀରେ ଚାଲୁଥିବା କାର୍ଯ୍ୟକ୍ରମକୁ ଦେଖିଛନ୍ତି କି ? ଏଠାରେ ମତଦାତା କାର୍ଯ୍ୟକ୍ରମର ପରିଣାମକୁ ନିର୍ଣ୍ଣୟ କରନ୍ତି । ଏହି କାର୍ଯ୍ୟକ୍ରମରେ ଅର୍ନ୍ତକ୍ରିୟାତ୍ମକତାର ତତ୍ତ୍ୱ ସମ୍ମିଳିତ ଟେଲିଭିଜନର ଏକ ପ୍ରୟାସ ଅଟେ । ନ୍ୟୁମିଡିଆର ଆଗମନରେ ଟେଲିଭିଜନକୁ ନୂଆ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ନିଜକୁ ବଦଳାଇବା ପାଇଁ ଚେଷ୍ଟା କରିବାକୁ ଲାଗିଲା ।

ଏହି ପ୍ରକାର ସମ୍ବାଦ କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ସୋ ଦର୍ଶକମାନଙ୍କ ପାଇଁ ଏସ୍‌ଏସ୍‌ଏସ୍‌ର ଦେଖାଇବାର ଆରମ୍ଭ କରିଦେଲେ । କିଛି ସମ୍ବାଦ ଚ୍ୟାନେଲ ଆପଣଙ୍କୁ ଆପଣଙ୍କ କ୍ୟାମେରା ବା



ଟୀପ୍‌ପଣୀ

ମୋବାଇଲଫୋନରେ ଛାୟାଙ୍କିତ ରିପୋର୍ଟ ସେମାନଙ୍କ ପାଖକୁ ପଠାଇବାର ସୁବିଧା ମଧ୍ୟ ଦେଉଅଛି । ଏହାକୁ ସିଟିଜେନ ଜର୍ନାଲିଜିମ୍ ମଧ୍ୟ କୁହାଯାଏ । ଏହାଦ୍ୱାରା ଦର୍ଶକ ମଧ୍ୟ କାର୍ଯ୍ୟକ୍ରମ ନିର୍ମାଣରେ ଭାଗୀଦାରୀର ସୁଫଳ ଲାଭ କରିପାରିବେ । ଆଜିକାଲି ଅନେକ ପ୍ରମୁଖ ସମ୍ବାଦପତ୍ର ପାଠକ ହୃଦୟକୁ ଛୁଇଁପାରିଥିବା ଛାୟାଚିତ୍ର ପଠାଇବା ପାଇଁ ପ୍ରୋତ୍ସାହିତ କରିଥାନ୍ତି । ଯେମିତିକି ସେମାନେ ପ୍ରକାଶିତ ମଧ୍ୟ କରିଥାନ୍ତି । ଯେତେବେଳେ ଟେଲିଭିଜନ ପ୍ରଥମଥର ପାଇଁ ଅସ୍ତିତ୍ୱରେ ଆସିଥିଲା ସେତେବେଳେ ବୁଝାପଡୁଥିଲା ଏହା ସମ୍ବାଦପତ୍ରକୁ ଦୃଶ୍ୟପଟ୍ଟଳରୁ ହଟାଇଦେଇପାରେ । ଯାହାକି ଆମେ ଦେଖିଲେ ଏହା ସମ୍ଭବ ହେଲାନାହିଁ । ସମ୍ବାଦପତ୍ର ନିଜକୁ ନୂଆ ପ୍ରତିଦ୍ୱନ୍ଦୀ ଭାବରେ ଏହି ପ୍ରତିଯୋଗୀତାରେ ନିଜକୁ ସାମିଲ କରିବାପାଇଁ ପୁନଃ ସ୍ଥାପିତ କରିଥିଲା । ଏହିପରି ଭାବରେ ନୂଆ ମାଧ୍ୟମର ଯୁଗକୁ ବହୁ ଲୋକ ଟେଲିଭିଜନ ଯୁଗର ଅନ୍ତଃ ଭବିଷ୍ୟବାଣୀ କଲେ । ଆପଣ କ'ଣ ବୁଝୁଛନ୍ତି, ଆସୁଥିବା ବର୍ଷମାନଙ୍କରେ ଆପଣ ଦୂରଦର୍ଶନ ଦେଖା ଛାଡିଦେବେ କି ।

## ପାଠ୍ୟଗତ ପ୍ରଶ୍ନ 14.2 :-

(1) ସମୂଚିତ ଶବ୍ଦ ବା ଶବ୍ଦମାନଙ୍କ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।

(i) ରେଡିଓ ଗୋଟିଏ ________ମାଧ୍ୟମ ଅଟେ ।

(ii) ସମ୍ବାଦପତ୍ର ଏକ ଅପେକ୍ଷାକୃତ _______ ମାଧ୍ୟମ ଟେଲିଭିଜନର ଅସ୍ଥାୟୀ ପ୍ରକୃତିର ତୁଳନାରେ ଅଟେ ।

(iii) ଟେଲିଭିଜନର ଆଗମନରେ ମୁଦ୍ରଣକୁ ନିଜର ଦୃଶ୍ୟ ସାମଗ୍ରୀ ________ କରିବାରେ ତତ୍ପର ପ୍ରକାଶ କଲା ।

(2) (i) ଟେଲିଭିଜନ ସମ୍ବନ୍ଧରେ ନିମ୍ନଲିଖିତ ମଧ୍ୟରୁ କେଉଁ ବକ୍ତବ୍ୟଟି ଠିକ୍ ଅଟେ ।

(କ) ଏହାର ପ୍ରକୃତି ଦୃଶ୍ୟ ଶ୍ରାବ୍ୟ ଅଟେ

(ଖ) ଏହା ସଜୀବ ମାଧ୍ୟମ ଅଟେ ।

(ଗ) ଏହା ମୁଦ୍ରଣରୁ କମ୍ ଶକ୍ତିଶାଳୀ ଅଟେ ।

(ଘ) ବିଳମ୍ବିତ ଉପସ୍ଥାପନା ଏହାର ଏକ ଲକ୍ଷଣ ଅଟେ ।

(ii) ନିମ୍ନଲିଖିତ ମଧ୍ୟରୁ କେଉଁଟି ଦର୍ଶକମାନଙ୍କୁ ଟେଲିଭିଜନ ସାମଗ୍ରୀ ନିର୍ମାଣ କରିବାରେ ସୁବିଧା ଦେଇଥାଏ ।

କ) ସିଟିଜେନ୍ ଜର୍ନାଲିଜିମ୍

ଖ) ସମସାମୟିକ ବିଷୟର କାର୍ଯ୍ୟକ୍ରମ

ଗ) ସମ୍ବାଦ

ଘ) ଧାରାବାହିକ

ଟୀପ୍ପଣୀ

(iii) ଭୁଲ୍ ବାକ୍ୟକୁ ଚିହ୍ନଟ କରନ୍ତୁ ।

କ) ସମ୍ବାଦପତ୍ର ପାଠକଙ୍କ ପର୍ଯ୍ୟନ୍ତ ଶାରୀରିକ ରୂପରେ ପହଞ୍ଚିବା ଦରକାର ।


ଖ) ଟେଲିଭିଜନ ସମ୍ବାଦପତ୍ରର ସମାପ୍ତ କରିଦେଇଛି ।

ଗ) ଟେଲିଭିଜନ ଗୋଟିଏ ଘରୋଇ ମାଧ୍ୟମ ଅଟେ ।

ଘ) ନ୍ୟୁମିଡିଆ ପ୍ରକୃତିରୁ ଅର୍ନ୍ତକ୍ରିୟାତ୍ମକ ଅଟେ ।

***କାର୍ଯ୍ୟକଳାପ 14.5 :-***

*ଟେଲିଭିଜନ ସମ୍ବାଦ, ରେଡିଓ ସମ୍ବାଦ, ତଥା ଦୈନିକ ଖବର କାଗଜର ଅବଲୋକନ ତଥା ଅନୁଶ୍ରବଣ ଏକ ସପ୍ତାହ ପର୍ଯ୍ୟନ୍ତ କରନ୍ତୁ ତଥା ତିନୋଟିଯାକ ମାଧ୍ୟମରେ ସମ୍ବାଦ ପ୍ରସ୍ତୁତିର ବିଧିକୁ ଭିନ୍ନ ଭିନ୍ନ ରୂପରେ ସୂଚୀପତ୍ରରେ ପ୍ରସ୍ତୁତି କରାନ୍ତୁ । ପ୍ରତ୍ୟେକ ମାଧ୍ୟମର ଶବ୍ଦ ତଥା ଚିତ୍ରର ପ୍ରୟୋଗ ବିଧିମାନଙ୍କ ଉପରେ ବିଶେଷ ଧ୍ୟାନ ଦିଅନ୍ତୁ ।*




**ଚିତ୍ର : 14.13**

ଆପଣ ନ୍ୟାସନାଲ ଯୋଗ୍ରାଫିକ ଭଳି ଚ୍ୟାନେଲରେ ପ୍ରସାରିତ କାର୍ଯ୍ୟକ୍ରମ ଦେଖନ୍ତି କି? ଏହା ଆପଣଙ୍କୁ କଇଁଛମାନଙ୍କ ଜୀବନୀଠାରୁ ନେଇକରି ଦ୍ୱାରାମୁଖୀ ବୈଜ୍ଞାନିକ ତଥ୍ୟ ଯେଉଁଳି ବିଷୟ ଉପରେ ସଂପୂର୍ଣ୍ଣ ଭାବରେ ଜଣାଇଥାଏ । ସେହିପ୍ରକାର ସମ୍ବାଦ ଚ୍ୟାନେଲ ଆପଣଙ୍କୁ ଆପଣଙ୍କ ସ୍ଥାନୀୟ ଫୁଟବଲ ମ୍ୟାଚରୁ ନେଇକରି ଇରାକ୍‌ରେ ଯୁଦ୍ଧ ସମ୍ପର୍କିତ ଘଟଣା ବତାଇଥାଏ । ସୁତରାଂ ସୂଚନା ଉପଲବ୍ଧ କରାଇବା ଟେଲିଭିଜନର ପ୍ରମୁଖ କାର୍ଯ୍ୟ ମଧ୍ୟରୁ ଗୋଟିଏ କାର୍ଯ୍ୟ ଅଟେ ।



ଟୀପ୍‌ପଣୀ

***କାର୍ଯ୍ୟକଳାପ 14.6 :-***

*ଆପଣଙ୍କ ପସନ୍ଦଥିବା ଚ୍ୟାନେଲରେ ଉପଲବ୍ଧ ହେଉଥିବା ସୂଚନାକୁ ଦେଖନ୍ତୁ ଏବଂ ଚିହ୍ନନ୍ତୁ । କାର୍ଯ୍ୟକ୍ରମକୁ ଦେଖିକରି ପ୍ରାପ୍ତ ସୂଚନାର ଏକ ନୋଟ୍ ପ୍ରସ୍ତୁତ କରନ୍ତୁ ।*

ଆପଣ ଜ୍ଞାନଦର୍ଶନରେ ନ୍ୟାସନାଲ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ(ଏନ୍‌ଆଇଏସ୍) କାର୍ଯ୍ୟକ୍ରମ ଆପଣ ଦେଖନ୍ତି କି ? ଏହାର କାର୍ଯ୍ୟକ୍ରମ ଆପଣଙ୍କ ପାଠକୁ ଭଲଭାବେ ବୁଝାଇବାରେ ସାହାଯ୍ୟ କରିଥାଏ କି ? ଜ୍ଞାନଦର୍ଶନ ଟେଲିଭିଜନର ଶୈକ୍ଷିକ ଉଦ୍ଦେଶ୍ୟପାଇଁ ଏହାର ପ୍ରୟୋଗର ଏକ ଉତ୍ତମ ଉଦାହରଣ ଅଟେ । ନିଜର ଦୃଶ୍ୟ ପ୍ରକୃତିର କାରଣ ଯୋଗୁଁ ଟେଲିଭିଜନ ଶିକ୍ଷାର ଏକ ଉତ୍ତମ ସ୍ରୋତ ହୋଇପାରେ । ଗୋଟିଏ ଦେଶରେ ପ୍ରସ୍ତୁତ ହୋଇଥିବା ଟେଲିଭିଜନ କାର୍ଯ୍ୟକ୍ରମ ମାଧ୍ୟମରେ ଫ୍ରାନ୍ସ ଦେଶ ବିଷୟରେ ମଧ୍ୟ ଏକ ପାଠ୍ୟକ୍ରମ ଅଧିକ ରୁଚିକର ଭାବରେ ତିଆରି କରାଯାଇପାରେ । ଯାହା ଆପଣଙ୍କୁ ପ୍ୟାରିସ୍‌ର ଦୃଶ୍ୟ ତଥା ଧ୍ୱନି ଦେଖାଇବା ବା ଶୁଣାଇବା କରିପାରିଥାଏ । ସୁତରାଂ ଟେଲିଭିଜନ ଏକ ଅଦ୍ଭୁତ ଶୈକ୍ଷିକ ମାଧ୍ୟମ ହୋଇପାରେ । ଆପଣମାନଙ୍କୁ ଆଉକିଛି ବିଷୟ ଧ୍ୟାନରେ ଆସୁଛି କି ଯାହାଦ୍ୱାରା ଟେଲିଭିଜନର ସହାୟତାରେ ପଢାଯାଇପାରେ ।

ଟେଲିଭିଜନର ପ୍ରୟୋଗ କରାଯାଇଥାଏ-


- ଶାରୀରିକ କୌଶଳର ପ୍ରଦର୍ଶନ ପାଇଁ
- ଗତିଶୀଳତାର ପ୍ରଦର୍ଶନ ପାଇଁ
- ନିରକ୍ଷର ବ୍ୟକ୍ତିଙ୍କ ପାଇଁ
- ଦୂରବର୍ତ୍ତୀ ଶିକ୍ଷାକୁ ଆହୁରି ବିଦ୍ୟାର୍ଥୀ ଆଧାରିତ କରିବାପାଇଁ
- ଶିକ୍ଷା ପଦ୍ଧତିକୁ ଆହୁରି ଆକର୍ଷକ ତଥା ଗତିଶୀଳ କରିବାପାଇଁ

ଶୈକ୍ଷିକ ମାଧ୍ୟମର ରୂପରେ ଟେଲିଭିଜନର ନିଜର ଏକ ସୀମିତବର୍ତ୍ତିତା ଥାଏ । ଆପଣ ଶ୍ରେଣୀଗୃହରେ ଶିକ୍ଷକମାନଙ୍କୁ ନିଜର ଭୟଭୀତତା ସବୁବେଳେ ପଚାରି ପାରନ୍ତି । ଏହି ପ୍ରକାର କିଛି କଠିନ ବିଷୟକୁ ମଧ୍ୟ ଶିକ୍ଷକମାନେ ଦୋହରାଇ ପାରନ୍ତି । ସ୍ୱଭାବିକ ରୂପରେ ବ୍ୟବହାରିକତାର ଟେଲିଭିଜନ ଏହା କରିନପାରେ । ଶିକ୍ଷାକ୍ଷେତ୍ରରେ ଟେଲିଭିଜନର ପ୍ରୟୋଗ ମଧ୍ୟ କିଛି ସୀମିତବର୍ତ୍ତିତା ଥାଏ । ଏହାର କାରଣ ନିମ୍ନଲିଖିତ ଅଟେ ।

- ଏହା ମୌଳିକ ରୂପରେ ଏକତରଫା ଭାବରେ ଯୋଗାଯୋଗର ମାଧ୍ୟମ ଅଟେ ।
- କାର୍ଯ୍ୟକ୍ରମର ନିର୍ମାଣ ତଥା ପ୍ରସାରଣ ଦୁଇଟିଯାକ ଖର୍ଚ୍ଚାନ୍ତ ଅଟେ ।

- କାର୍ଯ୍ୟକ୍ରମ ନିର୍ମାଣର ପ୍ରକ୍ରିୟା ଲମ୍ବା ଅଟେ ।

ଆପଣ ଟେଲିଭିଜନ କାହିଁକି ଦେଖନ୍ତି ? ଏହାର କୌଣସି ଏକ ମୁଖ୍ୟ କାରଣ କହିପାରିବେ କି ? ଅନେକ ଲୋକ ମନୋରଂଜନ ବା ଆନନ୍ଦ ପାଇବାପାଇଁ ଟେଲିଭିଜନ ଦେଖିଥାନ୍ତି । ସୁତରାଂ ମନୋରଂଜନ ପ୍ରଦାନ କରିବା ଟେଲିଭିଜନର ପ୍ରମୁଖ ଉଦ୍ଦେଶ୍ୟ ଅଟେ । ଏହି କାରଣ ଯୋଗୁ ଧାରାବାହିକ, ଫିଲ୍ମ ବା ସଂଗୀତ ଆଧାରିତ କାର୍ଯ୍ୟକ୍ରମ ଟିଭିର ଲୋକପ୍ରିୟ କାର୍ଯ୍ୟକ୍ରମ ମଧ୍ୟରେ ଅଟେ । ବିଭିନ୍ନ ଲୋକଙ୍କ ପାଇଁ ଟିଭି ଅଲଗା ରୁଚିର କାର୍ଯ୍ୟକ୍ରମ ଉପଲବ୍ଧ କରାଇଥାଏ । ଆପଣଙ୍କ ଭାଇକୁ ଫୁଟବଲ ମ୍ୟାଚ୍ ଦେଖିବା ପସନ୍ଦ ହୋଇପାରେ । ଆପଣଙ୍କ ଭଉଣୀକୁ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ




ଚିତ୍ର : 14.14

**ପାଠ୍ୟଗତ ପ୍ରଶ୍ନ 14.3 :-**

(1) ଟେଲିଭିଜନର ଦୁଇଟି କାର୍ଯ୍ୟର ଉଲ୍ଲେଖ କରନ୍ତୁ ।

(2) ଶୈକ୍ଷିକ ଉଦ୍ଦେଶ୍ୟ ପାଇଁ ଟିଭିର ପ୍ରୟୋଗର ଉଦାହରଣ ଦିଅନ୍ତୁ ।

(3) ଟେଲିଭିଜନର ସବୁଠାରୁ ଲୋକପ୍ରିୟ କାର୍ଯ୍ୟକ୍ରମର ନାମ କୁହନ୍ତୁ ।



ଚିତ୍ର : 14.14

ଟୀପ୍‌ପଣୀ


(4) ଉପଯୁକ୍ତ ଶବ୍ଦର ସହାୟତାରେ ଖାଲିସ୍ଥାନ ପୂରଣ କରନ୍ତୁ ।

(i) ____________ଗୋଟିଏ ଚ୍ୟାନେଲର ଉଦାହରଣ ଅଟେ, ଯାହା ସୂଚନାତ୍ମକ କାର୍ଯ୍ୟକ୍ରମ ଉପଲବ୍ଧ କରିଥାଏ ।

(ii) ଦୂରବର୍ତ୍ତୀ ଶିକ୍ଷାର __________ ତିଆରି କରିବାପାଇଁ ଟେଲିଭିଜନ ଉପଯୋଗୀ ଅଟେ ।

(iii) ଟେଲିଭିଜନର ଏକତରଫା ମାଧ୍ୟମ ରୂପର କାର୍ଯ୍ୟପ୍ରଣାଳୀ ଏହାର ଶିକ୍ଷକଙ୍କ ରୂପରେ ଭୂମିକାକୁ ___________ କରିଥାଏ ।

## 14.4 ଆପଣ କ'ଣ ଶିକ୍ଷାକଲେ




## 14.5 ପାଠ୍ୟାନ୍ତ ପ୍ରଶ୍ନ

(1) ଟେଲିଭିଜନର ମୁଖ୍ୟ ବିଶେଷତ୍ୱ କୁହନ୍ତୁ

(2) ଟେଲିଭିଜନ, ପ୍ରିଣ୍ଟ ତଥା ରେଡିଓ ମଧ୍ୟରେ ଥିବା ପ୍ରମୁଖ ପ୍ରଭେଦକୁ ସ୍ପଷ୍ଟ କରନ୍ତୁ ।

(3) ଟେଲିଭିଜନର ପ୍ରମୁଖ କ୍ଷମତା ତା ସୀମାକୁ ସ୍ପଷ୍ଟ କରନ୍ତୁ ।

(4) ଟେଲିଭିଜନର କାର୍ଯ୍ୟ ବୁଝାନ୍ତୁ ।

## 14.6 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

**14.1** (1) ଟେଲିଭିଜନର ଶ୍ରାବ୍ୟ-ଦୃଶ୍ୟ ଚରିତ୍ର

(2) ସଜୀବ ମାଧ୍ୟମ, ଶ୍ରାବ୍ୟ-ଦୃଶ୍ୟ ବିଷୟବସ୍ତୁ, ଘରୋଇ ମାଧ୍ୟମ, କୌଣସି ଅନ୍ୟାନ୍ୟ

(3) ସଜୀବ ମାଧ୍ୟମ, ଶ୍ରାବ୍ୟ ଦୃଶ୍ୟ ପ୍ରକୃତି

(4) (i) ଖ, (ii) ଗ, (iii) କ (iv) ଖ (v) ଘ

**14.2** (i) ଶ୍ରାବ୍ୟ

(ii) ସ୍ଥାୟୀ

(iii) ବୃଦ୍ଧି

**14.3** 1 (i) ଶିକ୍ଷିତ କରିବା, (ii) ସୂଚୀତ କରିବା, (iii) କିଛି ଅନ୍ୟ

2 (i) ଜ୍ଞାନ ଦର୍ଶନ, (ii) କିଛି ଅନ୍ୟ

3 ମନୋରଂଜନ ପ୍ରଦାନ କରିବା

4 (i) ନେସନାଲ୍ ଜିଓଗ୍ରାଫିକ୍, କିଛି ଅନ୍ୟ

(ii) ନିଜସ୍ୱ

(iii) ସୀମା



ଟୀପ୍‌ପଣୀ

# ୧୫

# ଟେଲିଭିଜନ୍ ଚ୍ୟାନେଲ୍

ଭୋକିଲା ଥିବାବେଳେ, ଆପଣ ସେଇ ଆଶାରେ ଥାଆନ୍ତି, କେତେବେଳେ ଆପଣଙ୍କ ମା କିଛି ସ୍ୱାଦିଷ୍ଟ ଖାଦ୍ୟ ଆପଣଙ୍କୁ ଦେବେ । କିନ୍ତୁ ଚିନ୍ତା କରନ୍ତୁ ଯଦି ଆପଣଙ୍କ ମା ସବୁବେଳେ ସେଇ ରୁଟି ଡାଲି ଆପଣଙ୍କୁ ପରଷୁଥାଆନ୍ତି, ନିଶ୍ଚିତ ଭାବରେ ଆପଣ ଉଦ୍‌ବେଗ ପ୍ରକାଶ କରିବେ । ଏଇଥିପାଇଁ ଆମେ କେବେ କେବେ ରେଷ୍ଟୋରେଁରେ ଖାଦ୍ୟ ଖାଇବାପାଇଁ ଚାହୁଁ ଏବଂ ଘରେ କିଛି ଅଲଗା ତିଆରି କରି ଖାଇବାପାଇଁ ଚେଷ୍ଟାକରୁ । ଆମର ସ୍ୱାଦ ତଥା ମନର ସ୍ଥିତି ଅନୁସାରେ ଖାଦ୍ୟର ବିଭିନ୍ନତା ଆମକୁ ଭୋଜନର ସ୍ବିରୀକୃତିପାଇଁ ସାହାଯ୍ୟ କରିଥାଏ ।

ଏବେ ଚିନ୍ତାକରନ୍ତୁ, ଯଦି ଆମର ଟେଲିଭିଜନ୍ ସେଟ୍‌ରେ ଗୋଟିଏ ଚ୍ୟାନେଲ ଥାଆନ୍ତା ଏବଂ ତାହା ପ୍ରତିଦିନ ଦୁଇ ବା ତିନି ଘଣ୍ଟାର କାର୍ଯ୍ୟକ୍ରମ ପ୍ରସାରଣ କରୁଥାଆନ୍ତା ? ସତୁରୀ ଦଶକର ମଧ୍ୟରେ ଠିକ୍ ଏହିପରି ଥିଲା ଯେତେବେଳେ ଦୂରଦର୍ଶନ ଦିନରେ କିଛି ଘଣ୍ଟାପାଇଁ କଳାଧଳା କାର୍ଯ୍ୟକ୍ରମ ପ୍ରସାରଣ କରୁଥିଲା । ଯେଉଁଲୋକମାନଙ୍କ ପାଖରେ ଟେଲିଭିଜନ ସେଟ୍ ଥିଲା ସେମାନେ ଏହାକୁ ଚଲେଇବା ପାଇଁ ସମୟକୁ ଅପେକ୍ଷା କରି ରହୁଥିଲେ । ସୌଭାଗ୍ୟକ୍ରମେ ଆମ ପାଖରେ ଆଜି ବିଭିନ୍ନ କାର୍ଯ୍ୟକ୍ରମ ଦେଇପାରୁଥିବା ଅନେକ ଗୁଡିଏ ଟେଲିଭିଜନ ଚ୍ୟାନେଲ ସମୂହର ଉପଲବ୍ଧ ଅଛି । କିଛି ବୈଷୟିକ ଉନ୍ନତି ଫଳରେ ଆଜି ଟେଲିଭିଜନ ଦୁନିଆରେ ପରିବର୍ତ୍ତନ ଆସିପାରିଛି ।

ଏହି ଅଧ୍ୟାୟରେ ଆପଣ ଆମ ଦେଶରେ ଉପଲବ୍ଧ ହେଉଥିବା ଟେଲିଭିଜନର ବିଭିନ୍ନ ଶ୍ରେଣୀମାନଙ୍କ ସଂପର୍କରେ ଜାଣିପାରିବେ ତଥା ଏମାନଙ୍କ ମାଧ୍ୟମରେ ପ୍ରସାରିତ କାର୍ଯ୍ୟକ୍ରମର ପ୍ରକାର ଭେଦ ସଂପର୍କରେ ମଧ୍ୟ ଜ୍ଞାନ ଲାଭ କରିବେ ।

## ଉଦ୍ଦେଶ୍ୟ

ଏହି ପାଠ ପଢିସାରିବା ପରେ ଆପଣ ନିମ୍ନଲିଖିତ ବିଷୟରେ ଅବଗତ ହେବେ:-

- ଟେଲିଭିଜନ ଚାନେଲର ବିଭିନ୍ନ ଶ୍ରେଣୀବର୍ଗ ମଧ୍ୟରେ ବିଭାଗୀକରଣ ।
- ବିଭିନ୍ନ ପ୍ରକାର ଟେଲିଭିଜନ ଚ୍ୟାନେଲ ମଧ୍ୟରେ ପାର୍ଥକ୍ୟ ।
- ଟେଲିଭିଜନରେ ଉପଲବ୍ଧ ବିଭିନ୍ନ କାର୍ଯ୍ୟକ୍ରମ ଫର୍ମାଟ୍‌ର ସୂଚୀ ପ୍ରସ୍ତୁତ ।



ଟୀପ୍ପଣୀ

## 15.1 ଟେଲିଭିଜନ ଚ୍ୟାନେଲର ବିଭିନ୍ନ ଶ୍ରେଣୀବିଭାଗ

କୌଣସି ସମୟରେ ଆପଣ ନିଶ୍ଚୟ ଚିନ୍ତା କରୁଥିବେ ଏତେ ଗୁଡିଏ ଚ୍ୟାନେଲ ଗଠନର ମୁଖ୍ୟ କାରଣ ବିଭିନ୍ନତା ହୋଇପାରେ । ଏହି ତଥ୍ୟର କାରଣ ଟେଲିଭିଜନ ବିଭିନ୍ନ ପ୍ରକାର ଦର୍ଶକଙ୍କୁ ଧ୍ୟାନରେ ରଖିଥାଏ ଯଥା ପିଲା, ମହିଳା, ଯୁବକ, ବୟସ୍କ, କୃଷକ, ବ୍ୟବସାୟୀ, ଶ୍ରମିକ, ଛାତ୍ର ହୋଇଥାନ୍ତୁ ବା ଲେଖାପଢା ଜାଣିନଥିବା ମଧ୍ୟ । ଏହି ପ୍ରକାରରେ ସମସ୍ତଙ୍କ ପାଇଁ ଅଲଗା ଅଲଗା ଚାନେଲ ଉପଲବ୍ଧ ହୋଇଥାଏ ।

ଟେଲିଭିଜନ ବିଶେଷ ଦର୍ଶକମାନଙ୍କ ପାଇଁ ଅନେକ ଗୁଡିଏ ବିଶେଷ କାର୍ଯ୍ୟକ୍ରମ ପ୍ରସାରଣ କରିଥାଏ । ଏହାକୁ ବିଶେଷ ଦର୍ଶନ କାର୍ଯ୍ୟକ୍ରମ କୁହାଯାଏ । ଯେଉଁଭଳି ପିଲାମାନଙ୍କ କାର୍ଯ୍ୟକ୍ରମରେ ଗପ, ଗୀତ, ଖେଳ ତଥା ସାଧାରଣ ଜ୍ଞାନର ଉପଲବ୍ଧ ହୋଇଥାଏ, ସେହିଭଳି ମହିଳାଙ୍କ ପାଇଁ କାର୍ଯ୍ୟକ୍ରମରେ ଖାଦ୍ୟ ରାନ୍ଧିବାର ସଂପର୍କରେ ଜାଣିବା କଥା, ସିଲାଇ, ଆଇନଗତ ସମସ୍ୟା ଆଦିର ଜାଣିବାପାଇଁ ସୂଚନା ଦିଆଯାଇଥାଏ । କୃଷକଙ୍କ ପାଇଁ ବିଶେଷ କାର୍ଯ୍ୟକ୍ରମରେ କ୍ଷେତବାଡି ସମ୍ବନ୍ଧୀୟ ଗତିବିଧିର ଟିକିନିଖି ଜ୍ଞାନ ସଠିକ୍ ଭାବରେ ଜାଣିବାପାଇଁ ଦିଆଯାଇଥାଏ । ଯୁବକଙ୍କ ପାଇଁ କାର୍ଯ୍ୟକ୍ରମ ଏକ ଅଲଗା ଭାବରେ ଉପସ୍ଥିତ କରାଯାଏ । ଯାହାକି ବିଚାର ବିମର୍ଷଦ୍ୱାରା କରାଯାଏ । ତଥା ସେମାନଙ୍କର ଇଚ୍ଛା, ଦରକାର ହେଉଥିବା ଜିନିଷ ଏବଂ ସର୍ବୋପରି ସେମାନଙ୍କର ସମସ୍ୟାକୁ ନେଇ ପ୍ରସ୍ତୁତ କରାଯାଏ । ଏହାର ପ୍ରସ୍ତୁତିକରଣ ମଧ୍ୟ ସାଧାରଣତଃ ଯୁବଦର୍ଶକଙ୍କ ପାଇଁ ଯୁବ ଉଦ୍‌ଘୋଷକଙ୍କ ଦ୍ୱାରା କରାଯାଇଥାଏ ।


ଆସନ୍ତୁ ଏବେ ଆମେ ଆମପାଇଁ ଉପଲବ୍ଧ ଟେଲିଭିଜନ ଚ୍ୟାନେଲର ବିଭିନ୍ନ ଶ୍ରେଣୀବର୍ଗମାନଙ୍କ ଉପରେ ବିସ୍ତୃତ ଭାବରେ ଆଲୋଚନା କରିବା ।

### ସମ୍ବାଦ ଚ୍ୟାନେଲ୍

ବିଶ୍ୱସମ୍ବାଦ ଦେଖିଲାବେଳେ ଆପଣ କ'ଣ ଚିନ୍ତା କରନ୍ତି ? ଯଦି ଆମକୁ ଏହାର ଉତ୍ତର ଦଶ/ପନ୍ଦର ବର୍ଷ ପୂର୍ବରୁ ଦେବାର ଥା'ନ୍ତା ଆମେ କହିଥାନ୍ତେ ସମାଚାର ବୁଲେଟିନ୍ ରାତିରେ ହିଁ ପ୍ରସାରିତ ହୋଇଥାଏ । କିନ୍ତୁ ଏବେ ଏହାର ଉତ୍ତର ସମାଚାର ବୁଲେଟିନ୍ ସମ୍ବାଦ ଚ୍ୟାନେଲ ଚବିଶ ଘଣ୍ଟା ଦେଖାଇଥା'ନ୍ତି ଏହାହିଁ ହେବ ।

ଟୀପ୍‌ପଣୀ

ପ୍ରଥମରୁ ଟେଲିଭିଜନରେ ସମାଚାର ଅର୍ଥ ଥିଲା ସାଧାରଣ ଭାବରେ ପ୍ରାଇମ୍ ଟାଇମ୍‌ରେ ଅଧା ବା ଏକଘଣ୍ଟାର ସମ୍ବାଦ ପରିବେଷଣ, ଯେଉଁଥିରେ କି ଦିନସାରାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସମ୍ବାଦ ସାମିଲ ଥିଲା । କିନ୍ତୁ ଏବେ ସମ୍ବାଦର ଅର୍ଥ ତଥା ଏହାର ସଂଜ୍ଞା ଅନେକ କିଛି ବଦଳି ଯାଇଛି । ଏବେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ, ବିଭିନ୍ନ ରୂପରେ ଏବଂ ଅନେକ ବିଧିମୁତାବକ ସମାଚାର ପ୍ରସାରିତ ହେଉଅଛି ।




**ଚିତ୍ର : 15.1**

ସମାଚାରକୁ କିଛି ନୂଆ ତଥା ବର୍ତ୍ତମାନ ଘଟଣାକ୍ରମର ସୂଚନାର ରୂପରେ ପରିଭାଷିତ କରାଯାଇପାରିବ ଯେପରିକି ବିଶେଷ ଭାବରେ ସମ୍ବାଦପତ୍ର, ସମୟ ସମୟରେ ପ୍ରକାଶିତ ପତ୍ରିକା, ରେଡିଓ ବା ଟେଲିଭିଜନ ରିପୋର୍ଟ ଯାହା କରିଥାନ୍ତି । କିନ୍ତୁ ସମାଚାରର ଅର୍ଥ ଆଜି କିଛି ବ୍ୟାପକ ହୋଇଯାଇଛି । କିଛି ଦଶକ ପୂର୍ବରୁ କେବଳ ଗୋଟିଏ ଟେଲିଭିଜନ ଚ୍ୟାନେଲ ଆମମାନଙ୍କୁ ସମାଚାର ତଥା କିଛି ସମସାମୟିକ ଘଟଣା ଉପରେ ଜଣାଉଥିଲେ ଏହା ଥିଲା ପୁରୁଣା ଦୂରଦର୍ଶନ ।


ବର୍ତ୍ତମାନ ଆମ ପାଖରେ କେବଳ ହିନ୍ଦୀରେ ଅଧା ଡର୍ଜନରୁ ଅଧିକା ସମାଚାର ଚାନେଲ ଅଛି । ଏଥିରେ ଆଜତକ, ଷ୍ଟାର ନ୍ୟୁଜ, ଜି ନ୍ୟୁଜ, ଏନ୍ ଡିଟିଭି, ଇଣ୍ଡିଆ, ସାହାରା, ସମୟ ତଥା ଇଟିଭି ଭଳି କିଛି ଅଛି । ଇଂରାଜୀ ସମାଚାର ଚାନେଲ ମଧ୍ୟରୁ ଏନ୍‌ଡିଟିଭି, 24 x 7, ସିନ୍‌ବିସି ଟିଭି-୧୮, ଟାଇମ୍ ନାଓ ଏବଂ ହେଡ୍‌ଲାଇନ୍‌ସ ଟୁଡେ ଅଛି । ଏହା ସଂଗେ ସଂଗେ ପ୍ରମୁଖ ଭାଷାଭାଷୀର ଚାନେଲ ଅଛି, ଯଥା-ତାମିଲ, ତେଲୁଗୁ, ମଲାୟାଲାମ୍, କନ୍ନଡ, ମରାଠି, ଗୁଜୁରାତି, ବଙ୍ଗାଳି, ଓଡିଆ ତଥା ଉର୍ଦ୍ଦୁ ସାମିଲ ହୋଇଛି ।




**ଚିତ୍ର : 15.2**

**ଖେଳ ଚ୍ୟାନେଲ:-**

ଆପଣ କେବେ ଟେଲିଭିଜନରେ ସଜୀବ କ୍ରିକେଟ୍‌ମ୍ୟାଚ୍‌ର ସିଧା ପ୍ରସାରଣ(ଲାଇଭ୍)ଦେଖିଛନ୍ତି କି ? ଅଥବା ଏହିଭଳି ଭାବରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ? ସମାଚାର ଚାନେଲର ବ୍ୟତିରେକ ଟେଲିଭିଜନ ଚ୍ୟାନେଲ ମଧ୍ୟରେ ଖେଳ ଚ୍ୟାନେଲ ଗୋଟିଏ ଅନ୍ୟ ମହତ୍ତ୍ୱପୂର୍ଣ୍ଣ ଚ୍ୟାନେଲ ଅଟେ ।




**ଚିତ୍ର : 15.3**



ଟୀପ୍‌ପଣୀ

**ସ୍ପୋର୍ଟସ୍ ଚ୍ୟାନେଲ:-**

ଖେଳ ଚ୍ୟାନେଲ ଟେଲିଭିଜନର ଏକ ବିଶେଷ ଚ୍ୟାନେଲ ଅଟେ । ଯେଉଁଥିରେ ଖେଳକୁଦ ଆୟୋଜନର ପ୍ରସାରଣ କରାଯାଇଥାଏ ଟୋଣ୍ଟି ଟୋଣ୍ଟି ବିଶ୍ୱକପ୍ ସାଧାରଣତଃ ଏହି ପ୍ରସାରଣ ସଜିବ ହୋଇଥାଏ ଏବଂ ଯଦି କୌଣସି କାରଣ ବଶତଃ ଏହି ଚ୍ୟାନେଲ ଖେଳକୁ ତତ୍କାଳ ପ୍ରସାରଣ କରିପାରନ୍ତି ନାହିଁ ତେବେ ଖେଳ ସମାଚାର ତଥା ଅନ୍ୟ ସମ୍ବନ୍ଧୀତ କାର୍ଯ୍ୟକ୍ରମ ଦେଖାଇଥାନ୍ତି । କିଛି ଏଭଳି ଚ୍ୟାନେଲ ଅଛି ଯାହା କେବଳ ଖେଳ ଉପରେ ହିଁ କେନ୍ଦ୍ରୀଭୂତ ହୋଇଥାଏ । ଅଥବା ଦେଶରେ କ୍ଷେତ୍ରବିଶେଷ ଅନୁସାରେ ସ୍ଥାନୀୟ ଖେଳ ଆୟୋଜନର ପ୍ରସାରଣ କରିଥାଏ ।

***କ'ଣ ଆପଣ ଜାଣିଛନ୍ତି କି ?***


*ବିଶ୍ୱର ପ୍ରଥମ ସ୍ପୋର୍ଟସ୍ ଚାନେଲ ସଂଯୁକ୍ତ ରାଷ୍ଟ୍ର ଆମେରିକାର ସ୍ପୋର୍ଟସ୍ ଚ୍ୟାନେଲ ନେଟ୍‌ୱାର୍କର ଇଏସ୍‌ପିଏନ୍ ୧୯୭୯ରେ ଆରମ୍ଭ ହୋଇଥିଲା ।*

ଏହି ଚ୍ୟାନେଲରେ ଖେଳ ପ୍ରସାରଣର ଉପଲବ୍ଧତାର ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଅଛି । ଏହିଚାନେଲ ବିଭିନ୍ନ ବିଶେଷ ଖେଳ ଦେଖାଇବାର ସୁଯୋଗ ଉପଲବ୍ଧ କରାଇଥାଏ ଯେପରି କି ଦୁନିଆର କୌଣସି କୋଣରେ ଆମ ଟିମ୍ ଦ୍ୱାରା ଖେଳା ଯାଉଥିବା ପ୍ରତ୍ୟେକ ଖେଳକୁ ଆମେ ଯେଭଳି ଦେଖିପାରିବା ।

ସ୍ପୋର୍ଟସ୍ ଚ୍ୟାନେଲର ଧାରଣା ବା ସୃଷ୍ଟି ଅଧିକ ପୁରୁଣା ମଧ୍ୟ ନୁହେଁ । ଆପଣଙ୍କୁ ମନେଥିବ ପ୍ରଥମରେ ଭାରତରେ ବହୁତ ଗୁଡିଏ ଧାରାବାହିକକୁ ନିର୍ଦ୍ଧାରିତ ସମୟରେ ପ୍ରସାରିତ କରାଯାଉନଥିଲା । କାରଣ ଏହି ସମୟ ମଧ୍ୟରେ ସଜିବ କ୍ରିକେଟ୍ ମ୍ୟାଚ୍ ଦେଖାଇବାର ବ୍ୟବସ୍ଥା ହୋଇଥିଲା । ଆଜି ନିଶ୍ଚିତ ଭାବରେ ଏହା ଦେଖାଯାଉନାହିଁ । ଏବେ ଆମ ପାଖରେ ବିଶେଷ ଖେଳ ଚ୍ୟାନେଲ ଅଛି ଯାହା ସଜିବ ଖେଳ ଆୟୋଜନ ଦେଖାଉଅଛି ଏବଂ ଏଥିଯୋଗୁଁ କୌଣସି ଲୋକପ୍ରିୟ କାହାଣୀ ଏବଂ ମନୋରଂଜନ କାର୍ଯ୍ୟକ୍ରମର ଯୋଜନା ପ୍ରଭାବିତ ହେଉନାହିଁ । କ'ଣ ଦେଖିବାର ଅଛି ଏହା କେବଳ ନିଶ୍ଚିତ ଭାବରେ ଦର୍ଶକଙ୍କ ପସନ୍ଦ ଉପରେ ନିର୍ଭର କରୁଛି ।


**କାର୍ଟୁନ୍ ଚ୍ୟାନେଲ**

ଆପଣଙ୍କ ଘରେ କୌଣସି ଛୋଟ ଭାଇଭଉଣୀ ଅଛନ୍ତି କି ? ସେମାନଙ୍କୁ ପଚାରନ୍ତୁ ଟେଲିଭିଜନରେ ସେମାନଙ୍କର ପସନ୍ଦଯୋଗ୍ୟ ଚ୍ୟାନେଲ କ'ଣ ଅଟେ । ଏହାର ଉତ୍ତର ସମ୍ଭବତଃ ପୋଗୋ ବା କାର୍ଟୁନ ନେଟ୍‌ୱାର୍କ ହେବ । ପିଲାମାନଙ୍କ ମଧ୍ୟରେ ସର୍ବାଧିକ ଲୋକପ୍ରିୟ ଟେଲିଭିଜନ୍ ଚ୍ୟାନେଲର ଶ୍ରେଣୀମଧ୍ୟରେ କାର୍ଟୁନ ଚ୍ୟାନେଲ୍ ଅଟେ ।



ଟୀପ୍ପଣୀ

ଭାରତରେ କାର୍ଟୁନ୍ ନେଟ୍‌ୱାର୍କ ସର୍ବାଧିକ ଲୋକପ୍ରିୟ କାର୍ଟୁନ୍ ଚ୍ୟାନେଲ୍ ଅଟେ । ଏହାର ପ୍ରସାରଣ ଇଂରାଜୀ, ତାମିଲ ଏବଂ ହିନ୍ଦୀର ବିଭିନ୍ନ ଭାଷାର ଅନୁବାଦ ରୂପରେ ହୋଇଥାଏ । ଏଥିରେ ପାରମ୍ପରିକ ଟମ୍ ଆଣ୍ଡ ଜେରି, ସ୍କୁବିଡୁ ତଥା ପାପେୟି, ଦ ସେଲର ଭଳି କାର୍ଯ୍ୟକ୍ରମ ସାମିଲ ଅଟେ । ଏହି କାର୍ଯ୍ୟକ୍ରମରେ ସୁପରହିରୋ ସିରିଜ ଯେଉଁଭଳି ସୁପରମ୍ୟାନ ଦ ଆନିମେଟର ସିରିଜ, ବେଟ୍‌ମ୍ୟାନ୍ ଦ ଆନିମେଟର ସିରିଜ ତଥା ଜଷ୍ଟିସ୍ ଲୋକ ଅନଲିମିଟେଡ୍, ପୋକେମ୍ୟାନ୍, ବେଲେର୍ଡ୍, ଜିୟା ଓ ଲିନ୍. ସୋ ଡାଉନ୍, ଡିଗି ମ୍ୟାନ୍, ଡିଉଲ୍ ମାଷ୍ଟର, ଟ୍ରାନସ୍‌ଫରମେସେ, ଦି ୟୁନିକନ୍, ଟ୍ରାୟୋଲଜି ଏବଂ ଦ ଟିନିଜ୍ ମ୍ୟୁଟେଷ୍ଟ, ନିଂଜା, ଟଟଲସ୍ ସମ୍ମିଳିତ ଅଟେ ।



**ଚିତ୍ର : 15.4 କାର୍ଟୁନ୍ ଚାନେଲ**

କାର୍ଟୁନ୍ ନେଟ୍‌ୱାର୍କରେ କିଛି ଭାରତରେ ନିର୍ମିତ କାର୍ଟୁନ୍ ମଧ୍ୟ ପ୍ରସାରିତ କରାଯାଇଛି । ଯେପରିକି ଆକବର ଔର ବିରବଲ, ସିନ୍ଦ୍ ବାଦ୍, ରାମାୟଣ, ମହାଭାରତ ତଥା ବିକ୍ରମ ଔର ବେତାଲ ।

**ମନୋରଂଜନ ତଥା ଲାଇଫ୍ ଷ୍ଟାଇଲ୍ ବା ଜୀବନଚର୍ଚ୍ଚା ଚ୍ୟାନେଲ ।**

ଆପଣ ସମାଚାର ପତ୍ରର ସାଙ୍ଗରେ ଆସିଥିବା ଏକ ରଂଗୀନ ବିଶେଷାଙ୍କକୁ ଦେଖିଛନ୍ତି କି ? ଏଥିରେ ଫିଲ୍ମ, ଅଭିନେତା, ଗୃହସଜ୍ଜା ତଥା ଅନ୍ୟାନ୍ୟ ମନୋରଂଜନ ସମ୍ବନ୍ଧୀୟ ସାମଗ୍ରୀକ ଲେଖା ଥାଏ । ଟେଲିଭିଜନରେ ମଧ୍ଯ ଘର ଆଙ୍ଗନ, ବାଗ୍‌ବଗିଚା, ରୋଷେଇଘର ଏବଂ ପରିବାର ଆଦି ବିଷୟ ନେଇ ଉପସ୍ଥାପିତ ଚ୍ୟାନେଲ ଥାଏ ।

ଏହାକୁ ଜୀବନଚର୍ଚ୍ଚା ବା ଲାଇଫ୍ ଷ୍ଟାଇଲ୍ ଚ୍ୟାନେଲ କୁହାଯାଏ ଏବଂ ଏହା ବିଭିନ୍ନ ଜୀବନଶୈଳୀର ରୂପରେଖରେ ସମ୍ବନ୍ଧୀତ ଅନେକ ପ୍ରକାର କାର୍ଯ୍ୟକ୍ରମ ଉପସ୍ଥାପିତ କରିଥାଏ । ଏହି ଚ୍ୟାନେଲ ଗୁଡିକୁ ଭଲଭାବରେ ରୁଚିମନ୍ତ କରାଯାଇପାରେ କେବଳ ବିଶେଷଶୈଳୀର ଉଦ୍‌ଘୋଷକ, ସୁସଜ୍ଜିତ



ଟୀପ୍ପଣୀ

ତ ଥା ସୁପ୍ରକାଶିତ ସେଟ୍‌ର ମନୋହର ସ୍ଥାନବିଶେଷ ଏବଂ ଅତି ନମ୍ରଭାବର ଦୃଷ୍ଟିକୋଣ ସହିତ । ଏହା ଜାଣିବାପାଇଁ ଆପଣଙ୍କର ପ୍ରିୟ ଅଭିନେତାଙ୍କର କ'ଣ ପସନ୍ଦ ନାପସନ୍ଦ ଆପଣ ଏହି ଲାଇଫ୍‌ଷ୍ଟାଇଲ୍ ଚ୍ୟାନେଲକୁ ଦେଖିପାରନ୍ତି । ଯେଉଁ ଡିସ୍‌କଭରି ଚ୍ୟାନେଲର ଟ୍ରାଭେଲ୍ ଆଣ୍ଡ୍ ଲିଭିଙ୍ଗ୍ ଏଭଳି କିଛି ଲାଇଫ୍‌ଷ୍ଟାଇଲ ଚ୍ୟାନେଲ୍ ଅଟେ ।

**ଜ୍ଞାନ ତଥା ଅନୁସନ୍ଧାନଧର୍ମୀ ଚ୍ୟାନେଲ:-**

ଯେପରିକି ଖେଳ ଚ୍ୟାନେଲ ଖେଳସମ୍ବନ୍ଧୀୟ ଅନେକ ଗୁଡିଏ କାର୍ଯ୍ୟକ୍ରମ ଦେଖାଇଥାଏ, ସେହିଭଳି ବିଜ୍ଞାନ ଚାନେଲ ବିଜ୍ଞାନ ସମ୍ବନ୍ଧିତ ଟେଲିଭିଜନ କାର୍ଯ୍ୟକ୍ରମ ଦେଖାଇଥାଏ । ପ୍ରତ୍ୟେକ ଦିନ ବିଶେଷ ବ୍ଲକରେ ଏଥିରେ ବିଭିନ୍ନ ବିଷୟ ନିଆଯାଇଥାଏ, ଯେପରିକି ମୌସୁମୀ ବୈଷୟିକ ତଥା ମହାକାଶ । ଯଦି ଆପଣ ଡାଇନୋସର, ସାପ, ବାଘ, ଜଳପ୍ରପାତ, ପ୍ରକୃତି, ବୈଜ୍ଞାନିକ ଆବିଷ୍କାର ତଥା ଅନୁସନ୍ଧାନ ବିଷୟରେ ଜାଣିବାପାଇଁ ଚାହୁଁଥାନ୍ତି, ନ୍ୟାସନାଲ ଜିୟୋଗ୍ରାଫି ଏବଂ ଡିସ୍‌କଭରି ଚ୍ୟାନେଲ ଦେଖିବା ଆପଣଙ୍କ ପାଇଁ ଜରୁରୀ ଅଟେ ।

## ପାଠ୍ୟଗତ ପ୍ରଶ୍ନ 15.1 :-

(i) ଦିଆଯାଇଥିବା ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତରରେ ଟିକ୍ ଚିହ୍ନ ଦିଅନ୍ତୁ ।

ଘରବାଡି, ବାଡିବଗିଚା ଏବଂ ପରିବାର ଉପରେ ସମର୍ପିତ ଚ୍ୟାନେଲ ଅଟେ ।

କ) ବିଜ୍ଞାନ ଚ୍ୟାନେଲ

ଖ) ସମାଚାର ଚ୍ୟାନେଲ

ଗ) ଖେଳ ଚ୍ୟାନେଲ

ଘ) ଲାଇଫ୍ ଷ୍ଟାଇଲ୍ ଚ୍ୟାନେଲ

(ii) ପିଲାମାନଙ୍କ ପାଇଁ ଟେଲିଭିଜନ ଚ୍ୟାନେଲରେ ସର୍ବାଧିକ ଲୋକପ୍ରିୟ ଶ୍ରେଣୀ ଅଟେ ।

କ) ସମାଚାର ଚ୍ୟାନେଲ

ଖ) ଖେଳ ଚ୍ୟାନେଲ

ଗ) କାର୍ଟୁନ୍ ଚ୍ୟାନେଲ

ଘ) ଲାଇଫ୍ ଷ୍ଟାଇଲ୍ ଚ୍ୟାନେଲ

(iii) ଏଥିମଧ୍ୟରୁ କେଉଁ ଗୋଟିକ ସମାଚାର ଚ୍ୟାନେଲ ଅଟେ ।

କ) ଡିସ୍‌କଭରି ଚ୍ୟାନେଲ



ଟୀପ୍ପଣୀ

ଖ) ଏନ୍‌ଡି ଟିଭି ୨୪.୭

ଗ) ଇଏସ୍‌ପିଏନ୍

ଘ) ଜୁମ୍

(2) କୌଣସି ଦୁଇପ୍ରକାର ଟେଲିଭିଜନ ଚ୍ୟାନେଲ କୁହନ୍ତୁ । ପ୍ରତ୍ୟେକର ଗୋଟିଏ ଉଦାହରଣ ଦିଅନ୍ତୁ ।

(3) ଟେଲିଭିଜନରେ ମନୋରଂଜନ କାର୍ଯ୍ୟକ୍ରମର ୫ଟି ଉଦାହରଣ ଦିଅନ୍ତୁ ।

## 15.2 ଟେଲିଭିଜନ କାର୍ଯ୍ୟକ୍ରମର ପ୍ରକାର ଭେଦ

ଏବେ ଆମ ସମସ୍ତଙ୍କୁ ଜଣା, ଟେଲିଭିଜନ ଚ୍ୟାନେଲରେ ବିଭିନ୍ନ ଶ୍ରେଣୀ ବିଭାଗ ଅଛି । ନିଜର ମନ, ସ୍ଥିତି, ରୁଚି ତଥା ଆବଶ୍ୟକ ମୁତାବକ ଆମେ ଚ୍ୟାନେଲ ବାଛିଥାଉ ଏବଂ ତାକୁ ଦେଖୁ । ଏହି ଚ୍ୟାନେଲ ଉପରେ ଦେଖାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଭିନ୍ନ ଭିନ୍ନ ଉଦ୍ଦେଶ୍ୟକୁ ସାଧିତ କରିଥାଏ । କିଛି କାର୍ଯ୍ୟକ୍ରମ ଲୋକମାନଙ୍କୁ ସୂଚିତ କରାଇବାପାଇଁ, କିଛି ଲୋକଙ୍କ ମନୋରଂଜନ କରିବାପାଇଁ ଆଉ କିଛି ଅନ୍ୟାନ୍ୟ ସମୁଦାୟକୁ ଶିକ୍ଷିତ କରିବା ଲକ୍ଷ୍ୟନେଇ ହୋଇଥାଏ । ବାରମ୍ୱାର ଏହା ପ୍ରମାଣିତ ହୋଇଛି ଟେଲିଭିଜନ ଜନସାଧାରଣଙ୍କୁ କୌଣସି ବିଷୟ ଉପରେ ବାଧ୍ୟ କରାଇବା ଏବଂ ଉତ୍ତେଜିତ କରାଇବାର କାର୍ଯ୍ୟ ମଧ୍ୟ କରିଥାନ୍ତି । ସେଇମାନଙ୍କ ମଧ୍ୟରୁ କେତେକଙ୍କର ଏହି ମାଧ୍ୟମ ସହିତ ଆବେଗଭରା ବା ଭାବନାତ୍ମକ ସଂପର୍କ ହୋଇଯାଏ ।

ସୂଚନା ଉପଲବ୍ଧ କରାଇବା, ମନୋରଂଜନ ତଥା ଶିକ୍ଷା ଟେଲିଭିଜନର ମୂଳ ଲକ୍ଷ୍ୟ ଅଟେ । ସମୟ ସମୟରେ ଆମର ପ୍ରାଥମିକତା ବଦଳି ଯାଇଥାଏ । ଏହିପରି ଭାବରେ ଆମେ କିଛି ସମୟ ବିଶେଷରେ ଚାନେଲ ମଧ୍ୟ ସ୍ଥିର କରିଥାଉ । ସମୟର ତାଳେ ତାଳେ "ଇନ୍‌ଫୋଟେନ୍‌ମେଣ୍ଟ" ତଥା "ଏଡୁଟେନ୍‌ମେଣ୍ଟ"ଭଳି ନୂଆ ନୂଆ ଶବ୍ଦର ଆବିର୍ଭାବ ହେଉଅଛି କିନ୍ତୁ ଦୁଇଟି ଯାକ ବିଷୟରେ "ଏଣ୍ଟରଟେନ୍‌ମେଣ୍ଟ" ବା ମନୋରଂଜନ ଉଭୟ ଅଛି ଏବଂ ଏହା ଏବେ ଟେଲିଭିଜନର ପ୍ରମୁଖ ଭୂମିକା ହୋଇଅଛି ।

### ସୂଚନାତ୍ମକ କାର୍ଯ୍ୟକ୍ରମ:-

ପ୍ରାୟତଃ ଆମକୁ ଟେଲିଭିଜନ କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ଗୁଡିଏ ଜିନିଷ ସଂପର୍କରେ ଆମକୁ ଜଣାପଡୁଛି । କେଉଁଠାରେ କ'ଣ ଘଟୁଛି ? କେଉଁ ପ୍ରଦର୍ଶନୀ ଲାଗିବ ଏବଂକେତେଦିନ ପର୍ଯ୍ୟନ୍ତ ଚାଲିବ ? କେଉଁବର୍ଷର ସର୍ବୋତ୍କୃଷ୍ଟ ସ୍ପୋର୍ଟସ୍‌ମ୍ୟାନ ଘୋଷଣା କରାଯାଇଛି ?

ଏସବୁ କାର୍ଯ୍ୟକ୍ରମ ଯାହାର ମୁଖ୍ୟ ଉଦ୍ଦେଶ୍ୟ ଦର୍ଶକଙ୍କୁ ସୂଚନା ପ୍ରଦାନ କରିବା ଏହାକୁ ସୂଚନାତ୍ମକ



ଟୀପ୍‌ପଣୀ

କାର୍ଯ୍ୟକ୍ରମ କୁହାଯାଏ । ସୂଚନା କାର୍ଯ୍ୟକ୍ରମର ବିଭିନ୍ନ ପ୍ରକାର ଭେଦ ମାନଙ୍କ ମଧ୍ୟରେ ନିମ୍ନ ପ୍ରଦତ୍ତ ଅଟେ-

- ସମ୍ବାଦ ତଥା ସମସାମୟିକ ବିଷୟର କାର୍ଯ୍ୟକ୍ରମ-ଉଦାହରଣ ସ୍ୱରୂପ ସମାଚାର ବୁଲେଟିନ୍, ସମାଚାର ଉଦ୍‌ଘୋଷଣା-ଯଥା ମହତ୍ୱପୂର୍ଣ୍ଣ ଘଟଣାର କାର୍ଯ୍ୟଧାରାକୁ ସିଧା ପ୍ରସାରଣ କରିବା, ସମାଚାର ଆଧାରିତ ଭେଟବାର୍ତ୍ତା ତଥା ପ୍ୟାନେଲ ଆଲୋଚନା ।
- ଖେଳ କାର୍ଯ୍ୟକ୍ରମ ଉଦାହରଣ ସ୍ୱରୂପ କ୍ରିକେଟ୍ ମ୍ୟାଚ୍, ଖେଳ ଡାଏରୀ ତଥା ଖେଳ ଉଦ୍‌ଘୋଷଣା ।
- କୁକରୀ ଶୋ ବା ଖାଦ୍ୟପେୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ-ଉଦାହରଣ ସ୍ୱରୂପ କୁକ୍‌ଇଟ୍‌ଅପ୍ ୱିଥ୍ ସରଳା ଦଲାଲ, ଖାନା ଖଜାନା, ମିର୍ଚ୍ଚ ମଶାଲା ।
- ସମସାମୟିକ ପର୍ଯ୍ୟାବରଣ ବିଷୟ, ବିଜ୍ଞାନ ତଥା ବୈଷୟିକ ଏବଂ ଅନୁସନ୍ଧାନମୂଳକ ତଥା ଆର୍ଥିକ ନୀତି ସମ୍ବନ୍ଧୀୟ ସୂଚନା ଦେଉଥିବା କାର୍ଯ୍ୟକ୍ରମ ଯେପରି "ସୁରଭି" ଏବଂ "ଭାରତ ଏକ ଖୋଜ୍" ।

## ମନୋରଂଜନ କାର୍ଯ୍ୟକ୍ରମ:-

ଆପଣ କ'ଣ ଏଥିପାଇଁ ସବୁବେଳେ ଟେଲିଭିଜନ ଦେଖନ୍ତି କିଛି ଜାଣିବାପାଇଁ ? ନିଶ୍ଚୟ ଭାବରେ ଏହା ନୁହେଁ । ଆମ ଭିତରୁ ଅନେକାଂଶ ଲୋକ ଯେଉଁମାନେ ଟେଲିଭିଜନ ଦେଖନ୍ତି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାରଣ ମନୋରଂଜନ ପାଇଁ ।

ଆମକୁ ସୂଚନା ଦେଉଥିବା କାର୍ଯ୍ୟକ୍ରମ ବ୍ୟତୀତ ଟେଲିଭିଜନରେ ଏପରି ଅନେକ କାର୍ଯ୍ୟକ୍ରମ ଅଛି ଯାହା ଆମର ମନୋରଂଜନ କରିଥାଏ । ଏସବୁ କାର୍ଯ୍ୟକ୍ରମକୁ ମନୋରଂଜନ କାର୍ଯ୍ୟକ୍ରମ କୁହାଯାଏ ।

### ମନୋରଂଜନ କାର୍ଯ୍ୟକ୍ରମର ଉଦାହରଣ:-

- ଧାରାବାହିକ , ସୋପଅପେରା ଡ୍ରାମା ତଥା ନାଟକ ଯେପରିକି-ଜୁନୁନ, ଘର ଏକ ମନ୍ଦିର, କିଉଁକି ଶାଶ୍ ଭି କଭି ବହୂ ଥି, ବନୁଁ ମେଁ ତେରୀ ଦୁଲ୍‌ହନ ।
- କମେଡି ଶୋ ଯେପରି ଲାଫ୍‌ଟର ଚାଲେଞ୍ଜ, କମେଡି ସର୍କସ୍ ।
- ସଂଗୀତ କାର୍ଯ୍ୟକ୍ରମ-ସୁଗମ ସଂଗୀତ, ଶାସ୍ତ୍ରୀୟ ସଂଗୀତ ଆଦି କାର୍ଯ୍ୟକ୍ରମ ଯେପରି ଗଜଲଗୋଷ୍ଠୀ ।

ଟୀପ୍ପଣୀ

- ଗେମ୍ ସୋ ଯେପରି ମାଷ୍ଟର କାର୍ଡ, ଫାମିଲି ଫଚ୍ୟୁନ
- ଚାଟ୍ ସୋ ଯେପରି କାଫେୱିଥ୍ କରନ୍, ଓଏ, ଇଟ୍ସ ଫ୍ରାଇଡେ, ଜିନା ଇସି କା ନାମ୍ ହେ ।
- କାର୍ଟୁନ୍ ଯେପରି ଟମ୍ ଆଣ୍ଡ ଜେରୀ, ପରୀକଥା ବା କୌତୁହଳ ଆଧାରିତ କାର୍ଯ୍ୟକ୍ରମ ଯେପରି ଆଲ୍ଲାଦିନ କା ଚିରାଗ ।
- ହରର ସୋ ଯେପରି ଆହଟ ।
- ରିଅଲିଟୀ ଟେଲିଭିଜନ ସୋ ଯେପରି ଇଣ୍ଡିଆନ୍ ଆଇଡଲ, ସାରେଗାମାପା ଏବଂ ଭଏସ୍ ଅଫ୍ ଇଣ୍ଡିଆ ।

## ଶୈକ୍ଷିକ କାର୍ଯ୍ୟକ୍ରମ:-

ଆପଣ ଜାଣିଛନ୍ତି ଟେଲିଭିଜନ ମଧ୍ୟ ଗୋଟିଏ ଭଲ ଶିକ୍ଷକ ମଧ ହୋଇପାରିବ ।ଏହା ଦୂରଗାମୀ ଶିକ୍ଷଣର ଏକ ପ୍ରଭାବୀ ମାଧ୍ୟମ ଭାବରେ ମଧ କାର୍ଯ୍ୟ କରିଥାଏ ।ପ୍ରଥମ ପାଠ୍ୟକ୍ରମରେ "ଜ୍ଞାନଦର୍ଶନ" ସମ୍ବନ୍ଧରେ ଆପଣ ଜାଣିଛନ୍ତି ଯାହାକି "ଦୂରଦର୍ଶନର"ଏକ ଶୈକ୍ଷିକ ଚ୍ୟାନେଲ ଅଟେ । ଏହି ଚ୍ୟାନେଲରେ ପ୍ରସାରିତ କାର୍ଯ୍ୟକ୍ରମ ଶୈକ୍ଷିକ କାର୍ଯ୍ୟକ୍ରମର ଉଚିତ୍ ଉଦାହରଣ ଅଟେ ।ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ନିମ୍ନରେ ପ୍ରଦତ୍ତ ଅଛି ।

ମୁକ୍ତ ବିଶ୍ୱବିଦ୍ୟାଳୟ ବା ଦୂରସ୍ଥ ଶିକ୍ଷଣ କାର୍ଯ୍ୟକ୍ରମ(ୟୁଜିସି ବା ଇଗ୍ନୋ)

### ସାମାଜିକ ବା ବିକାଶ କାର୍ଯ୍ୟକ୍ରମ:-

ସ୍ୱାସ୍ଥ୍ୟ ବା ବିଜ୍ଞାନ, ଫିଟ୍‌ନେସ୍ ତଥା ହାଇଜିନ୍, କୃଷି ତଥା ଗ୍ରାମିଣ ବିକାଶ କାର୍ଯ୍ୟକ୍ରମ, ଲୋକସେବା ପ୍ରସାରଣ, ସାକ୍ଷରତା ଅଭିଯାନ, ପରିବାର ନିୟୋଜନ ତଥା କଲ୍ୟାଣ ।

### ସଂସ୍କୃତି ତଥା ଲିଙ୍ଗଗତ ଅଧ୍ୟୟନ କାର୍ଯ୍ୟକ୍ରମ:-

ସାହିତ୍ୟ, କଳା, ନାଟକ, ସାଂସ୍କୃତିକ ପରମ୍ପରା ଏବଂ ଲିଙ୍ଗଗତ ସଂବେଦନଶୀଳ କାର୍ଯ୍ୟକ୍ରମ ।

## ପାଠ୍ୟଗତ ପ୍ରଶ୍ନ 15.2 :-

(1) ପ୍ରଦତ୍ତ ବିକଳ୍ପ ମଧ୍ୟରୁ ଉଚିତ୍ ଉତ୍ତରରେ ଠିକ୍ ଚିହ୍ନ ଦିଅନ୍ତୁ ।

i) ସଂସ୍କୃତି ତଥା ଲିଙ୍ଗଗତ ଅଧ୍ୟୟନ କାର୍ଯ୍ୟକ୍ରମ ଏକ ପ୍ରକାର ଅଟେ ।

କ) ମନୋରଂଜନ କାର୍ଯ୍ୟକ୍ରମ

ଖ) ଶୈକ୍ଷିକ କାର୍ଯ୍ୟକ୍ରମ



ଟୀପ୍ପଣୀ

ଗ) ସୂଚନାତ୍ମକ କାର୍ଯ୍ୟକ୍ରମ

ଘ) ଏଥରୁ କେଉଁଟି ନୁହେଁ ।

ii) କମେଡି ସୋ କାର୍ଯ୍ୟକ୍ରମ ଅଟେ ।

କ) ଶୈକ୍ଷିକ କାର୍ଯ୍ୟକ୍ରମ

ଖ) ସୂଚନାତ୍ମକ କାର୍ଯ୍ୟକ୍ରମ

ଗ) ମନୋରଂଜନ କାର୍ଯ୍ୟକ୍ରମ

ଘ) ଏଥିମଧ୍ୟରୁ କେଉଁଟି ନୁହେଁ ।

iii) କୁକରୀ ଶୋର ଶ୍ରେଣୀ ଅଟେ

କ) ଶୈକ୍ଷିକ କାର୍ଯ୍ୟକ୍ରମ

ଖ) ମନୋରଂଜନ କାର୍ଯ୍ୟକ୍ରମ

ଗ) ସୂଚନାତ୍ମକ କାର୍ଯ୍ୟକ୍ରମ

ଘ) ଏଥିମଧ୍ୟରୁ କେଉଁଟି ନୁହେଁ ।

(2) ସୂଚନାତ୍ମକ କାର୍ଯ୍ୟକ୍ରମର ଏପରି ତିନୋଟି ଉଦାହରଣ ଦିଅନ୍ତୁ ଯାହାକୁ ଆପଣ ଟେଲିଭିଜନରେ ଦେଖିବାକୁ ଚାହୁଁଛନ୍ତି ।

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

## 15.3 ଟେଲିଭିଜନ କାର୍ଯ୍ୟକ୍ରମର ବିଭିନ୍ନ ଫରମାଟ୍ (Style or manner of Arrangement etc.)

ଖାଦ୍ୟପେୟ ହେଉ ଅଥବା ପୋଷାକ ପିନ୍ଧା, ବନ୍ଧୁ ସୃଷ୍ଟିକରିବା ହେଉ ଅଥବା ମନୋରଂଜନକୁ ବାଛିବାହେଉ, ମନୁଷ୍ୟ ଜୀବନରେ ସର୍ବଦା ବିଭିନ୍ନତାର ଆବଶ୍ୟକ ଅଟେ । ଟେଲିଭିଜନ ବିଷୟରେ ଏହି ଉକ୍ତି ମଧ୍ୟ ଠିକ୍ ଯାହା କୁହାଯାଏ "ବିଭିନ୍ନତା ମଧ୍ୟରେ ଜୀବନର ଅର୍ଥ ଲୁକ୍କାୟିତ ଅଛି ।"

ଟେଲିଭିଜନ ଦେଖିବା ସମୟରେ ଆପଣ ଅନେକ ସମୟରେ ଚିନ୍ତା କରୁଥିବେ ଏଥିମଧ୍ୟରୁ କିଛି କାର୍ଯ୍ୟକ୍ରମ ନିର୍ଦ୍ଦେଶକଙ୍କ କଳ୍ପନାରୁ ସୃଷ୍ଟି ହୋଇଥାଏ, ଅନ୍ୟ କିଛି ଜୀବନର ଯଥାର୍ଥ ଅନୁଭବକୁ ସ୍ଥାନ ଦେଇଥାଏ । ଏହା ମଧ୍ୟ ଠିକ୍ ଅଟେ, ଆମେ ଗୋଟେପଟେ କଳ୍ପନା ଆଧାରିତ କାର୍ଯ୍ୟକ୍ରମ ଦେଖୁଥାଏଁ,

ଟୀପ୍ପଣୀ

ଅନ୍ୟପକ୍ଷେ ବାସ୍ତବିକ ଘଟଣାକ୍ରମ ବା ଆୟୋଜିତ କାର୍ଯ୍ୟକ୍ରମ । ଏହିପରି ଭାବରେ ଟେଲିଭିଜନ କାର୍ଯ୍ୟକ୍ରମରେ ଦୁଇଟି ବୃହତ୍ତ ଫର୍ମାଟ୍ ଅଛି ଯାହାର ଆଲୋଚନା ଆମେ ଏଠାରେ କରିବା ।

- କାଳ୍ପନିକ କାର୍ଯ୍ୟକ୍ରମ(ଫିକ୍ସନ୍)
- ଅକାଳ୍ପନିକ କାର୍ଯ୍ୟକ୍ରମ(ନନ୍ ଫିକ୍ସନ୍)

**କାଳ୍ପନିକ କାର୍ଯ୍ୟକ୍ରମ:-**

କଳ୍ପନା ଏବଂ ନାଟକୀୟତା ଉପରେ ନିର୍ଭର କରୁଥିବା ମୋଟାମୋଟି ସମସ୍ତ କାଳ୍ପନିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନୋରଂଜନ ପାଇଁ ହୋଇଥାଏ ।

ହମ୍ ଲୋଗ୍, ଘର୍ ଏକ୍ ମନ୍ଦିର୍, କ୍ୟୁ କି ଶାସ୍ ଭି କଭି ବହୂ ଥୀ, ଯେପରି ନାଟକ/ ସୋପ ଅପେରା କାଳ୍ପନିକ କାହାଣୀର ଦୀର୍ଘକାଳ ପର୍ଯ୍ୟନ୍ତ ପ୍ରଦର୍ଶିତ ଏପିସୋଡ୍ ଆଧାରିତ ଧାରାବାହିକ ଅଟେ ।

> ***ଆପଣ ଜାଣିଛନ୍ତି କି ?***
>
> *ସୋପ ଅପେରା ନାମ ମୂଳ ରୂପରେ ରେଡିଓରେ ପ୍ରସାରିତ ସେହି ନାଟକୀୟ ଧାରାବାହିକ ପ୍ରସାରଣରୁ ଆସିଅଛି ଯାହାର ପ୍ରାୟୋଜକ ସାବୁନ ଉତ୍ପାଦକମାନେ ଅଟନ୍ତି ।*

ଆପଣଙ୍କ ଘରର ସଦସ୍ୟମାନେ ପରସ୍ପରଠାରୁ କେତେଥର ରିମୋର୍ଟ ନେଇଯିବାର ଚେଷ୍ଟାକରନ୍ତି ? ଏପରି କାହିଁକି ହୁଏ ? ଆପଣଙ୍କ ମା କୌଣସି ଧାରାବାହିକ ଦେଖିବାକୁ ଚାହୁଁଥିଲାବେଳେ ଆପଣଙ୍କ ଭଉଣୀଙ୍କୁ କୌଣସି ଅନ୍ୟ ପସନ୍ଦ ଅଟେ । ଆପଣଙ୍କ ବାପା ସମାଚାର ଦେଖିବାକୁ ଚାହୁଁଥିଲାବେଳେ ଆପଣଙ୍କୁ କ୍ରିକେଟ୍ ମ୍ୟାଚ୍ ଦେଖିବାକୁ ଦରକାର । ଶେଷରେ ଆପଣଙ୍କ ମା'ଙ୍କର ଜିତାପଟ ହୋଇଥାଏ । କାରଣ ସମସ୍ତେ ଧାରାବାହିକ ଦେଖିବାକୁ ରାଜି ହୋଇଯାଆନ୍ତି । ଧାରାବାହିକ ଟେଲିଭିଜନରେ ସପ୍ତାହର ପ୍ରାଇମ୍ ଟାଇମ୍ ସମୟରେ ପ୍ରସାରିତ ଏକ ଶୃଙ୍ଖଳାବଦ୍ଧ କାର୍ଯ୍ୟକ୍ରମ ଅଟେ ଯାହାର ପଟକଥାରେ ତାରତମ୍ୟ ରହିଥାଏ ତଥା ଏପିସୋଡ୍‌ରୁ ଏପିସୋଡ୍ କାହାଣୀର ସମସ୍ତ ରହସ୍ୟ ଖୋଲି ହୋଇଥାଏ ।

> ଏହା କୌତୁହଳ ଅଟେ କାଳ୍ପନିକ କାହାଣୀ ଏବଂ ଗୀତ । ଫିଲ୍ମ କ୍ଲିପିଙ୍ଗର ଅଂଶ ଏକାଠିହୋଇ ଅନେକ ଫିଲ୍ମ ଆଧାରିତ କାର୍ଯ୍ୟକ୍ରମ ଏବେ ଟେଲିଭିଜନରେ ଉପଲବ୍ଧ ହେଉଅଛି ଯାହାକି ଅନେକ ଫର୍ମାଟ୍‌ର ମିଳାମିଶା ରୂପ ଅଟେ ।

**ଅକାଳ୍ପନିକ(ନନ୍ ଫିକ୍ସନ୍) କାର୍ଯ୍ୟକ୍ରମ:-**

ବିଭିନ୍ନ ଧାରାବାହିକ ସମୂହ ତଥା କାଳ୍ପନିକ କାହାଣୀର ଅନ୍ୟାନ୍ୟ ମନୋରଂଜକ ରଚନା



ଟୀପ୍‌ପଣୀ

ବ୍ୟତୀତ ଆପଣ ଟେଲିଭିଜନରେ ଏପରି କାର୍ଯ୍ୟକ୍ରମ ମଧ୍ୟ ଦେଖୁଥିବେ ଯାହା ଆମର ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣା କ୍ରମ ବିଷୟରେ ସୂଚନା ଦେଉଥାଏ ଏବଂ ତା ସଂଗେ ସଂଗେ ସମସାମୟିକ ବିଷୟ ଉପରେ ଆମମାନଙ୍କୁ ଶିକ୍ଷିତ ମଧ୍ୟ କରାଇଥାଏ । ଆସନ୍ତୁ ଏବେ ଆମେ ଟେଲିଭିଜନରେ ଉପଲବ୍ଧ ବିଭିନ୍ନ ଅକାଳ୍ପନିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ।

**ସମାଚାର ବୁଲେଟିନ୍:-**

ସମାଚାର ବୁଲେଟିନ୍‌ରେ ମହତ୍ତ୍ୱ ତଥା ରୁଚି ସଂପୂର୍ଣ୍ଣ ସମାଚାରର ସାରତତ୍ତ୍ୱ ପ୍ରସ୍ତୁତ କରାଯାଏ । ଏଥିରେ ରାଷ୍ଟ୍ରୀୟ ତଥା ଅର୍ନ୍ତରାଷ୍ଟ୍ରୀୟ ଘଟଣାର ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଉଛି ଯେଉଁଠି କ୍ଷେତ୍ରୀୟ ତଥା ସ୍ଥାନୀୟ ସମାଚାର ସମୟ ବଞ୍ଚାଇବା ପାଇଁ ପାଠ କରାଯାଇଥାଏ । ମାନବୀୟ ଅଭିରୁଚି ତଥା ଖେଳର ସମାଚାର ସାଧାରଣତଃ ମୁଖ୍ୟ ସମାଚାରର ଶେଷରେ ପ୍ରସ୍ତୁତ କରାଯାଇଥାଏ । "ଦୂରଦର୍ଶନ"ରେ ଇଂରାଜୀ, ହିନ୍ଦୀ ତଥା ଅନ୍ୟାନ୍ୟ ଆଞ୍ଚଳିକ ଭାଷାର ସମାଚାର ବୁଲେଟିନ୍ ପ୍ରସ୍ତୁତ କରାଯାଇଥାଏ ।

କିନ୍ତୁ ୨୪ଘଣ୍ଟା ସମାଚାର ଚ୍ୟାନେଲର ଆଗମନ ପରେ ଏବେ ଅଧଘଣ୍ଟା ଅନ୍ତରର ସମ୍ବାଦ ପରିବେଷଣର ଲୋକପ୍ରିୟତା ଆଉନାହିଁ । ତା ବଦଳରେ ସମାଚାର ଏବେ 24 X 7 ର ଫର୍ମାଟ୍ ନିଜର କରିନେଇଛି ଯେଉଁଥିରେ ଯେତେବେଳେ ଯେଉଁ ଘଟଣା ଘଟୁଛି ତାର ସଂଗେ ସଂଗେ ତତ୍‌କାଳ ସମ୍ବନ୍ଧୀତ ସମାଚାର ପ୍ରସ୍ତୁତ କରିଦିଆଯାଉଛି ।

**ଗେମ୍ / କୁଇଜ୍ ସୋ :-**

ଆପଣ ଡେରେକ୍ ଓ ବ୍ରାଉନ୍‌ଙ୍କର ପ୍ରତ୍ୟେକ ରବିବାର ଦ୍ୱିପହରରେ ପ୍ରସାରିତ ସବୁଠାରୁ ଲୋକପ୍ରିୟ କୁଇଜ୍ କାର୍ଯ୍ୟକ୍ରମ ବର୍ଣ୍ଣଭିଟା କୁଇଜ୍ ଟେଷ୍ଟ(ବିକ୍ୟୁସି)ପ୍ରସ୍ତୁତ କରୁଥିବା ଦେଖିଥିବେ । ବନ୍‌ଭିଟାର ଜିଙ୍ଗଲ ସହିତ ଅତିଶୀଘ୍ର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଏ ତଥା ଦର୍ଶକମାନଙ୍କୁ ସାଙ୍ଗରେ ନେଇ ଏହା ଆଗକୁ ଅତି ଜୋରରେ ଆଗେଇଚାଲେ । ଏହା ପ୍ରଶ୍ନସହିତ ଜଡିତ ତଥା ଏହାର ଭାବପୂର୍ଣ୍ଣତାକୁ ଏଭଳି ଉପସ୍ଥାପନ କରିଥାଏ ଯାହାକି ଏହି କାର୍ଯ୍ୟକ୍ରମ ପରିବାର ଭିତରେ ଅଧିକ ମନୋରଂଜନ ଧର୍ମୀ ହୋଇପାରିଛି ।

**କଥା ବା ବାର୍ତ୍ତା ଏବଂ ପରିଚର୍ଚ୍ଚା ବା ବାଦାନୁବାଦ କାର୍ଯ୍ୟକ୍ରମ :-**

ସମାଜରେ ଏଭଳି ବିଷୟ ଅଛି ଯାହାକି ଆମପାଇଁ ମହତ୍ତ୍ୱପୂର୍ଣ୍ଣ ବା ଚିନ୍ତାଜନକ ହୋଇଉଠେ । ଏହାକୁ କେବଳ ସମାଚାର ମାଧମରେ ରିପୋର୍ଟ କରିବା ପର୍ଯାପ୍ତ ଅଟେ ନାହିଁ । ଅନେକ ଗୁଡିଏ କାରକ ତଥା ବିଶେଷଜ୍ଞଙ୍କ ମତାମତ ଆମକୁ ସେହି ମତାମତ ଉପରେ ଅନେକ ଗୁଡିଏ ମହତ୍ତ୍ୱପୂର୍ଣ୍ଣ ଫର୍ମାଟ୍ ଯୋଗାଇଥାଏ । କଥାବାର୍ତ୍ତା ତଥା ଆଲୋଚନା ଟେଲିଭିଜନ କାର୍ଯ୍ୟକ୍ରମର ଏକ ମହତ୍ତ୍ୱପୂର୍ଣ୍ଣ ଫର୍ମାଟ୍ ଅଟେ ଯାହାକି ବିଷୟଭିତ୍ତିକ ଅଟେ । ଏଥିରେ ଅନେକ ଗୁଡିଏ କାର୍ଯ୍ୟକ୍ରମରେ ନିୟମିତ ଭାବରେ ଜଣେ ଆମନ୍ତ୍ରିତ ଅତିଥି ଆସିଥାନ୍ତି ଯିଏକି ସାକ୍ଷାତ୍‌କାର ବା ବକ୍ତାଭାବେ ଥାଆନ୍ତି । ଏଥିରେ

ଅତିଥିବକ୍ତାଙ୍କ ସହିତ ଫୋନ୍ ଦ୍ୱାରା ଦର୍ଶକ ବା ଶ୍ରୋତାମାନଙ୍କର କଥାବାର୍ତ୍ତା ପ୍ରସାରିତ କରାଯାଏ ଯେଉଁଥିରେ ଦର୍ଶକମାନଙ୍କର ସହଭାଗିତାର ତତ୍ତ୍ୱ ଏହି କାର୍ଯ୍ୟକ୍ରମ ପାଇଁ ସମ୍ମିଳିତ ହୋଇଥାଏ । ସାଧାରଣତଃ ଏଭଳି ଶୋକୁ କେତେକ ଅଂଶରେ ଆୟୋଜନ କରାଯାଏ ଏବଂ ବିଜ୍ଞାପନ ବିରତି ପାଇଁ ଏଥିରେ ବିରାମ ଦିଆଯାଏ । ଏଭଳି କାର୍ଯ୍ୟକ୍ରମର ଉଦାହରଣ- "ୱି ଦ ପ୍ୟୁପୁଲ" ତଥା "ମୁକାବଲା" ଅଟେ ।

## 15.4 ଆପଣ କ'ଣ ଶିକ୍ଷାକଲେ:-

⇨ ଟେଲିଭିଜନ ଚ୍ୟାନେଲର ବିଭିନ୍ନ ଶ୍ରେଣୀବିଭାଗ

- ସମାଚାର ଚ୍ୟାନେଲ
- ଖେଳ ଚ୍ୟାନେଲ
- କାର୍ଟୁନ୍ ଚ୍ୟାନେଲ
- ମନୋରଂଜନ ବା ଲାଇଫ୍ ଷ୍ଟାଇଲ୍ ଚ୍ୟାନେଲ
- ବିଜ୍ଞାନ ତଥା ଅନ୍ୱେଷଣ ଚ୍ୟାନେଲ

⇨ ଟେଲିଭିଜନ କାର୍ଯ୍ୟକ୍ରମର ପ୍ରକାରଭେଦ

- ସୂଚନାତ୍ମକ
- ମନୋରଂଜକ
- ଶୈକ୍ଷିକ

⇨ ବିଭିନ୍ନ କାର୍ଯ୍ୟକ୍ରମର ଫର୍ମାଟ୍

- କାଳ୍ପନିକ:-ଧାରାବାହିକ, ଫିଲ୍ମ ଆଧାରିତ କାର୍ଯ୍ୟକ୍ରମ
- ଅକାଳ୍ପନିକ:-ସମାଚାର ବୁଲେଟିନ୍, ଗେମ୍/ କ୍ୱିଜ୍ ସୋ, ବାର୍ତ୍ତା ତଥା ଅନ୍ୱେଷଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମ

## 15.5 ପାଠ୍ୟାନ୍ତ ପ୍ରଶ୍ନ:-

(1) ଉଦାହରଣ ସହିତ ସଂପୂର୍ଣ୍ଣ ଭାବରେ ଟେଲିଭିଜନ ଚ୍ୟାନେଲର ବିଭିନ୍ନ ଶ୍ରେଣୀ ବର୍ଗର ଆଲୋଚନା କରନ୍ତୁ ।

(2) ଟେଲିଭିଜନ କାର୍ଯ୍ୟକ୍ରମର ବିଭିନ୍ନ ପ୍ରକାର ଭେଦ କ'ଣ ଅଟେ? ଉଦାହରଣ ସହିତ ବୁଝାନ୍ତୁ ।



ଟୀପ୍ପଣୀ

(3) ଆପଣଙ୍କ ପସନ୍ଦର ଟେଲିଭିଜନ କାର୍ଯ୍ୟକ୍ରମ ତଥା ପସନ୍ଦର ଟେଲିଭିଜନ କିଏ ଅଟେ ଏବଂ କାହିଁକି ? ଏହାକୁ କେଉଁ ଶ୍ରେଣୀଭୁକ୍ତ କରାଯାଇପାରିବ ?

(4) ବିଭିନ୍ନ ପ୍ରକାର ଟେଲିଭିଜନ କାର୍ଯ୍ୟକ୍ରମ ଫର୍ମାଟ୍‌ର ବର୍ଣ୍ଣନା କରନ୍ତୁ ।

## 15.6 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

15.1.1 (i) ଘ, (ii) ଗ (iii) ଖ

2 (i) ସମାଚାର ଚ୍ୟାନେଲ- ଉଦାହରଣ ଜୀ ନ୍ୟୁଜ୍,

(ii) ଖେଳ ଚ୍ୟାନେଲ-ଉଦାହରଣ ଇଏସ୍‌ପିଏନ୍

(iii) କୌଣସି ଅନ୍ୟାନ୍ୟ

3. ଅଧ୍ୟାୟ 15.1 କୁ ନିର୍ଦ୍ଦେଶ କରନ୍ତୁ

15.2.1 (i) ଖ, (ii) ଗ (iii) ଗ

2 (i) ଅଧ୍ୟାୟ 15.2 କୁ ନିର୍ଦ୍ଦେଶ କରନ୍ତୁ ।

ଟୀପ୍ପଣୀ

# ୧୬

## ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣ

ଆପଣ କେବେ ଚିନ୍ତା କରିଛନ୍ତି ଟେଲିଭିଜନ କାର୍ଯ୍ୟକ୍ରମର ଆଧାର କ'ଣ ଅଟେ ? କିମ୍ବା କେବେ ଆପଣ କାର୍ଯ୍ୟକ୍ରମ ସରିଲାପରେ ଦେଖାଯାଉଥିବା ନିର୍ମାଣ ପ୍ରକ୍ରିୟାରେ କାର୍ଯ୍ୟରତ ଲୋକଙ୍କ ନାମ ପ୍ରତି ଧ୍ୟାନ ଦେଇଛନ୍ତି କି ? କାର୍ଯ୍ୟକ୍ରମ ସରିଲାପରେ ଟେଲିଭିଜନର ପର୍ଦ୍ଦାଉପରେ ଆସୁଥିବାଲୋକଙ୍କ ନାମ ଦେଖିବାର ପ୍ରୟାସ ଆପଣ କେବେ କରିନାହାନ୍ତି । କିନ୍ତୁ ଆପଣଙ୍କୁ ଜାଣିବାଦରକାର ଗୋଟିଏ କାର୍ଯ୍ୟକ୍ରମ ତିଆରି କରିବାପାଇଁ ଅନେକ କର୍ମଚାରୀ ତଥା ଉପକରଣର ଆବଶ୍ୟକତା ହୋଇଥାଏ ।

ଗୋଟିଏ ଦର୍ଶକ ହିସାବରେ ଟେଲିଭିଜନ ଦେଖିବା ସମୟରେ ନିର୍ମାଣ କୌଶଳ ଜଟିଳତା ସଂପର୍କରେ ଆପଣ ଅଜ୍ଞାନ ଥାଆନ୍ତି । କିନ୍ତୁ ପେଶାଦାର ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣ, ଏହା ଷ୍ଟୁଡିଓରେ ହେଉ କିମ୍ବା ବାହାରେ ତିଆରି ହେଉ ଏକ ଜଟିଳ ରଚନାତ୍ମକ ପ୍ରକ୍ରିୟା ଅଟେ । ଯେଉଁଥିରେ ଅନେକ ଗୁଡିଏ ଲୋକ ଯଥା ଯନ୍ତ୍ରାଂଶ ଅନେକ ଗୁଡିଏ ଜାନକାରୀ ତଥା ବାର୍ତ୍ତା ଏକ ବଡ ଧରଣର ଦର୍ଶକଙ୍କ ପାଖରେ ପହଞ୍ଚିବାପାଇଁ ଜଣେ ଅନ୍ୟ ଜଣଙ୍କର ସଂପର୍କରେ ରହିଥାନ୍ତି ।

ଏହିପାଠରେ ଆପଣ ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣର ବିଭିନ୍ନ ସୋପାନ, ବିଭିନ୍ନ ଆବଶ୍ୟକୀୟ ଉପକରଣ ତଥା ନିର୍ମାଣରେ ଲାଗିଥିବା ପେଶାଦାରୀଙ୍କର କାର୍ଯ୍ୟବଳୀ ସଂପର୍କରେ ଜାଣିପାରିବେ ।

### ଉଦ୍ଦେଶ୍ୟ

ଏହି ପାଠକୁ ପଢିସାରିବାପରେ ଆପଣ ନିମ୍ନଲିଖିତ କରିବାପାଇଁ ସକ୍ଷମ ହେବେ ।

- ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣରେ ତିନୋଟି ସୋପାନର ବର୍ଗୀକରଣ ।
- ଟେଲିଭିଜନ ନିର୍ମାଣ ପ୍ରକ୍ରିୟାର ବ୍ୟାଖ୍ୟା
- ନିର୍ମାଣପାଇଁ ଆବଶ୍ୟକ ଉପକରଣକୁ ଚିହ୍ନଟ ।
- ନିର୍ମାଣରେ ଲାଗିଥିବା ମହତ୍ତ୍ୱପୂର୍ଣ୍ଣ ପେଶାଦାରଙ୍କର କାର୍ଯ୍ୟାବଳୀ ସଂପର୍କରେ ବର୍ଣ୍ଣନା ।

### 16.1 କାର୍ଯ୍ୟକ୍ରମ ନିର୍ମାଣର ବିଭିନ୍ନ ସୋପାନ:-


ଆସନ୍ତୁ ଆମେ ଗୋଟିଏ ପରିସ୍ଥିତିକୁ ଚିନ୍ତାକରିବା ଯେତେବେଳେ ଆମେ ରାତ୍ରିଭୋଜନ କରିବା ପାଇଁ କିଛି ଲୋକଙ୍କୁ ଚାହିଁ ବସିଥାଉ, ଆପଣ କିପରି ପ୍ରସ୍ତୁତି କରିବେ? ପ୍ରଥମେ ଆପଣଙ୍କୁ



ଟୀପ୍‌ପଣୀ

ଖାଦ୍ୟର ତାଲିକା ପ୍ରସ୍ତୁତ କରିବାକୁ ପଡିବ । ପରେ ଆପଣ ସମସ୍ତ ପନିପରିବା ତଥା ଖାଦ୍ୟ ପ୍ରସ୍ତୁତ କରିବାରେ ଲାଗୁଥିବା ସରଞ୍ଜାମ ଗୁଡିକର ବ୍ୟବସ୍ଥା କରିବେ । ଏ ସମସ୍ତ ଜିନିଷ କିଣିବାପାଇଁ ଆପଣଙ୍କୁ ବଜାର ଯିବା ଦରକାର ହେବ । ଏବେ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତ ହୋଇସାରିଲାପରେ ଆପଣ ଖାଦ୍ୟ ତିଆରି ଆରମ୍ଭ କରିବେ । ଏଥିରେ ସବୁ ସରଞ୍ଜାମକୁ ଠିକ୍ ସମୟରେ ଠିକ୍ ମାତ୍ରାରେ ମିଳାଇବାକୁ ପଡିବ । ଖାଦ୍ୟ ପ୍ରସ୍ତୁତ ହୋଇଗଲାପରେ ପରଷିବାର ସମୟ ଆସିଥାଏ । ଯେତେବେଳେ ଆପଣ ସମସ୍ତ ଖାଦ୍ୟ ବ୍ୟଞ୍ଜନକୁ ଅଲଗା ଅଲଗା ବାସନରେ ସଜାଇକରି ରଖନ୍ତି, ତେବେ ଏହା ଖାଦ୍ୟ ଟେବୁଲରେ ପରଷିବା ପାଇଁ ପ୍ରସ୍ତୁତ ହୋଇଥାଏ ।


ଏହି ପ୍ରକାରରେ ଆପଣ ଦେଖିଲେ ବିଭିନ୍ନ ଖାଦ୍ୟବ୍ୟଞ୍ଜନ ପ୍ରସ୍ତୁତ କରିବାବେଳେ ତିନୋଟି ସୋପାନ ଥିଲା । ପ୍ରଥମ ସୋପାନରେ ଆପଣ ଖାଦ୍ୟ ତିଆରି କରିବାପାଇଁ ଆବଶ୍ୟକ ସରଞ୍ଜାମର ବ୍ୟବସ୍ଥା କରିଥାନ୍ତି । ଦ୍ୱିତୀୟରେ ଆପଣ ଖାଦ୍ୟ ପ୍ରସ୍ତୁତ କରନ୍ତି ଏବଂ ତୃତୀୟରେ ଏହି ଖାଦ୍ୟକୁ ଟେବୁଲରେ ପରଷନ୍ତୁ ।



**ଚିତ୍ର : 16.1 (ଅ)**




**ଚିତ୍ର : 16.1 (କ)**



ଚିତ୍ର : 16.1 (ଗ)

ଚିତ୍ର : 16.1 (ଖ)

ଏବେ କଳ୍ପନା କରନ୍ତୁ ଆପଣଙ୍କୁ ଗୋଟିଏ ଟେଲିଭିଜନ କାର୍ଯ୍ୟକ୍ରମ ତିଆରି କରିବାର ଅଛି । ଏହି ପ୍ରକାର ପ୍ରଥମେ ଆପଣ କାର୍ଯ୍ୟକ୍ରମ ନିର୍ମାଣରେ ଆବଶ୍ୟକ ସରଞ୍ଜାମ ବା ସାମଗ୍ରୀକୁ ଏକାଠି କରିବେ । ଦ୍ୱିତୀୟ ସୋପାନରେ ନିର୍ମାଣ ପ୍ରକ୍ରିୟାରେ ମିଶିଯିବେ ଏବଂ ତୃତୀୟରେ ଟେଲିଭିଜନରେ ପ୍ରସ୍ତୁତି କରଣପାଇଁ ଆପଣ ଉତ୍ପାଦକ ସାମଗ୍ରୀକୁ ପରିବେଷଣ ବା ଚମକାଇଦେବେ । ଏହି ପ୍ରକାର ସମୁଦାୟ ନିର୍ମାଣ ପ୍ରକ୍ରିୟାକୁ ଆମେ ତିନୋଟି ସୋପାନରେ ଭାଗ କରିଥାଉ ।




ଚିତ୍ର : 16.2

କାର୍ଯ୍ୟକ୍ରମ ନିର୍ମାଣରେ ତିନୋଟି ସୋପାନ ଅଟେ:-

1)ନିର୍ମାଣ ପୂର୍ବର ଅବସ୍ଥା

(2)ନିର୍ମାଣର ଅବସ୍ଥା

(3)ନିର୍ମାଣ ପରର ଅବସ୍ଥା


**ନିର୍ମାଣ ପୂର୍ବର ଅବସ୍ଥା:-**

ଏହି ଚରଣରେ ସମସ୍ତ ଜିନିଷ ସାମିଲ ହୋଇଥାଏ ଯାହା ଆପଣ ଷ୍ଟୁଡିଓରେ ପ୍ରବେଶ ପୂର୍ବରୁ ବା ସୁଟିଂ ସ୍ଥାନକୁ ଯିବାପୂର୍ବରୁ କରିଥାନ୍ତି । ଏଥିରେ ବିଚାର ବିମର୍ଷ, ଅନୁସନ୍ଧାନ, ସ୍କ୍ରିପ୍ଟ ଲେଖିବା, ନିର୍ମାଣରେ ସହଯୋଗୀ ସଦସ୍ୟ ତଥା କଳାକାର ମାନଙ୍କ ସହିତ ଆଲୋଚନା, ଉପକରଣ, ଭିଡିଓ/ଅଡିଓ ଟେପ୍, ସୁଟିଂ ସେଟ୍‌ର ସାମଗ୍ରୀ(ପ୍ରୋପର୍ଟି), ପୋଷାକ(କଷ୍ଟ୍ୟୁମ୍) ସେଟ୍ ସଜ୍ଜା ବା ସୁଟିଙ୍ଗ ସ୍ଥାନ(ଲୋକେସନ୍)ର ସନ୍ଧାନ ତଥା ଭିଡିଓ ସଂପାଦନ ପାଇଁ ବୁକିଂ ଇତ୍ୟାଦି ସମସ୍ତ କାର୍ଯ୍ୟକ୍ରମ ସାମିଲ ହୋଇଥାଏ ।

ଏ ସମସ୍ତ ପାଇଁ ପୂର୍ବଯୋଜନା ବା ପ୍ରସ୍ତୁତିର ଆବଶ୍ୟକତା ହୋଇଥାଏ । ଆପଣଙ୍କ ପାଖରେ ଯାହା ପ୍ରସ୍ତୁତ କରିବେ ତା'ର ଗୋଟିଏ ପରିଷ୍କାର ଧାରଣା ଥିବା ଏକାନ୍ତ ଜରୁରୀ ଅଟେ । ଯଦି ରୋଷେଇ ପ୍ରସ୍ତୁତିର ସମସ୍ତ ସରଞ୍ଜାମ ଅଛି ତେବେ ଆପଣ ଖାଦ୍ୟ ସହଜରେ ପ୍ରସ୍ତୁତ କରିପାରିବେ । ଏହିପରି ଭାବରେ କାର୍ଯ୍ୟକ୍ରମ ନିର୍ମାଣର ଏହି ସୋପାନରେ ଆପଣ ଭଲଭାବରେ କାମ କରିଥିଲେ ଅନ୍ୟ ଦୁଇସୋପାନ ଆପଣଙ୍କ ପାଇଁ ସହଜସାଧ୍ୟ ହୋଇଯିବ ।



ଚିତ୍ର : 16.3



ଟୀପ୍ପଣୀ

**ନିର୍ମାଣର ଅବସ୍ଥା:-**

ଏହି ସୋପାନରେ ଆପଣ ଷ୍ଟୁଡିଓ ଫ୍ଲୋର ବା ସୁଟିଙ୍ଗ ସ୍ଥାନରେ ଥାଇପାରନ୍ତି ବା ସୁଟିଙ୍ଗ କରୁଥାଇ ପାରନ୍ତି ବା ଏଥିପାଇଁ ପ୍ରସ୍ତୁତି କରୁଥାଇ ପାରନ୍ତି(ଏହାର ତୁଳନା ଆପଣ ଖାଦ୍ୟ ପ୍ରସ୍ତୁତି ସମୟ ସ୍ଥିତି ସହିତ କରିପାରିବେ । ଏଥିରେ ସମସ୍ତ ସୁବିଧାର ବ୍ୟବସ୍ଥା, ଅଭିନେତା ତଥା ନିର୍ମାଣରେ ଥିବାଲୋକଙ୍କ ସହିତ ଉଚିତ୍ ତାଳମେଳ, ଭିଡ ନିୟନ୍ତ୍ରଣ, ବିନା ବାଧା ବିଘ୍ନରେ ସୁଟିଙ୍ଗ ଏବଂ ସେହି ସମୟରେ ସୃଷ୍ଟି କୌଣସି ଅସୁବିଧାର ତତ୍କାଳ ସମାଧାନ ଇତ୍ୟାଦି ଏହି ସୋପାନରେ ସାମିଲ ଥାଏ ।)

**ନିର୍ମାଣ ପରର ଅବସ୍ଥା:-**

ଏହି କାର୍ଯ୍ୟକ୍ରମ ନିର୍ମାଣର ତୃତୀୟ ସୋପାନ ଅଟେ । ଏଥିରେ ଆପଣ କାର୍ଯ୍ୟକ୍ରମକୁ ଗୋଟିଏ ରୂପରେ ସଜାଇଥାନ୍ତି ଯେପରି ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ ହୋଇସାରିବାପରେ ଆମେ ଟେବୁଲରେ ସଜାଇଥାଉ । ଏଥିରେ ରେକର୍ଡ ହୋଇଥିବା ଦୃଶ୍ୟକୁ ଉଚିତ୍ ସମାନତାରେ କାଟିବା, ଦୃଶ୍ୟକୁ ଉଚିତ୍ ବ୍ୟବସ୍ଥିତ କରିବା, ଦୃଶ୍ୟ ବା ଲିଖିତ ସାମଗ୍ରୀ(ଟେକଷ୍ଟ)ସାମଗ୍ରୀ(ଟେକ୍ସଟ/କ୍ୟାପପସନକୁ ଇଚ୍ଛାନୁକ୍ରମରେ ପ୍ରଭାବିତ କରିବା, ଉଦ୍‌ଘୋଷଣା ରେକର୍ଡିଂ, ଗୀତ ରେକର୍ଡିଂ ତଥା ସମୁଦାୟ କାର୍ଯ୍ୟକ୍ରମକୁ ଶେଷରୂପରେ ସଂଚାଳନ କରିବା ସାମିଲ ଅଟେ ।

## ପାଠ୍ୟଗତ ପ୍ରଶ୍ନ 16.1 :-

1- ଠିକ୍ ଉତ୍ତର ଉପରେ ଠିକ୍ ଚିହ୍ନ ଦିଅନ୍ତୁ ।

(i) ନିର୍ମାଣ ପ୍ରକ୍ରିୟାକୁ ବିଭାଜିତ କରାଯାଇପାରିବ ।

କ) ଦୁଇ ସୋପାନରେ

ଖ) ଚାରି ସୋପାନରେ

ଗ) ତିନି ସୋପାନରେ

ଘ) ପାଞ୍ଚ ସୋପାନରେ

(ii) ବିଚାର ବିମର୍ଷ ଅଙ୍ଗ ଅଟେ

କ) ନିର୍ମାଣ ପୂର୍ବର ଅବସ୍ଥା

ଖ) ନିର୍ମାଣର ଅବସ୍ଥା

ଗ) ନିର୍ମାଣ ପରର ଅବସ୍ଥା

ଘ) ଏଥିମଧ୍ୟରୁ କୌଣସିଟି ନୁହେଁ

ଟୀପ୍ପଣୀ

2- ଉଚିତ୍ ଶବ୍ଦ / ଶବ୍ଦମାନଙ୍କ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କରନ୍ତୁ

(i) ନିର୍ମାଣ ପୂର୍ବ ସୋପାନରେ ସମସ୍ତ ପୂର୍ବ ________ସାମିଲ ଥାଏ ।

(ii) ________ରେ ଦୃଶ୍ୟକୁ ଉଚିତ୍ ଲମ୍ବାରେ କାଟିବା ସାମିଲ ଅଟେ ।

3- ନିମ୍ନ ସୋପାନକୁ ଏହା ଆଗରେ 1.2 ବା 3 ଲେଖି ଠିକ୍ କ୍ରମରେ ସଜାଇ ରଖନ୍ତୁ ।

(i) ନିର୍ମାଣ ପର ଅବସ୍ଥା

(ii) ନିର୍ମାଣ ପୂର୍ବ ଅବସ୍ଥା

(iii) ନିର୍ମାଣର ଅବସ୍ଥା

## 16.2 ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣ ପ୍ରକ୍ରିୟା:-

ଆମ ସମସ୍ତଙ୍କୁ ଜଣା ଖାଦ୍ୟ ପ୍ରସ୍ତୁତି କ୍ରମରେ ଆମକୁ ବିଭିନ୍ନ ସାମଗ୍ରୀ ଯେପରି କ୍ରମରେ ବାସନ, ଛୁରୀ, ମସଲା, ପାଣି, ତେଲ ଇତ୍ୟାଦିର ଆବଶ୍ୟକ ପଡିଥାଏ ? ସେହିପରି ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ଆମକୁ ବିଭିନ୍ନ ଉପକରଣ ଏବଂ ଏହା ପରିଚାଳନା କରିବାପାଇଁ ବ୍ୟକ୍ତିବିଶେଷଙ୍କର ଆବଶ୍ୟକତା ଗୋଟିଏ ବିଶେଷ ପ୍ରକାର କାର୍ଯ୍ୟକ୍ରମ ନିର୍ମାଣପାଇଁ ଦରକାର ପଡିଥାଏ ।

ଆସନ୍ତୁ ଏବେ ଆମେ ନିର୍ମାଣ ପ୍ରକ୍ରିୟାରେ ଆବଶ୍ୟକ ଉପକରଣ ସଂପର୍କରେ ଆଲୋଚନା କରିବା


**ନିର୍ମାଣପାଇଁ ଆବଶ୍ୟକ ଯନ୍ତ୍ରପାତି ବା ସରଞ୍ଜାମ:-**

କଳ୍ପନା କରନ୍ତୁ ଆପଣଙ୍କୁ କାନ୍ଭାସରେ କିଛି ଚିତ୍ର ଆଙ୍କିବାର ଅଛି । ଆପଣଙ୍କୁ ନିଶ୍ଚିତ ଭାବରେ ରଂଗ, ତୂଳି ଏବଂ ଗୋଟିଏ ପ୍ଲେଟ୍‌ର ଆବଶ୍ୟକ ପଡିବ । ଏହି ପ୍ରକାରରେ ଯଦି ଆପଣ ଗୋଟିଏ ଭଲଭାବରେ ଟେଲିଭିଜନ କାର୍ଯ୍ୟକ୍ରମ ତିଆରି କରିବାପାଇଁ ଚାହାନ୍ତି ଆପଣଙ୍କୁ କ୍ୟାମେରା, ଲାଇଟ୍, ସାଉଣ୍ଡ ରେକର୍ଡର ଆଦି କିଛି ଉପକରଣର ଆବଶ୍ୟକତା ପଡିବ । ଆମେ ମୌଳିକ ନିର୍ମାଣ ତତ୍ତ୍ୱକୁ ନିମ୍ନଲିଖିତ ଭାବରେ ଶ୍ରେଣୀଭୁକ୍ତ କରିପାରିବେ ।

**କ୍ୟାମେରା:-**

କୌଣସି ଏକ ଅଥବା ଅନେକ ନିର୍ମାଣର ମୌଳିକ ଉପକରଣ କ୍ୟାମେରାହିଁ ଅଟେ । ଆମର ଜୀବନରେ ମଧ୍ୟ ଆମ ଭିତରୁ ଅନେକ ବା ଆମର ବନ୍ଧୁମାନେ ବିଭିନ୍ନ ଆୟୋଜନର ଫଟୋ ନେବା ପାଇଁ କ୍ୟାମେରାର ବ୍ୟବହାର କରିଥିବେ ।

ଯଦି ଆପଣ କୌଣସି କ୍ୟାମେରାକୁ ଭଲଭାବରେ ନିରେଖ କରନ୍ତି ଏଥିରେ ଗୋଟିଏ ଲେନ୍ସ ଆପଣଙ୍କୁ ଦେଖାଯିବ । ଏହି ଲେନ୍ସ ଦେଖାଯାଇ ପାରୁଥିବା ସମୁଦାୟ ପରିସ୍ଥିତିର ଗୋଟିଏ ଅଂଶକୁ ବାଛିଥାଏ ଏବଂ ଏହିପରି ଭାବରେ ଗୋଟିଏ ଛୋଟ ଦୃଶ୍ୟ ପ୍ରତିଛବି ତିଆରି କରେ । କ୍ୟାମେରା ମୁଖ୍ୟତଃ ଦୃଶ୍ୟବିମ୍ବକୁ ଯେପରି ଲେନ୍ସ ପ୍ରକ୍ଷେପଣ କରିଥାଏ, ସେହି ପ୍ରକାରର ବିଦ୍ୟୁତ୍ ସଂକେତରେ ବଦଳାଇ ଦେଇଥାଏ ଯାହାକୁ ଭିଡିଓ ସିଗ୍ନାଲ୍ କୁହାଯାଏ ।



**16.4 କ୍ୟାମେରା**

**ଆଲୋକ (ପ୍ରକାଶ):-**

ଆପଣ କେବେ ଡିମ୍ ଆଲୋକରେ କିଛି ବସ୍ତୁ ଦେଖିବାକୁ ଚେଷ୍ଟା କରିଛନ୍ତି କି ? ଏହା ଦେଖିବା ଅସମ୍ଭବ ହୋଇଥାଏ । ଚିନ୍ତା କରନ୍ତୁ ଏବେ ଆପଣ ଅନ୍ଧାରରେ ଦେଖୁଅଛନ୍ତି । ଆପଣ ଚିନ୍ତା କରୁଥିବେ ଅନ୍ଧାରରେ କିପରି ଦେଖାଯିବ । ମନୁଷ୍ୟ ଚକ୍ଷୁ ସଦୃଶ୍ୟ କ୍ୟାମେରା ମଧ ବିନା କୌଣସି ନିଶ୍ଚିନ୍ତ ମାତ୍ରାର ଆଲୋକ ବିନା ଦେଖିପାରେ ନାହିଁ । ଏହିପରି ଟେଲିଭିଜନ ନିର୍ମାଣରେ ମଧ ଆଲୋକର ଭୂମିକା ରହିଥାଏ । କୌଣସି ବସ୍ତୁ ବା ବ୍ୟକ୍ତିକୁ ଆଲୋକିତ କରିବାପାଇଁ ତିନୋଟି ମୁଖ୍ୟକାରଣ ଥାଏ:-


1) ବୈଷୟିକ ଭାବରେ ସ୍ୱୀକୃତ ହୋଇଥିବା ଚିତ୍ର ପାଇବାପାଇଁ ଟେଲିଭିଜନ କ୍ୟାମେରାକୁ ସଠିକ୍ ଆଲୋକ ଉପଲବ୍ଧ କରାଇବା ।

2) ଦର୍ଶକଙ୍କୁ ଟେଲିଭିଜନର ପର୍ଦ୍ଦାରେ କୌଣସି ବସ୍ତୁକୁ ଏପରି ଭାବରେ ଦେଖାଇବା ଯାହା ବାସ୍ତବରେ ସେଭଳି ଦେଖାଯାଏ । ଉଦାହରଣ ସ୍ୱରୂପ-ଯଦି କୌଣସି ରୁମ୍‌ରେ ଆଲୋକ ନଥାଏ ତେବେ ଆପଣ ଦେଖିବାର ଯୋଗ୍ୟ ହେବେନାହିଁ । ଏହାଯେ ଚୌକି, ଟେବୁଲ୍ କିମ୍ବା ଅନ୍ୟ କୌଣସି ବସ୍ତୁ କିପରି ଦେଖାଯାଏ ବୋଲି । ଆଲୋକ ଆମକୁ ଏହା ମଧ୍ୟ ଜଣାଇବାରେ ସାହାଯ୍ୟ କରେକି ଘଟଣା କେଉଁ ସମୟର ଏବଂ କେତେବେଳେ ଘଟିଛି ।

3) ଘଟଣାର ପରିବେଶକୁ ସୃଷ୍ଟି କରିବା ।



ଟୀପ୍‌ପଣୀ



**ଚିତ୍ର : 16.5 ଲାଇଟ୍‌ସ**

**ମାଇକ୍ରୋଫୋନ୍:-**

ଅନେକ ଅବସରରେ ଲୋକଙ୍କୁ କଥା କହିବାପାଇଁ ଆପଣମାନେ ଲୋକମାନଙ୍କୁ ମାଇକ୍ରୋଫୋନ୍ ବ୍ୟବହାର କରୁଥିବା ଦେଖିଥିବେ । ଆପଣ କେବେ ଚିନ୍ତା କରିଛନ୍ତି ବାସ୍ତବରେ ଆମେ ଏହି ମାଇକ୍ରୋଫୋନ୍ ବ୍ୟବହାର କାହିଁକି କରିଥାଉ ?

ଯେପରି ଆପଣ ଜାଣିଲେ କ୍ୟାମେରା ଦୃଶ୍ୟକୁ ବିଦ୍ୟୁତ୍ ସଂକେତକୁ ପରିବର୍ତ୍ତିତ କରିଥାଏ । କିନ୍ତୁ ଯେଉଁ ଧ୍ୱନି ଆମେ ବାହାର କରିଥାଉ ତାହା ସାଧାରଣତଃ ବହୁତ ଦୁର୍ବଳ ଅଟେ ତେଣୁ ଏହାକୁ ଲମ୍ବା ଦୂରପର୍ଯ୍ୟନ୍ତ ପଠାଯାଇପାରେ ନାହିଁ । ସେଥିପାଇଁ ଏହି ଧ୍ୱନି ସଂକେତର ବିସ୍ତାର(ଏମପ୍ଲିଫାଇ)କରାଯାଏ ଏବଂ ଲାଉଡ୍ ସ୍ପିକର ପର୍ଯ୍ୟନ୍ତ ଛଡାଯାଏ ଯିଏ ଏହାକୁ ପୁନଶ୍ଚ ଶ୍ରାବ୍ୟ ଧ୍ୱନିରେ ବଦଳାଇ ଦେଇଥାଏ ।

ବିଭିନ୍ନ ଉଦ୍ଦେଶ୍ୟପାଇଁ ଅଲଗା ଅଲଗା ମାଇକ୍ରୋଫୋନ୍ ଥାଏ । ଗୋଟିଏ ସମାଚାର ଘୋଷକର ଧ୍ୱନି ନେବାପାଇଁ , ଟେନିସ୍ ମ୍ୟାଚର ଧ୍ୱନି ଆଣିବାପାଇଁ ତଥା ଗୋଟିଏ ରକ୍ ମ୍ୟୁଜିକ୍‌ର ରେକର୍ଡିଂପାଇଁ ଅଲଗା ଅଲଗା ମାଇକ୍ରୋଫୋନ୍ ବା ମାଇକ୍ରୋଫୋନ୍ ସେଟ୍‌ର ଦରକାର ପଡିଥାଏ ।

**ସାଉଣ୍ଡ୍ ରେକର୍ଡର:-**

ପୂର୍ବରୁ ଗୋଟିଏ ପାଠରୁ ଆପଣ ଜାଣିଛନ୍ତି ରେଡିଓ ଗୋଟିଏ ଶ୍ରାବ୍ୟ ମାଧ୍ୟମ ଅଟେ ଯେପରିକି ମୁଦ୍ରଣ ମାଧ୍ୟମ ଦୃଶ୍ୟ ସାମଗ୍ରୀ ଉପରେ ନିର୍ଭର କରିଥାଏ । ଯେପରିକି ଟେଲିଭିଜନରେ ଦୃଶ୍ୟର ସାଙ୍ଗରେ



ଚିତ୍ର : 16.6 ମାଇକ୍ରୋଫୋନ୍

ରେଡିଓର ନିଜସ୍ୱ ତାତ୍‌କାଳିକତା ସମ୍ମିଳିତ ହୋଇଥାଏ । ଏହି ଦୃଶ୍ୟ ଶ୍ରାବ୍ୟ ଚରିତ୍ର ଏହାକୁ ବିଶ୍ୱାସ ଯୋଗ୍ୟ ଢଙ୍ଗରେ ଉଚିତ୍ ସଂପ୍ରେଷଣର ଶକ୍ତି ଦେଇଥାଏ ।

ଟେଲିଭିଜନର ଧ୍ୱନି ଏବଂ ଅଡିଓ କେବଳ ଯେ ସୂଚନାର ପ୍ରଦର୍ଶନ କରେ ତା ନୁହେଁ ବରଂ ପର୍ଦ୍ଦା ଉପରେ ଅଡିଓ ସାଙ୍ଗରେ ଆସୁଥିବା ଦୃଶ୍ୟର ପରିସ୍ଥିତିକୁ ମଧ ପ୍ରସ୍ତୁତ କରିବାରେ ଯୋଗଦାନ କରିଥାଏ । ସାଉଣ୍ଡ୍ ରେକର୍ଡର ମାଇକ୍ରୋଫୋନ୍ ଦ୍ୱାରା ଟାଣୁଥିବା ଧ୍ୱନିକୁ ରେକର୍ଡିଂ କରିଥାଏ ।

ଗୋଟିଏ ସାଉଣ୍ଡ ରେକର୍ଡରୁ ଆପଣ କରିପାରିବେ-

1) ଗୋଟିଏ ବିଶେଷ ମାଇକ୍ରୋଫୋନ୍‌ର ଚୟନ କିମ୍ବା କୌଣସି ଅନ୍ୟ ଧ୍ୱନି ଇନ୍‌ପୁଟ୍ ।

2) ଗୋଟିଏ ମାଇକ୍ରୋଫୋନ୍ ବା ଅନ୍ୟ ଧ୍ୱନି ସ୍ରୋତର ଦୁର୍ବଳ ସଂକେତକୁ ପୁନଃ ସଂସ୍କରଣ ପାଇଁ ବିସ୍ତାରିତ ।

3) ଭଲ୍ୟୁମ୍‌ର ନିୟନ୍ତ୍ରଣ ତଥା ଧ୍ୱନି ଗୁଣବତ୍ତା ସୁଧାର ।

4) ଦୁଇ ବା ଅଧିକ ଧ୍ୱନି ସ୍ରୋତରୁ ଆସୁଥିବା ଧ୍ୱନିକୁ ଏକାଠି ମିଳାଇବା ବା ଏକୀକୃତ କରିବା

**ଭିଡିଓଟେପ୍ ରେକର୍ଡର:-**

ଆମେ ଯେପରି ଜାଣିଛୁ ଟେଲିଭିଜନ ଗୋଟିଏ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମ ଅଟେ । ଆମକୁ ଦୃଶ୍ୟ ତଥା ଶ୍ରାବ୍ୟ ଦୁଇଟି ତତ୍ତ୍ୱର ରେକର୍ଡିଂର ଆବଶ୍ୟକତା ହୋଇଥାଏ । ଯେହେତୁ ଧ୍ୱନି ବା ଅଡିଓର ରେକର୍ଡିଂ, ସାଉଣ୍ଡ ରେକର୍ଡର ଉପରେ କରାଯାଇଥାଏ । ଦୃଶ୍ୟର ରେକର୍ଡିଂ ଗୋଟିଏ ଭିଡିଓ ଟେପ୍ ରେକର୍ଡରର ଭିଡିଓ ଟେପ୍ ଉପରେ କରାଯାଇଥାଏ ।

ଅଧିକତର ଟେଲିଭିଜନ କାର୍ଯ୍ୟକ୍ରମ ଯାହା ଆମେ ଦେଖିଥାଉ ଏହାକୁ ବାସ୍ତବିକ ପ୍ରସାରଣର ପୂର୍ବରୁ

ଭିଡିଓ ଟେପ୍ ବା କଂପ୍ୟୁଟର ଡିସ୍କ ଉପରେ ରେକର୍ଡ କରାଯାଇଥାଏ ।

**ପୋଷ୍ଟ ପ୍ରଡକ୍‌ସନ ଏଡିଟିଂ ମେସିନ୍:-**

ପୂର୍ବରୁ ଆମେ ଯେପରି ଆଲୋଚନା କରୁଥିଲେ ଖାଦ୍ୟ ବାଢିବା ପୂର୍ବରୁ ଆମେ ଏହାକୁ ସଜାଇଥାଉ । ଠିକ୍ ସେହିପରି ଟେଲିଭିଜନ୍‌ରେ କୌଣସି କାର୍ଯ୍ୟକ୍ରମକୁ ବାସ୍ତବ ପ୍ରସାରଣ ପୂର୍ବରୁ ଆମକୁ ନିର୍ମାଣ ପୂର୍ବ ଅବସ୍ଥାର କାର୍ଯ୍ୟ କରିବାକୁ ପଡିଥାଏ ।

ଏହି ସୋପାନରେ ଆମେ ରେକର୍ଡିଂ କରାଯାଇଥିବା ସାମଗ୍ରୀ ମଧ୍ୟରୁ ଦୃଶ୍ୟକୁ ବାଛିଥାଉ ଯାହା ଅଧିକ ପ୍ରାସଙ୍ଗିକ ଅଟେ ଏବଂ ଏହାର କପି ଅନ୍ୟ ଗୋଟିଏ ଭିଡିଓ ଟେପ୍‌ରେ ଗୋଟିଏ ବିଶେଷ କ୍ରମରେ କରିଥାଉ । ଏହାକୁ ଏଡିଟିଂ(ସମ୍ପାଦନ)କୁହାଯାଏ । ପୋଷ୍ଟ ପ୍ରଡକ୍‌ସନ ଏଡିଟିଂ ଉପକରଣ/ ଯନ୍ତ୍ର ରେକର୍ଡିଂ ପରେ କାର୍ଯ୍ୟକ୍ରମ ସଂପାଦନରେ ସାହାଯ୍ୟ କରିଥାଏ । ବହୁ ବିସ୍ତୃତ ସମ୍ପାଦନ ସହିତ ଏହିଧାରା ଆମକୁ ଇଚ୍ଛା କରୁଥିବା ଫଳ ପାଇବାରେ ସାହାଯ୍ୟ କରେ । ଏଥିରୁ ଅଧିକାଂଶ ଆପଣଙ୍କ ପାଇଁ ରଚନାତ୍ମକ ନିର୍ଣ୍ଣୟ ନେଇପାରେ ନାହିଁ । ଏଥିପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଅର୍ଥାତ୍ ଇଚ୍ଛାପୂର୍ଣ୍ଣ ପରିଣାମକୁ ବୁଝି ସେହି ଅନୁସାରେ ସୁଟିଙ୍ଗ କରିବା ଆବଶ୍ୟକ । ପୁଣି ନିର୍ମାଣ ପୂର୍ବର ସୋପାନ ଯେତେ ଅଧିକ ଭଲ ହେବ ନିର୍ମାଣ ପରକାର୍ଯ୍ୟ ସେତେ ଅଧିକ ଭଲ ହେବ ।

## ପାଠ୍ୟଗତ ପ୍ରଶ୍ନ 16.2 :-

1- ପ୍ରଦତ୍ତ ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତର ସ୍ଥାନରେ ଠିକ୍ ଚିହ୍ନ ଦିଅନ୍ତୁ-

(i)ଏଥିମଧ୍ୟରୁ କିଏ ଧ୍ୱନି ତରଙ୍ଗକୁ ବିଦ୍ୟୁତ୍ ଶକ୍ତି ବା ଧ୍ୱନି ସଂକେତରେ ପରିବର୍ତ୍ତନ କରେ

(କ) ଆଲୋକ (ଖ) କ୍ୟାମେରା (ଗ) ମାଇକ୍ରୋଫୋନ୍ (ଘ)ସ୍ୱିଚର

2- ଶୂନ୍ୟସ୍ଥାନ ପୂରଣ କର:-

(i) ଟେଲିଭିଜନ କ୍ୟାମେରା __________ବିମ୍ବକୁ __________ସଂକେତରେ ପରିବର୍ତ୍ତନ କରିଥାଏ ।

(ii) ଅଧିକାଂଶ ଟେଲିଭିଜନ କାର୍ଯ୍ୟକ୍ରମ__________ରେ କିମ୍ବା କଂପ୍ୟୁଟର ଡିସ୍କ ଉପରେ ରେକର୍ଡ କରାଯାଏ ।

3- ନିର୍ମାଣ ପାଇଁ ପ୍ରଯୁକ୍ତ ଯେକୌଣସି ୫ଟି ଉପକରଣର ନାମ ଲେଖନ୍ତୁ ।

.....................................................

.........................................................

.......................................................

ଟୀପ୍‌ପଣୀ

.......................................................

.......................................................

## 16.3 ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣରେ ନିୟୋଜିତ କେତେକ ମହତ୍ତ୍ୱପୂର୍ଣ୍ଣ ପେଷାଦାରୀ

ଆପଣ ଜାଣିଛନ୍ତି ମା ଆପଣଙ୍କର ଅତ୍ୟନ୍ତ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିପାରିବେ । ଆପଣଙ୍କ ଭଉଣୀ ମଧ୍ୟ ବିନା ସାହାଯ୍ୟରେ ଏସବୁ କାମ କରିପାରିବେ । କିନ୍ତୁ ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣରେ ଏସବୁ ହୁଏନାହିଁ । ଟେଲିଭିଜନ ପାଇଁ ନିର୍ମାଣ ଗୋଟିଏ ଗୋଷ୍ଠୀଗତ ଚେଷ୍ଟା ଅଟେ । ଏହି ଗୋଷ୍ଠୀରେ ସୃଜନଶୀଳତାର ଧିଶକ୍ତି ବା ରଚନାତ୍ମକ ଦକ୍ଷତା ଥିବା ବ୍ୟକ୍ତିମାନେ ପ୍ରମୁଖ ସଦସ୍ୟ ହେବା ସଂଗେ ସଂଗେ ଅନ୍ୟାନ୍ୟ ସହଯୋଗୀ ସାମିଲ ଥା'ନ୍ତି । ସଦସ୍ୟମାନେ ଏକରୁ ଅଧିକ ଭୂମିକା ଏଥିରେ ନେଇଥା'ନ୍ତି ଏବଂ ଏହା ସଂଗଠନ ବା ନିର୍ମାଣ ଗୃହ ତଥା କାର୍ଯ୍ୟକ୍ରମ ପ୍ରକାର ତଥା ମାପ ଉପରେ ନିର୍ଭର କରିଥାଏ । ବିଭିନ୍ନ ସଦସ୍ୟ ନିଜର ବିଶେଷ କାର୍ଯ୍ୟ ସମ୍ପାଦନ ସହିତ ମିଳିତ ଭାବରେ ଗୋଷ୍ଠୀରେ ସାମିଲ ହୋଇ କାମ କରିଥାନ୍ତି । ଆପଣ ଜାଣିଛନ୍ତି ପ୍ରତ୍ୟେକ ଖେଳରେ ଯେପରି କ୍ରିକେଟ୍‌ରେ ପ୍ରତ୍ୟେକ ସଦସ୍ୟ ନିଜ ନିଜର ମହତ୍ତ୍ୱପୂର୍ଣ୍ଣ ଗୁରୁ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଥାନ୍ତି, ଠିକ୍ ସେହିଭଳି ଟେଲିଭିଜନ ନିର୍ମାଣରେ ମଧ୍ୟ ହୋଇଥାଏ । ଯେଉଁଠାରେ ପ୍ରତ୍ୟେକ ସଦସ୍ୟ ଗୋଟିଏ ଗୋଟିଏ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି ।

ଟେଲିଭିଜନ ପାଇଁ ନିର୍ମାଣ ଗୋଟିଏ ଗୋଷ୍ଠୀର ପ୍ରୟାସ ଅଟେ ।

ଆସନ୍ତୁ ଏବେ ଆମେ ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣରେ ଲାଗିଥିବା ଗୋଷ୍ଠୀ ସଦସ୍ୟଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋଚନା କରିବା ।

### ନିର୍ମାତା(ପ୍ରଡ୍ୟୁସର)-

ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣରେ ନିର୍ମାତା କୁହାଯାଉଥିବା ନିର୍ମାଣ ପ୍ରମୁଖର ସମୁଦାୟ ନିର୍ମାଣ ମୁଖ୍ୟ ପ୍ରଭାରି ଅଟନ୍ତି । ନିର୍ମାତା ସମୁଦାୟ ଅର୍ଥବ୍ୟବସ୍ଥା ସଂପର୍କୀୟ ଦେଖାରଖା କରିଥାନ୍ତି ଏବଂ ବିଜ୍ଞାପନ ସଂସ୍ଥା, ଅଭିନେତା ତଥା ଲେଖକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିଥାନ୍ତି । ନିର୍ମାତା ନିର୍ମାଣରେ ଲାଗିଥିବା ସମସ୍ତ ବ୍ୟକ୍ତି ତଥା ବୈଷୟିକ ତଥା ଅଣବୈଷୟିକ ଲୋକଙ୍କ ମଧ୍ୟରେ ଉତ୍ତରଦାୟୀ ରହିଥା'ନ୍ତି ।

### ନିର୍ଦ୍ଦେଶକ(ଡାଇରେକ୍ଟର)-

ନିର୍ଦ୍ଦେଶକ କାହାକୁ କୁହାଯାଏ ? ଟେଲିଭିଜନ ପାଇଁ ନିର୍ମାଣରେ ନିର୍ଦ୍ଦେଶକ ବୈଷୟିକ କାର୍ଯ୍ୟ ତଥା ଅଭିନେତାମାନଙ୍କୁ ନିର୍ଦ୍ଦେଶନାର ପ୍ରମୁଖ ଅଟନ୍ତି । ସ୍କ୍ରିପ୍ଟ ବା ଲେଖାକୁ ଅଡିଓ ଏବଂ ଭିଡିଓ ଢଙ୍ଗରେ ରଖିବାପାଇଁ ଏହାକୁ ଅନ୍ତିମ ରୂପରେ ସଜାଇବାର ଉତ୍ତରଦାୟୀ ନିର୍ଦ୍ଦେଶକଙ୍କ ଉପରେ ଥାଏ । କ୍ୟାମେରାର ସ୍ଥିତି, ଦୃଶ୍ୟର କିଭଳି ଚିତ୍ରଉତ୍ତୋଳନ କରାଯିବ, ଅଭିନେତା କେଉଁଠି ଠିଆହେବେ ଏ ସମସ୍ତ ନିର୍ଦ୍ଦେଶକଙ୍କ ନିୟନ୍ତ୍ରଣରେ ଥାଏ ।



ଟୀପ୍ପଣୀ





ଚିତ୍ର : 16.7 ନିର୍ଦ୍ଦେଶକ

**ନିର୍ମାଣ ସହାୟକ (ପ୍ରଡକ୍ସନ୍ ଆସିଷ୍ଟାଣ୍ଟ):-**

ନିର୍ମାଣ ସହାୟକ ଟେଲିଭିଜନ ପାଇଁ ନିର୍ମାଣକୁ ସହଜରେ ସଂପାଦନ କରିବାପାଇଁ ଆବଶ୍ୟକ ସମସ୍ତ ଜିନିଷର ଉପଲବ୍ଧ କରାଇଥାନ୍ତି । ସେ ନିର୍ମାତା ଏବଂ ନିର୍ଦ୍ଦେଶକଙ୍କୁ ସହଯୋଗ କରିଥା'ନ୍ତି ।

**ସ୍କ୍ରିପ୍ଟ ରାଇଟର:-**

ଟେଲିଭିଜନ ନିର୍ମାଣ ପାଇଁ ଗୋଟିଏ ମୌଳିକ ଆବଶ୍ୟକ ବସ୍ତୁକୁ ସ୍କ୍ରିପ୍ଟ କୁହାଯାଏ । ସ୍କ୍ରିପ୍ଟରେ କାର୍ଯ୍ୟକ୍ରମର ସମସ୍ତ ତତ୍ତ୍ୱ ଯଥା-ସମ୍ବାଦ, ଅଭିନେତାମାନଙ୍କ ତାଲିକା, ପୋଷାକପତ୍ର(କଷ୍ଟ୍ୟୁମ୍) ପ୍ରତ୍ୟେକ ଦୃଶ୍ୟପାଇଁ ଆବଶ୍ୟକ ମାନସିକତା ଏବଂ ଏହାର ଆବଶ୍ୟକୀୟ ସ୍ଥାନବିଶେଷ । ସ୍କ୍ରିପ୍ଟ ଲେଖକ ସେହି ବ୍ୟକ୍ତି ଅଟନ୍ତି ଯିଏ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପାଇଁ ସ୍କ୍ରିପ୍ଟ ଲେଖିଥା'ନ୍ତି । ଛୋଟ ସ୍ତରର ନିର୍ମାଣପାଇଁ ଏହି କାମ ନିର୍ଦ୍ଦେଶକ ତୁଲାଇଥାନ୍ତି କିନ୍ତୁ ଯଦି ଦରକାର ପଡେ ସ୍କ୍ରିପ୍ଟ ଲେଖକଙ୍କୁ ପାରିଶ୍ରମିକ ଦେଇ ରଖାଯାଇଥାଏ ।

ଟୀପ୍ପଣୀ

**ଅଭିନେତା (ଏକଟର୍ସ):-**

ଅଭିନେତା ସ୍କ୍ରିପ୍ଟର ଜରୁରୀ ମୁତାବିକ ବିଭିନ୍ନ ଭୂମିକା କରୁଥିବା ବ୍ୟକ୍ତି ଅଟନ୍ତି ।

**ଆଙ୍କର:-**

ଆଙ୍କର ବା ଘୋଷକ ସେହି ବ୍ୟକ୍ତି ଅଟନ୍ତି ଯିଏ ଔପଚାରିକ ରୂପରେ ଟେଲିଭିଜନରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥା'ନ୍ତି । ଉଦାହରଣ ସ୍ୱରୂପ ସମାଚାର ଘୋଷକ ଟେଲିଭିଜନରେ ସମାଚାର ପ୍ରସ୍ତୁତ କରିଥା'ନ୍ତି ଯେଉଁଠି ଏଭଳି ଘୋଷକ ଥା'ନ୍ତି ଯିଏକି ସାରେଗାମାପାା ତଥା ଇଣ୍ଡିଆନ ଆଇଡିଏଲ ଭଳି ରିଏଲିଟି କାର୍ଯ୍ୟ କ୍ରମରେ ଶୋ ବା କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥା'ନ୍ତି ।

ଆପଣଙ୍କର ପସନ୍ଦର ଘୋଷକ କିଏ ଅଟନ୍ତି ? ସେ କେଉଁ କାର୍ଯ୍ୟକ୍ରମର ଘୋଷକ ଅଟନ୍ତି ?



**ଚିତ୍ର : 16.8 ଆଙ୍କର**

**କ୍ୟାମେରା ପର୍ସନ:-**

କ୍ୟାମେରା ପର୍ସନ ବା କ୍ୟାମେରାମ୍ୟାନ୍ କ୍ୟାମେରା ସଂଚାଳନ କରିଥା'ନ୍ତି । କମ୍ ସ୍ତରର ନିର୍ମାଣରେ ସେ ଆଲୋକ ବ୍ୟବସ୍ଥାର କାମ ମଧ୍ୟ କରି ଥାଆନ୍ତି । ଏମାନଙ୍କୁ ଭିଡିଓ ଗ୍ରାଫରସ୍ ମଧ୍ୟ କୁହାଯାଏ ।



ଟୀପ୍ପଣୀ



ଚିତ୍ର : 16.9 (ଅ)କ୍ୟାମେରା ପର୍ସନ



ଚିତ୍ର : 16.9 (ବ)କ୍ୟାମେରା ପର୍ସନ



ଟୀପ୍ପଣୀ

**ସାଉଣ୍ଡ ରେକଡିଷ୍ଟ:-**

ଜଣେ ସାଉଣ୍ଡ ରେକଡିଷ୍ଟ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ସାଉଣ୍ଡଟ୍ରେକ୍(ସଂବାଦ ଏବଂ ବିଶେଷ ଧ୍ୱନି ପ୍ରଭାବ)ରେକର୍ଡ କରିଥା'ନ୍ତି । କାର୍ଯ୍ୟକ୍ରମ ସହିତ ବାଜିବାର ଥିବା ପ୍ରଚ୍ଛଦପଟ ସଂଗୀତ ପାଇଁ ସେ ଉତ୍ତରଦାୟୀ ରହିଥା'ନ୍ତି ।

**କଳା ନିର୍ଦ୍ଦେଶକ:-**

କଳା ନିର୍ଦ୍ଦେଶକ ରଚନାତ୍ମକ ସାଜସଜ୍ଜା ପାଇଁ ଦାୟିତ୍ୱରେ ଥାଆନ୍ତି ଯେଉଁଥିରେ ସେଟ୍ ଡିଜାଇନ୍, ସ୍ଥାନ ନିରୂପଣ ଏବଂ ଶୋର ଗ୍ରାଫିକ୍ସ ସମ୍ମିଳିତ ଅଟେ ।

**ପ୍ରପର୍ଟି ମ୍ୟାନେଜର:-**

ପ୍ରପର୍ଟି ମ୍ୟାନେଜର ବିଭିନ୍ନ ସେଟ୍ ତଥା ଅନ୍ୟାନ୍ୟ ସଂପତ୍ତି ଉପଯୋଗର ଦେଖାଶୁଣା ଏବଂ ବ୍ୟବସ୍ଥା କରିଥା'ନ୍ତି । ଏହା ଅଧିକ ବଡ଼ ଧରଣର ନିର୍ମାଣରେ କେବଳ ହୋଇଥାଏ । ଅପରପକ୍ଷେ ଏହି କାର୍ଯ୍ୟ ଫ୍ଲୋର୍ ମ୍ୟାନେଜର କରିନିଅନ୍ତି ।

**ଫ୍ଲୋର ମ୍ୟାନେଜର:-**

ଫ୍ଲୋର ମ୍ୟାନେଜର ଷ୍ଟୁଡିଓର ଫ୍ଲୋରରେ ହେଉଥିବା ସମସ୍ତ ଗତିବିଧିର ଉତ୍ତରଦାୟୀ ଥାଆନ୍ତି । ସେ ବିଭିନ୍ନ ରଚନାଧର୍ମୀ ତଥା ଧ୍ୱଶକ୍ତିଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରନ୍ତି, ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ସମସ୍ତଙ୍କ ପାଖରେ ପହଞ୍ଚାନ୍ତି, ତଥା ଫ୍ଲୋରରେ କାମ କରୁଥିବା ଅନ୍ୟାନ୍ୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥା'ନ୍ତି । ତାଙ୍କୁ ଫ୍ଲୋର ମ୍ୟାନେଜର ବା ଷ୍ଟେଜ୍ ମ୍ୟାନେଜର ମଧ୍ୟ କୁହାଯାଏ ।

**ପୋଷାକ ସଜ୍ଜାକାର(କଷ୍ଟ୍ୟୁମ୍ ଡିଜାଇନର୍):-**

ପୋଷାକ ସଜ୍ଜାକାର ଡିଜାଇନର ବିଭିନ୍ନ ନାଟକ, ନୃତ୍ୟ ଏବଂ ପିଲାମାନଙ୍କ ଶୋ ପାଇଁ ପୋଷାକର ଡିଜାଇନ୍ କରିଥା'ନ୍ତି ଏବଂ ଏହାକୁ ତଆରି ମଧ୍ୟ କରିଥା'ନ୍ତି ।

***କାର୍ଯ୍ୟକଳାପ 16.7***

*ଯେଉଁ ଟେଲିଭିଜନ କାର୍ଯ୍ୟକ୍ରମ ଆପଣ ଦେଖୁଥା'ନ୍ତି ଏହାର ଆରମ୍ଭ ତଥା ଶେଷରେ ଏହାର ପର୍ଦ୍ଦାରେ ଆସୁଥିବା ନାମର ଏକ ଚିଠା ପ୍ରସ୍ତୁତ କରନ୍ତୁ ।*


## 16.4 ଷ୍ଟୁଡିଓ ତଥା ଆଉଟ୍‌ଡୋର ରେକଡିଙ୍ଗ୍:-

ଆପଣ ଧ୍ୟାନ ଦେଇଥିବେ ଯେଉଁ ଟେଲିଭିଜନ କାର୍ଯ୍ୟକ୍ରମ ଆପଣ ଦେଖୁଛନ୍ତି ତାହା ହୋଇଥାଇପାରେ ବନ୍ଦ ହୋଇଥିବା ରୁମ୍‌ରେ ସୁଟ୍ କରାଯାଇଥାଇପାରେ ଅଥବା ଖୋଲା ସ୍ଥାନରେ କରାଯାଇଥାଇପାରେ, ଯାହାକୁ ଆମେ ଆଉଟ୍‌ଡୋର ଏରିଆ କହିଥାଉ । ଏହିପରି ଭାବରେ ଆମେ ଯେତେ କାର୍ଯ୍ୟକ୍ରମ ଦେଖିଥାଉ ଏହା ମୁଖ୍ୟତଃ ଦୁଇ ପ୍ରକାରର ହୋଇଥାଏ । ହୋଇପାରେ ଷ୍ଟୁଡିଓ ଭିତରେ ବା ଆଉଟ୍‌ଡୋର ସ୍ଥାନରେ ।

ଷ୍ଟୁଡିଓର ଚାରିକୋଣ ଭିତରେ ଯେଉଁ ଟେଲିଭିଜନ୍ କାର୍ଯ୍ୟକ୍ରମ ନିର୍ମାଣ କରାଯାଏ ତା'ର ରେକଡିଙ୍ଗ୍‌କୁ ଷ୍ଟୁଡିଓ ରେକଡିଙ୍ଗ୍ କୁହାଯାଏ ଏବଂ ଏପରି ରେକଡିଙ୍ଗ୍ ଯାହାକି ଷ୍ଟୁଡିଓର ବାହାର ସୁଟିଂ ହୁଏ ତାହାକୁ ଆଉଟ୍‌ଡୋର ରେକଡିଙ୍ଗ୍ କୁହାଯାଏ ।



**ଚିତ୍ର : 16.10 (ଅ)ଷ୍ଟୁଡିଓ ରେକଡିଙ୍ଗ**



**ଚିତ୍ର : 16.10 (ବ)ଆଉଟ୍‌ଡୋର ରେକଡିଙ୍ଗ**

ଟୀପ୍ପଣୀ

**ସଜୀବ(ଲାଇଭ୍)ଟେଲିଭିଜନ୍ କାର୍ଯ୍ୟକ୍ରମ ତଥା ରେକର୍ଡେଡ୍ ଟେଲିଭିଜନ୍ କାର୍ଯ୍ୟକ୍ରମ:-**

କେବେ ଆପଣ ଟେଲିଭିଜନରେ ଏପରି କ୍ରିକେଟ୍ ମ୍ୟାଚ୍ ଦେଖିଛନ୍ତି ଯାହାକି ଠିକ୍ ସେହି ସମୟରେ କୌଣସି ଅନ୍ୟଦେଶରେ ବାସ୍ତବରେ ଅନୁଷ୍ଠିତ ହୋଇଥାଏ ? କିମ୍ବା ଗଣତନ୍ତ୍ର ଦିବସ ପ୍ୟାରେଡ୍ ଯାହା ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା ? ଟେଲିଭିଜନରେ ଏ ସମସ୍ତ କାର୍ଯ୍ୟକ୍ରମ "ଲାଇଭ୍" ବା "ସଜୀବ" ଦୃଶ୍ୟମାନ ହୋଇଥାଏ ।

ଏଭଳି କାର୍ଯ୍ୟକ୍ରମର ସଫଳତା ସମ୍ପୂର୍ଣ୍ଣ ଭାବରେ ଏଥିରେ କାର୍ଯ୍ୟକରୁଥିବା ସଫଳ କଳାକାର ତଥା ନିର୍ମାଣ ସଦସ୍ୟ(କ୍ରୁ୍ୟ)ଙ୍କର କାର୍ଯ୍ୟ କୁଶଳତା ଉପରେ ନିର୍ଭର କରିଥାଏ । ରେକଡେଡ୍ କାର୍ଯ୍ୟକ୍ରମର ଆହୁରି ଅଧିକ ସଫଳ ତା'ର ଅଧିକ ପ୍ରଭାବ ଏଠାରେ ପ୍ରତିଫଳନ ହୋଇଥାଏ । ଯେତେବେଳେ ଅଧିକ ସନ୍ତୋଷ ଦାୟକ ଦୃଶ୍ୟ ଗ୍ରହଣ କରିବାପାଇଁ ରିଟେକ୍(ପୁନଃ ଚିତ୍ରୋତ୍ତଳନ)ର ସଂଭାବନା ଆସିଥାଏ । ଅନ୍ୟଅର୍ଥରେ ସଜୀବ କାର୍ଯ୍ୟକ୍ରମ ଅତି ଦ୍ରୁତଗତିରେ ପ୍ରସ୍ତୁତ ହୋଇଥାଏ । ସଜୀବ କାର୍ଯ୍ୟକ୍ରମ ଲୋକଙ୍କ/ଦର୍ଶକଙ୍କ ମନରେ ଅଧିକ ଉତ୍କଣ୍ଠା ସୃଷ୍ଟି କରିଥାଏ ।

ରେକର୍ଡେଡ କାର୍ଯ୍ୟକ୍ରମରେ ବ୍ୟବସାୟିକ ସୁଯୋଗ ଅଧିକ ଥାଏ କାରଣ ଏଭଳି କାର୍ଯ୍ୟକ୍ରମକୁ ଭଲଭାବରେ ତ୍ରୁଟିମୁକ୍ତ ତଥା କିଛି ମାତ୍ରାରେ ପରିବର୍ତ୍ତନ କରାଯାଇଥାଏ । କିନ୍ତୁ ଏଥିରେ ସଜୀବ କାର୍ଯ୍ୟକ୍ରମ ଭଳି ଦର୍ଶକଙ୍କ ଉତ୍କଣ୍ଠା ନଥାଏ । କାର୍ଯ୍ୟକ୍ରମର ଫର୍ମାଟ୍ ଯାହାବି ହୋଇଥାଉନା କାହିଁକି, ସଜୀବ ହେଉ ବା ରେଡର୍ଡେଡ୍ ଏସବୁ କାର୍ଯ୍ୟକ୍ରମର ନିର୍ମାଣ ପୂର୍ବ ଅନୁସନ୍ଧାନ ଏବଂ ଲେଖନ କାର୍ଯ୍ୟ ସଂପୂର୍ଣ୍ଣ ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣପାଇଁ ଅପରିହାର୍ଯ୍ୟ ଅଟେ ।

## ପାଠ୍ୟଗତ ପ୍ରଶ୍ନ 16.3 :-

ନିମ୍ନ ସୂଚିତ ମଧ୍ୟରୁ ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣରେ ସେ ଯେଉଁଗୁଡିକ ମୁଖ୍ୟ ପେଷାଦାର ଭାବରେ ଜଡିତ ସେ ସବୁକୁ ଚିହ୍ନିତ କରନ୍ତୁ:-

(i)ପୁଷ୍ପ ସଜାକାର

(ii)ପୋଷାକ ସଜାକାର

(iii)ପାର୍ଶ୍ୱଗାୟକ

(iv)ନିର୍ମାତା

(v)ଅର୍କେଷ୍ଟ୍ରା ପ୍ଲେୟାର

(vi)ମଞ୍ଚ ସଜାକାର





(vii)ନିର୍ଦ୍ଦେଶକ

(viii)ନୃତ୍ୟ ନିର୍ଦ୍ଦେଶକ

(ix)ନିର୍ମାଣ ସହାୟକ

(x)କ୍ୟାମେରା ପର୍ସନ

## 16.5 ଆପଣ କ'ଣ ଶିକ୍ଷାକଲେ

→ ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣ

→ କାର୍ଯ୍ୟକ୍ରମ ନିର୍ମାଣର ସୋପାନ

- ନିର୍ମାଣ ପୂର୍ବ ଅବସ୍ଥା
- ନିର୍ମାଣ ଅବସ୍ଥା

→ ଟେଲିଭିଜନ ନିର୍ମାଣର ଧାରା

→ ଆବଶ୍ୟକ ଯନ୍ତ୍ରପାତି ବା ଉପକରଣ

- କ୍ୟାମେରା
- ଆଲୋକ
- ମାଇକ୍ରୋଫୋନ୍
- ସାଉଣ୍ଡ୍ ରେକର୍ଡର
- ଭିଡିଓଟେପ୍ ରେକର୍ଡର
- ଏଡିଟିଙ୍ଗ୍ ଯନ୍ତ୍ର

→ ଟେଲିଭିଜନ କାର୍ଯ୍ୟକ୍ରମ ପାଇଁ ମହତ୍ତ୍ୱପୂର୍ଣ୍ଣ ପେଷାଦାରୀ

- ନିର୍ମାତା
- ନିର୍ଦ୍ଦେଶକ
- ସ୍କ୍ରିପ୍ଟ ରାଇଟର
- କ୍ୟାମେରା ପର୍ସନ
- ସାଉଣ୍ଡ ରେର୍କଡିଷ୍ଟ



ଟୀପ୍ପଣୀ



- କଳା ନିର୍ଦ୍ଦେଶକ

→ ସଜୀବ ଟେଲିଭିଜନ କାର୍ଯ୍ୟକ୍ରମ ତଥା ରେକଡିଙ୍ଗ୍ ଟେଲିଭିଜନ କାର୍ଯ୍ୟକ୍ରମ

## 16.6 ପାଠ୍ୟାନ୍ତ ପ୍ରଶ୍ନ:-

1) ଟେଲିଭିଜନର ନିର୍ମାଣ କହିଲେ କ'ଣ ବଝାଏ ?

2) ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣର ବିଭିନ୍ନ ସୋପାନର ବର୍ଣ୍ଣନା କରନ୍ତୁ ?

3) କୌଣସି ଟେଲିଭିଜନର କାର୍ଯ୍ୟକ୍ରମ ପାଇଁ ନିର୍ମାଣ ପୂର୍ବ ସୋପାନର ମହତ୍ତ୍ୱ ବର୍ଣ୍ଣନା କରନ୍ତୁ ।

4) କୌଣସି ଟେଲିଭିଜନ କାର୍ଯ୍ୟକ୍ରମରେ କ୍ୟାମେରା ଆଲୋକ ଏବଂ ରେକର୍ଡର କି କି କାର୍ଯ୍ୟ କରନ୍ତି ।

5) ନିର୍ମାଣପାଇଁ ଆବଶ୍ୟକ ବିଭିନ୍ନ ଉପକରଣର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରନ୍ତୁ ।

6) କାର୍ଯ୍ୟକ୍ରମ ନିର୍ମାଣରେ ମହତ୍ତ୍ୱପୂର୍ଣ୍ଣ ପେଷାଦାରୀ କାର୍ଯ୍ୟର ବର୍ଣ୍ଣନା କରନ୍ତୁ ।

## 16.8 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

16.1 1 (i) ଗ

(ii) କ

2 (i) ଯୋଜନା

(ii) ସ୍କ୍ରିପ୍ଟ

(ii) ପରବର୍ତ୍ତୀ ପ୍ରଡକ୍ସନ୍/ଏଡିଟିଙ୍ଗ

3 ନିର୍ମାଣ ପରବର୍ତ୍ତୀ-3

ନିର୍ମାଣ ପୂର୍ବ-1

ନିର୍ମାଣ ଅବସ୍ଥା-2

16.2 1 (i) ଗ

2 (i) ଦୃଶ୍ୟ, ବୈଦୁତିକ

(ii) ଭିଡିଓଟେପ୍

3 କ୍ୟାମେରା

ଆଲୋକ

ମାଇକ୍ରୋଫୋନ

ଭିଡିଓ ଟେପ୍‌ରେକର୍ଡର

ଟୀପ୍ପଣୀ

ସାଉଣ୍ଡ୍ ରେକର୍ଡର

16.3 (i) ପୋଷାକ ସଜ୍ଜାକାର

(ii) ନିର୍ମାତା

(iii) ନିର୍ଦ୍ଦେଶକ

(iv) ନିର୍ମାଣ ସହାୟକ

(v) କ୍ୟାମେରା ପର୍ସନ

# ୧୭

## ବିଜ୍ଞାପନ-ଏକ ପରିଚୟ

"ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ"

କ'ଣ ଆପଣଙ୍କର କିଛି ମନେପଡିଲା ? ଅନୁମାନ ଲଗାନ୍ତୁ

ସର୍ବଶିକ୍ଷା ଅଭିଯାନ

ଭାରତ ସରକାରଙ୍କର ସର୍ବଶିକ୍ଷା ଅଭିଯାନ ବା ସମସ୍ତଙ୍କ ପାଇଁ ଶିକ୍ଷା । ଧ୍ୟାନ ଦିଅନ୍ତୁ ଏହି ଲୋକପ୍ରିୟ କାର୍ଯ୍ୟକ୍ରମର ନାମ ମନେ ରଖିବା କେତେ ସହଜ ଥିଲା । ଏହାହିଁ ହେଉଛି ବିଜ୍ଞାପନର ଶକ୍ତି ।

ବିଜ୍ଞାପନ କୌଣସି ଉତ୍ପାଦ, ସେବା ବା ବିଚାରକୁ କିଣିବା କିମ୍ବା ଏହାକୁ ସ୍ୱୀକାର କରିବା ପାଇଁ ଲୋକମାନଙ୍କୁ ସୂଚିତ କରିବା ତଥା ସେମାନଙ୍କ ସହମତ ପାଇବାପାଇଁ କରାଯାଇଥିବା ଏକ ଗଣ ଉଦ୍‌ଘୋଷଣା ଅଟେ ।

ବିଜ୍ଞାପନ କହିଲେ କୌଣସି ନୋଟିସ୍, ସର୍କୁଲାର, ଲେବଲ, ରେପର ବା ଅନ୍ୟକୌଣସି ଦସ୍ତାବିଜ୍ କିମ୍ବା ଅନ୍ୟକୌଣସି ଘୋଷଣା ଯାହାକି ମୌଖିକ ଭାବରେ କିମ୍ବା ଆଲୋକ, ଧ୍ୱନି ବା ଧୂଆଁର ସହାୟତାର ସମ୍ମିଳିତ କରାଯାଇଥିବା ସଂଚାରର ମାଧ୍ୟମକୁ ବୁଝାଇଥାଏ ।

ଆପଣ ଏଭଳି ବ୍ୟକ୍ତିତ୍ୱଙ୍କ ସଂପର୍କରେ ଜାଣିଛନ୍ତି ଯେଉଁମାନେ ଧୂଆଁର ସହାୟତାରେ ବାର୍ତ୍ତା ବା ସନ୍ଦେଶ ପ୍ରେରଣ କରିଥାନ୍ତି ?

ଆମେ ପ୍ରତ୍ୟେକ ଦିନ ଶହଶହ ସଂଖ୍ୟାରେ ବିଜ୍ଞାପନ ଶୁଣୁଥାଏ ତଥା ଦେଖୁଥାଏ । ଆସନ୍ତୁ ଆମେ ସେମାନଙ୍କ ମଧ୍ୟରୁ କିଛିଟା ଉପରେ ବିଚାର ବିମର୍ଶ କରିବା

- ପ୍ରେକ୍ଷାଳୟରେ ଶୁଭାରମ୍ଭ ହେବାକୁ ଥିବା ବଲିଉଡ୍‌ର ତାଜା ଫିଲ୍ମର ସୂଚନା ପ୍ରଦାନକାରୀ ପୋଷ୍ଟର ।
- ବଡ ବଡ ହୋଡିଙ୍ଗ ଯାହାକି ଆମକୁ ଦାନ୍ତ ବିଷୟରେ ସୂଚନା ଦିଏ କେଉଁ ଟୁଥପେଷ୍ଟ ବ୍ୟବହାର କଲେ ଦାନ୍ତ ଶକ୍ତ, ସଫା ଏବଂ ମଜବୁତ ରହିବ ।
- ରେଡିଓ ଜକି ଯିଏକି ସହରର ମଧ୍ୟଭାଗରେ ଥିବା ଗୋଟିଏ ବଡ ଦୋକାନରୁ ଅତ୍ୟାଧୁନିକ ପୋଷାକ ପତ୍ର କିଣିବାପାଇଁ କହିଥାଏ ।
- ଗୋଟିଏ ବଡ କାନ୍ଥ ଯେଉଁଥିରେ କି ସ୍ଥାନୀୟ ବ୍ୟୁଟିପାର୍ଲରର ନାମ ଏବଂ ଠିକଣା

ଟୀପ୍ପଣୀ

ଲେଖାଯାଇଥାଏ, ଯେଉଁଥିରେ ଏହା କୁହାଯାଇଥାଏ ଜଣେ ସାଧାରଣ ମହିଳାଙ୍କୁ ଏହା ଫିଲ୍ମ ତାରକାଙ୍କ ଭଳି ସୁନ୍ଦରୀ କରିଦେଇଥାଏ । ଆପଣ କ'ଣ ଏହି ଆକର୍ଷଣୀୟ ପ୍ରକ୍ରିୟା ବିଷୟରେ ଅଧିକ ଜାଣିବାପାଇଁ ଚାହିଁବେନି ?

ଏହି ପାଠ୍ୟକ୍ରମରେ ଆପଣ ବିଜ୍ଞାପନର ରଚନାତ୍ମକ ଦୁନିଆ ସଂପର୍କରେ ଜ୍ଞାନ ଲାଭ କରିବେ ।

## ଉଦ୍ଦେଶ୍ୟ

ଏହି ପାଠ୍ୟକ୍ରମ ପଢିସାରିବାପରେ ଆପଣ ନିମ୍ନଲିଖିତ ବିଷୟ କରିପାରିବେ:-

- ବିଜ୍ଞାପନର ପରିକଳ୍ପନା ସଂପର୍କରେ ଜାଣିପାରିବେ
- ଭାରତରେ ବିଜ୍ଞାପନ ଉଦ୍ୟୋଗର ଇତିହାସର ବ୍ୟାଖ୍ୟା କରିପାରିବେ ।
- ବଭିନ୍ନ ମାଧ୍ୟମରେ ଆଧାରିତ ବିଭିନ୍ନ ପ୍ରକାର ବିଜ୍ଞାପନର ଶ୍ରେଣୀବିଭାଗ ।
- ବିଜ୍ଞାପନର ବିଭିନ୍ନ ପ୍ରକାର ଭେଦ ମଧ୍ୟରେ ପାର୍ଥକ୍ୟ

## 17.1 ଉତ୍ପତ୍ତି ଏବଂ ବିକାଶ:-

ଆପଣ ସେଇ ଦୁଇଜଣ ବ୍ୟକ୍ତିଙ୍କର କଳ୍ପନା କରିପାରନ୍ତି ଯାହାଙ୍କ ବିଷୟରେ ଆପଣ ଆପଣଙ୍କ ଇତିହାସ ବହିର ଅଧ୍ୟାୟରେ ପୂର୍ବଶ୍ରେଣୀ ମାନଙ୍କରେ ଅଧ୍ୟୟନ କରିଛନ୍ତି ଯିଏକି ସିନ୍ଧୁ ସଭ୍ୟତାର ସର୍ବ ପୁରାତନ ସହର ମହେଞ୍ଜୋଦାରର ସଡକ ଉପରେ ଢୋଲ ବଜାଇ ନିଜର ଏବଂ ଅନ୍ୟ କାହାର ବାର୍ତ୍ତାକୁ କହି ହେଉଥିଲେ ? ଲୋକମାନେ ରହି ରହି ଏମାନଙ୍କୁ ଶୁଣୁଥିଲେ ଯେପରି ଆପଣ ସଡକ ଉପରେ ରହି ରହି ବିଜ୍ଞାପନ ପଢୁଥାନ୍ତି, ଯେପରି ଆପଣ ଟେଲିଭିଜନରେ ବିଜ୍ଞାପନ ଦେଖୁଥାନ୍ତି, ସେତେବେଳେ ମଦ ଦୋକାନରେ ଦୋକାନ ତଥା ତା'ର ମାଲିକଙ୍କ ନାମରେ ବାର୍ତ୍ତା ଥିଲା । ସେ ସମୟର ସହରୀକୃତ ହରପ୍ପା ତଥା ମହେଞ୍ଜୋଦାରର ସହରରେ କଳାକୃତି ତଥା ହସ୍ତଶିଳ୍ପର ଅନେକ କୃତିକୁ ବିକ୍ରୟ କରିବାପାଇଁ ସଂକେତ ଚିହ୍ନର ପ୍ରୟୋଗ କରାଯାଉଥିଲା ଯାହାପାଇଁ ଆମର ପ୍ରାଚୀନ ସଭ୍ୟତା ପ୍ରସିଦ୍ଧ ଅଟେ ।

ସମ୍ରାଟ ଅଶୋକଙ୍କ ଶାସନକାଳରେ ଭାରତୀୟ ଉପମହାଦେଶରେ ପଥର ବା ସ୍ତମ୍ଭର ପ୍ରୟୋଗ ଉଦ୍‌ଘୋଷଣା ପାଇଁ କରାଯାଉଥିଲା । ପୁରାତନ ସମୟରୁ ସ୍ୱୟଂ କୌଣସି ନା କୌଣସି ଭାବରେ ବିଜ୍ଞାପନର ଅସ୍ତିତ୍ୱ ରହି ଆସିଛି । ସୂଚନା ପ୍ରଦାନ ପାଇଁ ବିଜ୍ଞାପନର ରୂପ ପ୍ରାଚୀନ ୟୁନାନୀ ଏବଂ ରୋମରେ ପ୍ରଚଳିତ ଥିଲା, ଯେତେବେଳେ ସହରରେ ପଡପାଟିଆ, ଢୋଲ ବାଦ୍ୟକାରୀ ଏବଂ ଚିହ୍ନର ଉପଯୋଗ ଉତ୍ପାଦନ ତଥା ସେବାର ବିଜ୍ଞାପନର ସୂଚନା ଦେବାପାଇଁ ଥିଲେ । ପ୍ରାଚୀନ ରୋମର ପୋମ୍ପେଇ ସହରରେ ଖନନ ଦ୍ୱାରା ବିଜ୍ଞାପନର କିଛିଅଂଶ ବିଶେଷ ଏହାର ରୂପ ହିସାବରେ ପ୍ରମାଣସ୍ୱରୂପ ମିଳିଛି ।



ଟୀପ୍ପଣୀ

ଲାଟିନ୍ ଭାଷାରେ ପ୍ରାପ୍ତ ଗୋଟିଏ ବିଜ୍ଞାପନରୁ ଏହି ପ୍ରକାରର ଲେଖା ମିଳିଛି ତାହା ନିମ୍ନ ପ୍ରଦତ୍ତ ଅଟେ ।

ଏହି ଦୋକାନରୁ ଗୋଟିଏ ତମ୍ବାର ବାସନ ଚୋରି ହୋଇଛି । ଯିଏ ଏହାକୁ ଫେରାଇ ଦେବ ତାକୁ 65 ସେଟରସିସ୍ ମୁଦ୍ରା ମିଳିବ । ଯଦି କେହି ସେହି ଚୋରକୁ ଧରାଇଦେବ ତାକୁ ଅଧିକ ପୁରସ୍କାର ଦିଆଯିବ ।

ପ୍ରାଚୀନ ରୋମର ଲୋକମାନେ ଦେଖାଯାଉଥିବା ନାଟକ, ଖେଳ, ମନୋରଂଜନ ତଥା ଗଣଆୟୋଜନର ସୂଚନା ପ୍ରଭୃତିକୁ ସହରର ବ୍ୟସ୍ତବହୁଳ ସ୍ଥାନର କାନ୍ଥରେ ରଂଗତୂଳୀ ସାହାଯ୍ୟରେ ଲେଖୁଥିଲେ । ସେମାନେ ଡାଏରୀରେ ଛେଳିର ଚିହ୍ନ ତିଆରି ହୋଇଥିବା ମିଳୁଥିଲା ଏବଂ ଅନେକ ବିଦ୍ୟାଳୟରେ ଏପରି ପିଲାଙ୍କ ଚିତ୍ରଥିଲା ଯେପରି ସେମାନଙ୍କୁ ଚାବୁକ ଦ୍ୱାରା ପ୍ରହାର ହେଉଥିଲା । ପ୍ରାୟତଃ ଏପରି ଚିହ୍ନର ବ୍ୟବହାର ଏଥିପାଇଁ ପ୍ରୟୋଗ ହେଉଥିଲା କାରଣ ସେମାନେ ପଢି ପାରୁନଥିଲେ । ଆପଣ ଗୋଟିଏ ଶ୍ରେଣୀ ବା ବିଦ୍ୟାଳୟ ପାଇଁ କେଉଁ ଚିହ୍ନ ବ୍ୟବହାର କରିବେ ? ଅନେକ ଦିନ ପରେ ଏହି ଗଣ ସୂଚନାକୁ "ଏକ୍‌ଟା ଡାଇଅର୍ନା'ରେ ସ୍ଥାନ ଦିଆଯାଇଥିଲା । ଏହା କାନ୍ଥରେ ଲଗାଯାଉଥିବା ଏକ ପ୍ରକାର ସମ୍ବାଦପତ୍ର ଥିଲା ଯାହା ଖ୍ରୀ.ପୂ 131ରେ ପ୍ରାଚୀନ ରୋମର ରାଜନୀତିରେ ଦୈନିକ ସମ୍ବାଦ ଭାବରେ ଉପଲବ୍ଧ କରାଯାଉଥିଲା । ପାପିରସ୍‌ରେ ହଜିବା ଏବଂ ମିଳିଯିବା ବିଜ୍ଞାପନ ପୁରାତନ ଗ୍ରୀସ୍ ଏବଂ ପୁରାତନ ରୋମରେ ଅତି ସାଧାରଣ ଥିଲା ।

## ଆପଣ ଜାଣିଛନ୍ତି କି ?

- ମିଶରର ଲୋକମାନେ ପେପାଇରସ୍‌ର କାଗଜ ଉପରେ ବିକ୍ରୟର ବାର୍ତ୍ତା ତଥା ସମ୍ପୂର୍ଣ୍ଣ ବିବରଣୀ ଏବଂ କାନ୍ଥରେ ପୋଷ୍ଟର ପ୍ରସ୍ତୁତ କରୁଥିଲେ । ଏହି କାଗଜ ପେପାଇରସ ଗଛର ଛାଲରୁ ପ୍ରସ୍ତୁତ କରାଯାଉଥିଲା ଯାହାର ଉପଯୋଗ ପ୍ରାଚୀନ ଗ୍ରୀକ୍ ଏବଂ ରୋମରେ ମଧ୍ୟ ହେଉଥିଲା ।
- ପ୍ରାଚୀନ ଆରବର ଖଣ୍ଡହରୋ ସହରରେ ବ୍ୟବସାୟିକ ବାର୍ତ୍ତା ତଥା ରାଜନୈତିକ ଅଭିଯାନ ପ୍ରଚାରର ଲିପି ଆବିଷ୍କୃତ ହୋଇଛି ।
- ବ୍ୟବସାୟିକ ବିଜ୍ଞାପନ ପାଇଁ କାନ୍ଥ ଏବଂ ଚଟାଣରେ ପ୍ରସ୍ତୁତ ଚିତ୍ର ପ୍ରାଚୀନ ବିଜ୍ଞାପନ ରୂପର ଅନ୍ୟ ଏକ ଉଦାହରଣ ଅଟେ ଯାହାକି ଆଜି ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଅନେକ ସହରରେ ମିଳୁଛି ।
- ଖ୍ରୀ.ପୂ 4000ରେ ଭାରତୀୟ ପ୍ରସ୍ତରକଳା ଅଙ୍କନରେ ମଧ୍ୟ ଏହି ପାରମ୍ପରିକ କାନ୍ଥ ପ୍ରସ୍ତର କଳା ମଧ୍ୟ ଦେଖିବାକୁ ମିଳିଥାଏ ।

ଆପଣଙ୍କର ମନେଥିବ ଯୋଗାଯୋଗର ପ୍ରଥମ ବ୍ୟବହାର ଅଧ୍ୟାୟରେ ଆପଣମାନେ ହାତଚିଠା(ହ୍ୟାଣ୍ଡବିଲ୍), ପୋଷ୍ଟର ଏବଂ ପାମ୍ଫଲେଟ୍ ବିଷୟରେ ପଢିଛନ୍ତି ? ଆପଣ ଜାଣିଛନ୍ତି କି



ଟୀପ୍‌ପଣୀ

ମୁଦ୍ରଣ ଉଦ୍ୟୋଗର ସଫଳତାର କାରଣରୁ ହିଁ ଆଧୁନିକ ବିଜ୍ଞାପନ ସଂଭବ ହୋଇପାରିଛି ? ହ୍ୟାଣ୍ଡ୍‌ବିଲ୍, ପୋଷ୍ଟର, ପାମ୍ପ ଲେଟ୍ ଏବଂ ଲିଫ୍‌ଲେଟ ବହୁ ସଂଖ୍ୟାରେ ମୁଦ୍ରିତ ହୋଇ ସହରମାନଙ୍କରେ ଏହାକୁ ବିତରଣ କରାଗଲା ତଥା ଏହାକୁ ସର୍ବସାଧାରଣ ସ୍ଥାନ ମାନଙ୍କରେ କାନ୍ଥରେ ଲଗାଗଲା ।

ବିଜ୍ଞାପନ ଅତି ଦ୍ରୁତଗତିରେ ସେଫ୍‌ଟିପିନ୍‌ରୁ ନେଇ ସିଲାଇ ମେସିନ୍ ପର୍ଯ୍ୟନ୍ତ କାରଖାନାରେ ପ୍ରସ୍ତୁତ ଉତ୍ପାଦନ ବସ୍ତୁର ଏକ ଶକ୍ତିଶାଳୀ ଉପକରଣ ହୋଇଗଲା । ସମ୍ବାଦପତ୍ର ଗୁଡ଼ିକ ବିଜ୍ଞାପନ ପାଇଁ ନିଜ କାଗଜର ସ୍ଥାନ ବିକ୍ରି କରିବାକୁ ଲାଗିଲେ । ଅତି ଶୀଘ୍ର ଖବରକାଗଜରେ ସମ୍ବାଦ ଅପେକ୍ଷା ବିଜ୍ଞାପନ ଅଧିକ ଛପାହେଲା ଆପଣ ଜାଣିଛନ୍ତି କି ?

*ପ୍ରଥମ ଆଧୁନିକ ବିଜ୍ଞାପନ ଏଜେନ୍‌ସି ସଂଯୁକ୍ତ ରାଷ୍ଟ୍ର ଆମେରିକାରେ 1875 ର ପାଖାପାଖିରେ ଆରମ୍ଭ ହୋଇଥିଲା ଯେତେବେଳେ କି ଫିଲାଡେଲଫିଆରେ ପ୍ରସ୍ତାବ ଦେଇଥିଲେ ଏବଂ ସମ୍ବାଦପତ୍ରରେ ଏଥିପାଇଁ ସ୍ଥାନର କଣ୍ଟ୍ରାକ୍ଟ ମଧ ପ୍ରସ୍ତାବିତ ହୋଇଥିଲା ।*

ଦେଶର ଏକ ଲୋକପ୍ରିୟ ମାଧମର ହିସାବରେ ରେଡିଓ ଏବଂ ଟେଲିଭିଜନର ଆଗମନ ଫଳରେ ବିଜ୍ଞାପନ କ୍ଷେତ୍ରରେ ଏକ କ୍ରାନ୍ତି ଆସିଯାଇଛି । ଯେଉଁଠି ମୁଦ୍ରିତ ମାଧମ କେବଳ ସାକ୍ଷର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଅଟେ, ରେଡିଓ ଏବଂ ଟେଲିଭିଜନର ଲାଭ ଉଭୟ ସାକ୍ଷର ଏବଂ ନିରକ୍ଷରକୁ ଉପଲବ୍ଧ ହୋଇପାରିଲା, ସହର ସଂଗେ ସଂଗେ ଗ୍ରାମିଣ କ୍ଷେତ୍ରରେ ମଧ ଟେଲିଭିଜନ ଏବଂ ରେଡିଓ ଲୋକପ୍ରିୟ ହୋଇଉଠିଲା ସର୍ବାଧିକ ମାଧମ ଭାବରେ । 1990 ଦଶକ ମଧରେ ସାଟେଲାଇଟ୍ ଟେଲିଭିଜନ ଏବଂ ଇଣ୍ଟରନେଟ୍‌ର ଆଗମନ ଫଳରେ ଏହି କ୍ଷେତ୍ରରେ ଆହୁରି ଅଧିକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଥିଲା ।

## କେତେକ ମନେରଖିବା ଜିନିଷ :

**ହ୍ୟାଣ୍ଡ୍‌ବିଲ୍-** କାଗଜର ଗୋଟିଏ ଛୋଟ ଫର୍ଦ୍ଦ ଯେଉଁଥିରେ ବିଜ୍ଞାପନର ବାର୍ତ୍ତା ଲେଖାଥାଏ ଏବଂ ହାତରେ ବଣ୍ଟାଯାଏ । ସାଧାରଣତଃ ହ୍ୟାଣ୍ଡ୍‌ବିଲ୍ ଧଳା, ଗୋଲାପି ବା ହଳଦିଆ ରଂଗର କାଗଜରେ ପ୍ରସ୍ତୁତ ହୋଇଥାଏ । ଛାତ୍ର ତଥା ସମ୍ବାଦପତ୍ର ବିତରକ ଏହାକୁ ବାଣ୍ଟିବାର କାର୍ଯ୍ୟ କରିଥାନ୍ତି ।

**ପୋଷ୍ଟର-** ବିଜ୍ଞାପନର କାର୍ଯ୍ୟବାହୀ ହିସାବରେ ଏହାକୁ ସାଧାରଣ ବର୍ଗଙ୍କ ଏକାଠି ହେଉଥିବା ସ୍ଥାନରେ ଏହାକୁ ଲଗାଯାଏ । ଗୋଟିଏ ପୋଷ୍ଟରରେ କେବଳ ଗୋଟିଏ ଶବ୍ଦ ବା ବୃତ୍ତଚିତ୍ର ତଥା ଫଟୋଗ୍ରାଫି ହୋଇଥାଏ । ଅଠା କିମ୍ବା ଫେବିକଲ ସହାୟତାରେ କାନ୍ଥରେ ପୋଷ୍ଟରକୁ ମରାଯାଇଥାଏ ।

**ଲିଫ୍‌ଲେଟ୍-** ଗୋଟିଏ ଛୋଟ ପୁସ୍ତିକା ଯାହାଉପରେ କାଗଜର ଆବରଣ ଥାଏ । ଏଥିରେ ସାଧାରଣତଃ ଯେତେ କମ୍ ହୋଇପାରେ ପତଳା କାଗଜ ଲଗାଯାଇଥାଏ ।

**ଆଡ୍-** ଏକ ଆଡଭଟାଇଜମେଣ୍ଟ ବା ବିଜ୍ଞାପନକୁ ଆଡ୍ ମଧ କୁହାଯାଏ ।

## ପାଠ୍ୟଗତ ପ୍ରଶ୍ନ 17.1 :-

1- ପ୍ରାଚୀନ ସଭ୍ୟତାର ଏକ ସୂଚୀତଳେ ଦିଆଯାଇଛି । ଏଗୁଡିକୁ ସେହି ସମୟର ବ୍ୟବହୃତ ଉଚିତ୍ ବିଜ୍ଞାପନର ପ୍ରକାର ଭେଦ ସହିତ ସମ୍ବନ୍ଧିତ କରନ୍ତୁ

(i) ହରପ୍ପା ଏବଂ ମହେଞ୍ଜୋଦାରୋ — କ) ଗଣ ଉଦଘୋଷଣା କରୁଥିବା ପଥର ତଥା ସ୍ତମ୍ଭ ।

(ii) ସମ୍ରାଟ ଅଶୋକ — ଖ) ଢୋଲ ବଜାଉଥିବା ଏବଂ ବଡପାଟିରେ ଉଦ୍‌ଘୋଷଣା କରୁଥିଲେ ।

(iii)ଗ୍ରୀସ୍ ଏବଂ ରୋମ୍ — ଗ) କଳାକୃତି ତଥା ହସ୍ତଶିଳ୍ପ ବିକ୍ରିପାଇଁ ଚିହ୍ନର ପ୍ରୟୋଗ କରୁଥିଲେ ।

(iv)ମିଶର — ଘ) ଏକ୍‌ଟା ଡାଇଅର୍ନା- ଗୋଟିଏ ଚଟାଣର ସମ୍ବାଦପତ୍ର

(v) ରୋମ — ଙ) ପେପାଇରସ୍ ଉପରେ ବିକ୍ରୟର ସନ୍ଦେଶ ତଥା ଚଟାଣର ପୋଷ୍ଟର ।

## କାର୍ଯ୍ୟକଳାପ 17.1

ଲିଫ୍‌ଲେଟ୍, ପୋଷ୍ଟର ଏବଂ ହ୍ୟାଣ୍ଡ୍‌ବିଲ ମଧ୍ୟରୁ ପ୍ରତ୍ୟେକର ଦୁଇ ଦୁଇଟି ନମୁନା ପ୍ରସ୍ତୁତ କରନ୍ତୁ ।

## 17.2 ଭାରତରେ ବିଜ୍ଞାପନ:-

ଭାରତରେ ସମ୍ବାଦପତ୍ରର ଇତିହାସ ବିଜ୍ଞାପନ ଇତିହାସ ସହିତ ସମାନ୍ତର ଅଟେ । ଆପଣମାନେ ମୁଦ୍ରିତ ମାଧ୍ୟମର ମଡେଲରେ ଶିକ୍ଷାଗ୍ରହଣ କଲେ ଯେ ଭାରତୀୟ ଉପମହାଦ୍ୱୀପରେ ପ୍ରଥମ ସମ୍ବାଦପତ୍ରର ପ୍ରଥମ ସଂସ୍କରଣ “ବେଙ୍ଗଲ ଗେଜେଟ’ “କୋଲକତା ଜେନେରାଲ ଏଡ୍‌ଭରଟାଇଜର’ ଥିଲା ଯାହାକୁ 1780 ମସିହା ଜାନୁଆରୀ ୨୯ତାରିଖରେ ଜେମସ୍ ଅଗଷ୍ଟସ୍ ଆରମ୍ଭ କରିଥିଲେ । ଆପଣଙ୍କୁ ଜଣାଅଛି କି ଏଥିରେ ବିଜ୍ଞାପନ ଥିଲାବୋଲି ? ପ୍ରାରମ୍ଭିକ ଦିନ ମାନଙ୍କରେ ସମ୍ବାଦପତ୍ର ଜନ୍ମ, ମୃତ୍ୟୁ, ନିଯୁକ୍ତି, ଜାହାଜର ଆଗମନ ତଥା ପ୍ରସ୍ଥାନ, କାଠ ସାମଗ୍ରୀର ବିକ୍ରୟ ଘୋଷଣା ଛାପୁଥିଲେ । 19 ଶ ଶତାବ୍ଦୀର ଆରମ୍ଭରେ ବିଜ୍ଞାପନର କାର୍ଯ୍ୟଧାରାରେ କିଛି ପରିବର୍ତ୍ତନ ଆସିଲା, ସେହି ସମୟରେ ପ୍ରକାଶିତ ପତ୍ର ପତ୍ରିକାରେ ଦୈନିକ ସମ୍ବାଦପତ୍ର ମଧ୍ୟ ନିଜ



ଟୀପ୍ପଣୀ

ନିଜର ବିଜ୍ଞାପନ ଆରମ୍ଭ କଲେ । ବେପାର ବାଣିଜ୍ୟର ବୃଦ୍ଧି ସଂଗେ ସଂଗେ ବିଜ୍ଞାପନର ଶକ୍ତି ମଧ ଅଧିକମାତ୍ରାରେ ବୃଦ୍ଧି ପାଇବାରେ ଲାଗିଲା ।

ଆପଣଙ୍କ ପରିବାରରେ କେଉଁ ଖବର କାଗଜ ପଢୁଛନ୍ତି ? ଏଥିରେ କ'ଣ ବିଜ୍ଞାପନର ସଂଖ୍ୟା ଅଧିକ ଅଛି ?

1830 ମସିହା ପର୍ଯ୍ୟନ୍ତ ଭାରତରେ ମୋଟାମୋଟି ଡର୍ଜନରୁ ଅଧିକ ସମ୍ବାଦପତ୍ର ନିୟମିତ ରୂପରେ ପ୍ରକାଶିତ ହୋଇଥିଲା । ନୂଆ ଉଦ୍ୟୋଗର ସ୍ଥାପନା ସହିତ ବ୍ରିଟିଶ୍ କମ୍ପାନୀ ମାନଙ୍କର ବିଜ୍ଞାପନ ମଧ୍ୟ ଆସିବାରେ ଲାଗିଲା । ଭାରତରେ ବିଜ୍ଞାପନ ପ୍ରସାର ବୃଦ୍ଧିର ସଂପର୍କ ସ୍ୱଦେଶୀ ଆନ୍ଦୋଳନ 1920-1922) ରୁ ମଧ ହୋଇଥିଲା, ଯିଏକି ଭାରତୀୟ ଉଦ୍ୟୋଗକୁ ଏକ ପ୍ରେରଣା ଯୋଗାଇଥିଲା । ଆପଣଙ୍କୁ ସ୍ୱଦେଶୀ ଆନ୍ଦୋଳନରେ ଜଡିତ କେତେକ ସ୍ୱାଧିନତା ସେନାଙ୍କର ନାମ ମନେ ଅଛିକି ? ମହାତ୍ମାଗାନ୍ଧୀ ସ୍ୱଦେଶୀ ଆନ୍ଦୋଳନରେ ଜଡିତ କେତେକ ସ୍ୱାଧିନତା ସେନାଙ୍କର ନାମ ମନେ ଅଛି କି ? ମହାତ୍ମାଗାନ୍ଧୀ "ସ୍ୱଦେଶୀ ଆନ୍ଦୋଳନକୁ ସେହି ଉପଭୋକ୍ତା ମାନଙ୍କୁ ଜାଗ୍ରତ କରାଇବା ଆହ୍ୱାନ ଯାହା ସେହି ଗରିବୀକୁ ବୃଦ୍ଧି ଶ୍ରମିକ, ବ୍ୟକ୍ତି ତଥା ଅଜ୍ୟ ଜୀବମାନଙ୍କୁ କ୍ଷତି ପହଞ୍ଚାଇବାରେ ଉଦ୍ୟୋଗକୁ ସମର୍ଥନ କରିବାର ହିଂସା ପରାୟଣକୁ ବୁଝାଏ ବୋଲି କହୁଥିଲେ । ସ୍ୱଦେଶୀ ଆନ୍ଦୋଳନ ଦେଶରେ ସୃଷ୍ଟି କରାଯାଉଥିବା ଉତ୍ପାଦକର ଉପଯୋଗ ମାଧ୍ୟମରେ ଇଂରେଜ ମାନଙ୍କ ହାତକୁ ଆର୍ଥିକ ଶକ୍ତିର ଫେରି ପାଇବାର ଏକ ଯୋଜନା ଥିଲା । ଚରଖା କାଟିବା ଏବଂ ଖଦୀବସ୍ତ୍ର ପରିଧାନ ବ୍ରିଟିଶ୍ ସରକାରଙ୍କ ସହିତ ସଂଘର୍ଷର ଏକ ସଶକ୍ତ ଉପାୟ ଥିଲା ।

ଆସନ୍ତୁ ଆମେ ଜାଣିବା କିପରି ଭାବରେ ଆଧୁନିକ ଭାରତରେ ବିଜ୍ଞାପନର ବିକାଶ ହୋଇଥିଲା । ଆପଣ ଜାଣିଛନ୍ତି କେବେ ଭାରତୀୟ ବିଜ୍ଞାପନ ସଂସ୍ଥାମାନେ ନିଜ ନିଜର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପ୍ରଥମ ଭାରତୀୟ ଆଡ୍ ସଂସ୍ଥା, ଇଣ୍ଡିଆନ ଏଡ୍‌ଭଟାଇଜିଙ୍ଗ ଏଜେନ୍‌ସି, ବିଂଶ ଶତାବ୍ଦୀର ପ୍ରାରମ୍ଭିକ ଦିନରେ ସ୍ଥାପିତ ହୋଇଥିଲା । ଅନ୍ୟ ପକ୍ଷରେ 1905 ରେ ସ୍ଥାପିତ ଏବଂ ମୁମ୍ବାଇର ଗୁରଗାଓଁରେ ଅବସ୍ଥିତ ବି ଦତ୍ତାରାମ ଏଣ୍ଡ୍ କଂପାନୀ ମଧ ସବୁଠାରୁ ପୁରୁଣା ଏ ପର୍ଯ୍ୟନ୍ତ ସଂସ୍ଥା ହେବାର ଦାବି କରୁଅଛି । ଏହାପରେ 1909 ରେ କୋଲକାତା ଏଡ୍‌ଭ ଟାଇଜିଙ୍ଗ୍ ଏଜେନ୍‌ସି ଆରମ୍ଭ ହେଲା । 1920 ପର୍ଯ୍ୟନ୍ତ ଭାରତର ବଡ ବଡ ସହରରେ ଅନେକ ଭାରତୀୟ ସଂସ୍ଥା କାମ କରିବା ଆରମ୍ଭ କରିଥିଲେ ଯାହା ମଧ୍ୟରୁ ମାଦ୍ରାସର ମଡର୍ଣ୍ଣ ପବ୍ଲିସିଟି କଂପାନୀ, କଲିକତା ବା ବମ୍ବେର "ସେଣ୍ଟ୍ରାଲ ପବ୍ଲିସିଟି ସର୍ଭିସ୍', ଏବଂ ତିରୁଚିଲ୍ଲାପଲ୍ଲୀର "ଓରିଏଣ୍ଟାଲ ଏଡ୍‌ଭଟାଇଜିଙ୍ଗ୍ ଏଜେନ୍‌ସି'ଥିଲା । 1931 ରେ ଭାରତରେ ପ୍ରଥମ ପୂର୍ଣ୍ଣ ବିକଶିତ ଏଜେନ୍‌ସି, ନେସନଲ ଏଡ୍‌ଭ ଟାଇଜିଙ୍ଗ୍ ସର୍ଭିସ୍‌ର ସ୍ଥାପନା ହୋଇଥିଲା । ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଜ୍ଞାପନ ବ୍ୟବସାୟ

ଅଧିକ ପୁଷ୍ପ-ପଲ୍ଲବିତ ହୋଇ ପାରିଥିଲା । 1951 ରେ "ଇଣ୍ଡିଆନ୍ ସୋସାଇଟି ଅଫ୍ ଏଡଭ ଟାଇଜର୍ସ'ତିଆରି ହୋଇଥିଲା ଏବଂ ମଇ 1958 ରେ "ଦ ସୋସାଇଟି ଅଫ ଏଡ୍‌ଭଟାଇଜିଙ୍ଗ୍ ପ୍ରାକ୍ଟିସନର'ସ୍ଥାପନା ହୋଇଥିଲା । ଏହା ସାଙ୍ଗେସାଙ୍ଗେ ବମ୍ବେ ଏବଂ କଲିକତାରେ ଏହି କାମର ଉଚ୍ଚମାନର ଉନ୍ନତି ପାଇଁ ଏଡଭଟାଇଜିଙ୍ଗ କ୍ଲବ ମଧ୍ୟ ଗଠିତ କରାଯାଇଥିଲା । ବଜାର ଅନୁସନ୍ଧାନ(ମାର୍କେଟ୍ ରିସର୍ଚ୍ଚ)ର କାରଣରୁ ବିଜ୍ଞାପନ ଉଦ୍ୟୋଗ ଆହୁରି ଅଧିକ ପେଷାଦାର ହୋଇଗଲା । ଟେଲିଭିଜନ ରେଟିଙ୍ଗ ପଏଣ୍ଟ, ଯାହାକୁ ଟି.ଆର.ପି ମାପକ ମଧ୍ୟ କୁହାଯାଏ, ଉପଭୋକ୍ତା/ ଦର୍ଶକ ମାନଙ୍କୁ ପସନ୍ଦ ଏବଂ ନାପସନ୍ଦ ସମ୍ବନ୍ଧୀୟ ସଂଖ୍ୟା ବିଜ୍ଞାପନ ସଂସ୍ଥାମାନଙ୍କୁ ଉପଲବ୍ଧ କରାଇବାରେ ଲାଗିଲା ଏବଂ ଏଥିରୁ ସଂସ୍ଥାମାନଙ୍କୁ ପ୍ରଭାବିତ ମିଡିଆ ଯୋଜନା ତଥା ବିଜ୍ଞାପନ ଅଭିଯାନ ତିଆରି କରିବାରେ ସାହାଯ୍ୟ ମିଳିବାକୁ ଲାଗିଲା । ଆପଣ ଜାଣିଛନ୍ତି କି ଟେଲିଭିଜନର କେଉଁ ସମାଚାର ଚ୍ୟାନେଲର ଟି.ଆର.ପି ଅଧିକତମ ଅଟେ ? ବହୁରଙ୍ଗୀ ଛପାଇ, ବିକଶିତ ମୁଦ୍ରଣ ଯନ୍ତ୍ରର ଆଗମନ ଏବଂ ବ୍ୟବସାୟିକ କଳାର ବିକାଶ ଫଳରେ ବିଜ୍ଞାପନ ବ୍ୟବସାୟରେ ଆହୁରି ଅଧିକ ବୃଦ୍ଧି ଦେଖାଦେଲା । ବିଜ୍ଞାପନ ସଂସ୍ଥାମାନେ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସେବାର ବିସ୍ତାର ହେଲା ଏବଂ ଏହା ଗଣ ମାଧ୍ୟମର ଅସାଧାରଣ ବିକାଶର କାରଣରୁ ହେଲା । ସମ୍ବାଦପତ୍ର ଏବଂ ପତ୍ରିକା ସ୍ଥାନ ବିକ୍ରୟ ସହିତ ସେମାନେ କଳାକାର୍ଯ୍ୟ, ସମାରୋହ ଏବଂ ପ୍ରଦର୍ଶନୀ ଆୟୋଜନ ତଥା ବଜାର ଅନୁସନ୍ଧାନ ସେବା ଇତ୍ୟାଦି ଦେବା ଆରମ୍ଭ କରିଦେଲେ ।

## ବିଜ୍ଞାପନ ଇତିହାସରେ କିଛି ମହତ୍ତ୍ୱପୂର୍ଣ୍ଣ ବର୍ଷ

| | |
|---|---|
| **1780** | ବର୍ଗୀକୃତ ବିଜ୍ଞାପନ ସହିତ ଆଧୁନିକ ବିଜ୍ଞାପନ ଇତିହାସର ଅୟମାରମ୍ଭ । ହିନ୍ଦୀର ସାପ୍ତାହିକୀ ପତ୍ର 'ବେଙ୍ଗଲ ଗେଜେଟ'ରେ ପ୍ରଥମ ଥର ପାଇଁ ପ୍ରିଣ୍ଟ ମିଡିଆର ବିଜ୍ଞାପନ ଛପାହେବା । |
| | ସମ୍ବାଦପତ୍ର ଷ୍ଟୁଡିଓ ମୁଦ୍ରିତ ମାଧ୍ୟମର ବିଜ୍ଞାପନ ତିଆରି କରିବାପାଇଁ ଭିଜୁଆଲାଇଜର ବା ଇଲ୍ୟୁଷ୍ଟ୍ରେଟସ୍‌ଙ୍କୁ(ବିଜ୍ଞାପନର କଳ୍ପନ ତଥା ଚିତ୍ରଣ କରିବାପାଇଁ ଆବଶ୍ୟକ ପେଷାଦାର ବ୍ୟକ୍ତି)ପ୍ରଶିକ୍ଷିତ କରାଇବା । |
| **1905** | ସମ୍ବାଦପତ୍ର ପାଇଁ ବିଜ୍ଞାପନ ପ୍ରସ୍ତୁତ ଏକ ପ୍ରାରମ୍ଭିକ କମ୍ପାନି ବି.ଦତ୍ତାରାମ ଏଣ୍ଡ କମ୍ପାନୀ ମୁମ୍ବାଇରେ ସ୍ଥାପନା । |
| **1951** | ଦ ଇଣ୍ଡିଆନ ସୋସାଇଟି ଅଫ୍ ଏଡଭ ଟାଇଜର୍ସ ଗଠିତ । |
| **1920-1922** | ସ୍ୱଦେଶୀ ଆନ୍ଦୋଳନର ବର୍ଷ । |
| **1920-1929** | ପ୍ରଥମ ବିଦେଶୀ ମାଲିକାନାର ଆଡ୍ ଏଜେନ୍‌ସି ଗଠନ । |
| **1931** | ପ୍ରଥମ ପୂର୍ଣ୍ଣବିକଶିତ ସଂସ୍ଥା ନ୍ୟାଶନାଲ ଏଡ୍‌ଭ ଟାଇଜିଙ୍ଗ ସର୍ଭିସ୍‌ର ସ୍ଥାପନା । |

ଟୀପ୍‌ପଣୀ

## ପାଠ୍ୟଗତ ପ୍ରଶ୍ନ 17.2

I)- ଭାରତରେ ମୁଦ୍ରିତ ପ୍ରଥମ ସମାଚାର ପତ୍ରକୁ କିଏ ଆରମ୍ଭ କରିଥିଲେ ?

କ)ମହାତ୍ମାଗାନ୍ଧୀ

ଖ) ବେନେଟ ଏଣ୍ଡ କୋଲମେନ

ଗ) ଜେମସ୍ ଅଗଷ୍ଟସ୍ ହକି

ଘ) ଜେମସ୍ କେମରାନ୍

II)- ଆମର ଦେଶରେ ସ୍ଥାପିତ ପ୍ରଥମ ବିଜ୍ଞାପନ ଏଜେନ୍‌ସିର ନାମ କ'ଣ ଅଟେ ?

କ)ଓଗେଲବି ଆଣ୍ଡ ମେଥର

ଖ) ଇଣ୍ଡିଆନ ଆଡ୍‌ଭ ଟାଇଜିଙ୍ଗ୍ ଏଜେନ୍‌ସି

ଗ) ମଡର୍ଣ୍ଣ ପବ୍ଲିସିଟି କମ୍ପାନୀ

ଘ) ଇଣ୍ଡିଆ ଆଡଭ ଟାଇଜିଙ୍ଗ କମ୍ପାନୀ

III)- ବିଜ୍ଞାପନର ବିକାଶରେ କାହାର ଯୋଗଦାନ ଥିଲା ?

କ) ସ୍ୱଦେଶୀ ଆନ୍ଦୋଳନ

ଖ) ସମାଚାର ସଂସ୍ଥା ସମୂହ

ଗ) ନୂଆ ଉଦ୍ୟୋଗ

ଘ) ନୂଆ ମୁଦ୍ରଣ କୌଶଳର ଆଗମନ

IV)- ବ୍ରିଟିଶଙ୍କ ସହିତ ସଂଘର୍ଷ ପାଇଁ ଉପଯୋଗ କରାଯାଇଥିବା ଗୋଟିଏ ଶକ୍ତିଶାଳୀ ପ୍ରଣାଳୀର ନାମ କୁହନ୍ତୁ ?

କ) ଖଦୀ

ଖ) ବସ୍ତ୍ର ଉଦ୍ୟୋଗ

ଗ) ବିଜ୍ଞାପନ ଉଦ୍ୟୋଗ

ଘ) ସମାଚାର ପତ୍ର

V)- ଆପଣ ଟି.ଆର.ପି କହିଲେ କ'ଣ ବୁଝନ୍ତି ?

କ) ଟେଲିଭିଜନ ରିଡର ପୋଲ୍

ଖ) ଟେଲିଭିଜନ ରେଟିଙ୍ଗ୍ ପୋଲ୍

ଗ) ଟେଲିଭିଜନ ରେଟିଙ୍ଗ ପଏଣ୍ଟ୍

ଘ) ଟେଲିଭିଜନ ରେଟିଙ୍ଗ୍ ପ୍ରୋଗ୍ରାମ୍ ।

## 17.3 ବିଭିନ୍ନ ମାଧ୍ୟମର ଅନୁରୂପ ବିଜ୍ଞାପନର ଶ୍ରେଣୀବିଭାଗ

ବିଜ୍ଞାପନର ଶ୍ରେଣୀବିଭାଗର ବିଭିନ୍ନ ସୋପାନ ଅଛି । ଏଥିମଧ୍ୟରୁ ସବୁଠାରୁ ଲୋକପ୍ରିୟ ଅଟେ ବିଜ୍ଞାପନ ଯାହାର ମାଧ୍ୟମକୁ ଆଧାର କରି ବିଜ୍ଞାପନର ବିଭିନ୍ନ ପ୍ରକାରର ଶ୍ରେଣୀବିଭାଗ ସଂବନ୍ଧରେ ଆଲୋଚନା କରିବା ।

**ମୁଦ୍ରିତ(ପ୍ରିଣ୍ଟ)**

ଏହା ବିଜ୍ଞାପନର ସବୁଠାରୁ ଲୋକପ୍ରିୟ ପ୍ରକାର ମଧ୍ୟରୁ ଗୋଟିଏ ଅଟେ । ମୁଦ୍ରିତ ବିଜ୍ଞାପନ ଅନେକ ପ୍ରକାର ହୋଇପାରେ । ଯଥା-ସମାଚାର ପତ୍ର ଏବଂ ପତ୍ରିକା, ବିଲ୍, କାନ୍ଥର ପୋଷ୍ଟର, ବ୍ୟାନର, କ୍ୟାଲେଣ୍ଡର ଇତ୍ୟାଦି । ଯେପରି ଚର୍ଚ୍ଚା ଆମେ ପୂର୍ବରୁ କରିଛେ । ମୁଦ୍ରିତ ବିଜ୍ଞାପନର ବିକାଶ ସମ୍ବନ୍ଧ ସମାଚାର ପତ୍ରର ଉଦ୍ୟୋଗର ବୃଦ୍ଧିରୁ ହିଁ ହୋଇଥାଏ । 1907 ରେ କଲିକତାରେ ଷ୍ଟେସ୍‌ମ୍ୟାନ୍ ଦ୍ୱାରା ପ୍ରଥମ ଥର ପାଇଁ ଲିନୋ ଟାଇପ୍ ମୁଦ୍ରଣ ମେସିନର ସ୍ଥାପନା ତଥା ସଫଳତା ଏହି ଉଦ୍ୟୋଗ ପାଇଁ ଏକ ବଡ ପ୍ରୋତ୍ସାହନ ପ୍ରମାଣିତ ହୋଇଛି । କିଛି ବର୍ଷ ମଧ୍ୟରେ ଅନ୍ୟ ସମାଚାର ପତ୍ର ଏହି ମେସିନକୁ ଲଗାଇଛନ୍ତି । ଏଥିରେ ମୁଦ୍ରଣ ଶସ୍ତା, ଶୀଘ୍ର ଏବଂ ବହୁତ ଭଲ ହେଉଛି । ଏହି ସମୟରେ ପ୍ରଥମ ବିଜ୍ଞାପନ ଏଜେନ୍‌ସି ମଧ୍ୟ ସ୍ଥାପିତ କରାଯାଇଛି ।

ମୁଦ୍ରିତ ବିଜ୍ଞାପନକୁ କ୍ଲାସିଫାଏଡ୍(ବର୍ଗୀକୃତ)ତଥା ଡିସ୍‌ପ୍ଲେ ଏଡ୍‌ର ଶ୍ରେଣୀରେ ରଖାଯାଇପାରିବ । ବର୍ଗୀକୃତ ବିଜ୍ଞାପନ ସିଧାସାଧା ଉପାୟରେ ବିନା ସାଜସଜ୍ଜାରେ ମହତ୍ତ୍ୱପୂର୍ଣ୍ଣ ସୂଚନା ଉପଲବ୍ଧ କରାଇଥାଏ ।

ବର୍ଗିକୃତ ବିଜ୍ଞାପନରେ କେବଳ ତଥ୍ୟ ଥାଏ । ଆପଣମାନେ ଜମିଜମା ବଜାର, ଶେୟାର, ବିବାହ, ଗୁପ୍ତଚରସଂସ୍ଥା, ଘରୋଇ ଜନ୍ମମୃତ୍ୟୁ ସମ୍ବନ୍ଧ ବିଜ୍ଞାପନ ଅଧିକାଂଶ ଜାତୀୟ ଦୈନିକ ବର୍ଗୀକୃତ ପୃଷ୍ଠାରେ ଦେଖୁଥିବେ । ଡିସ୍‌ପ୍ଲେ ବିଜ୍ଞାପନ ଅଧିକ ବଡ ତଥା ଅଧିକ ସ୍ଥାନରେ ହୋଇଥାନ୍ତି । ଏହା ପ୍ରାୟତଃ ରଙ୍ଗୀନ ହୋଇଥାଏ, ତଥା ଏହା ମଧ୍ୟରେ ଆକର୍ଷଣୀୟ ଚିତ୍ର ମଧ୍ୟ ଥାଏ । ଚମତ୍କାର ପୃଷ୍ଠା ସମ୍ବଳିତ ଏହି ପତ୍ରିକାରେ ଅନେକ ଡିସ୍‌ପ୍ଲେ ଉପକରଣ ଥାଏ ।

**ଇଲେକ୍‌ଟ୍ରୋନିକ୍ ବା ବୈଦ୍ୟୁତିକ**

ଟୀପ୍‌ପଣୀ


ଇଲେକ୍‌ଟ୍ରୋନିକ୍ ବିଜ୍ଞାପନ ସାଧାରଣତଃ ଅଧିକ ଚମକପ୍ରଦ ଅଟେ । ଏହାକୁ ରେଡିଓରେ ଶୁଣା ଏବଂ ଦେଖାଯାଇପାରେ । ଟେଲିଭିଜନ ଉଦ୍ୟୋଗର ବିକାଶ ସହିତ ବିଜ୍ଞାପନ ଉଦ୍ୟୋଗକୁ ତୀବ୍ର ଗତି ମିଳିଛି ଏହା ଏତେ ଅଧିକ ଫଳରେ ପ୍ରାୟତଃ ଲୋକେ ବିଜ୍ଞାପନକୁ ଟେଲିଭିଜନର କାର୍ଯ୍ୟକ୍ରମଠାରୁ ଅଧିକ ଆଗ୍ରହର ସହ ଦେଖନ୍ତି ।

ଆପଣ ଜାଣିଛନ୍ତି କି ଟେଲିଭିଜନ ବିଜ୍ଞାପନକୁ ବାଣିଜ୍ୟିକ ମଧ୍ୟ କୁହାଯାଏ । ଏହା ଏଥିପାଇଁ ବାଣିଜ୍ୟିକ ଅଟେ କାରଣ ଲୋକମାନେ ନିଜର ବ୍ୟବସାୟ ବୃଦ୍ଧିପାଇଁ ବିଜ୍ଞାପନରେ ନିଜର ଅର୍ଥ ଲଗାଇଥାନ୍ତି ।

## କାର୍ଯ୍ୟକଳାପ 17.2


କିଛି ଲୋକପ୍ରିୟ ଟି.ଭି କମର୍ସିଆଲର ସୂଚୀ ପ୍ରସ୍ତୁତ କରନ୍ତୁ ।

ଇଲେକ୍‌ଟ୍ରୋନିକ୍ ବିଜ୍ଞାପନକୁ ବଡ ମନିଟର ତଥା ଲାଇଟ ବୋର୍ଡ ଉପରେ ଲେଖାଯାଇଥିବା ଶବ୍ଦ ତଥା ଚିତ୍ର ହିସାବରେ ମଧ୍ୟ ପ୍ରଦର୍ଶିତ କରାଯାଇ ପାରିବ । ବଡ ସହର ତଥା ମହାନଗରୀରେ ଟ୍ରାଫିକ୍ ସିଗ୍‌ନାଲରେ ଅନେକ ମୁଦ୍ରିତ ବୋର୍ଡ ଲାଗିଥାଏ । ଏହି ବିଜ୍ଞାପନର ଲକ୍ଷ୍ୟ ଟ୍ରାଫିକ୍ ସିଗ୍‌ନାଲରେ




ସବୁଜ ସିଗନାଲକୁ ପ୍ରତିକ୍ଷା କରିଥିବା ଲୋକମାନେ ଅଟନ୍ତି ।

**ଚିତ୍ର 17.2 ୱେବ୍‌ସାଇଟ୍‌ରେ ବିଜ୍ଞାପନ**




## କାର୍ଯ୍ୟକଳାପ 17.3

ଆପଣ ଯଦି ୱେବ୍‌ସାଇଟ୍ ବିଜ୍ଞାପନ ଦେଖିନାହାନ୍ତି ସମ୍ଭବ ହେଉଥିଲେ ଗୋଟିଏ ସାଇବର କେଫ୍‌କୁ ଯାଆନ୍ତୁ ଏବଂ କମ୍ପ୍ୟୁଟର ଚାଳକଙ୍କୁ କିଛି ବିଜ୍ଞାପନ ଦେଖାଇବା ଦେଖାଇବା ପାଇଁ ଅନୁରୋଧ କରନ୍ତୁ ।

ଏବେ ଆମେ ସଂକ୍ଷେପରେ ଦେଖିବା ବିଭିନ୍ନ ମାଧ୍ୟମ ଉପରେ ଆଧାରିତ ବିଜ୍ଞାପନର ଶ୍ରେଣୀ ବିଭାଗ ବିଷୟରେ କ'ଣ ଶିକ୍ଷାକଲେ । ନିମ୍ନରେ ଦିଆଯାଇଥିବା ତାଲିକା ଦେଖନ୍ତୁ ।

**ବିଜ୍ଞାପନର ବିଭିନ୍ନ ମାଧମ:-**

| **ମୁଦ୍ରଣ** | **ବୈଦ୍ୟୁତିକ** | **ଡିଜିଟାଲ/ନୂଆମାଧମ** |
|---|---|---|
| i)ସମାଚାର ପତ୍ର | ଟେଲିଭିଜନ | ଇଣ୍ଟରନେଟ୍ ୱେବ୍‌ସାଇଟ୍ |
| i)ହ୍ୟାଣ୍ଡବିଲ୍ | ରେଡିଓ | ଫିଲ୍ମ ଏବଂ ସଂଗୀତର ସିଡି ବା ଡିଭିଡି |
| iii)ପୋଷ୍ଟର | କେବୁଲ୍ ନେଟ୍‌ୱାର୍କ | ସେଲଫୋନ୍ |
| iv) ବ୍ୟାନର(କପଡା ବା କାଗଜର) | କେବୁଲ୍ ନେଟ୍‌ୱାର୍କ | ସେଲଫୋନ୍ |
| v) ପାମ୍ପଲେଟ୍ | | |



ଟୀପ୍ପଣୀ

iv) ବ୍ରୋଚର

iv) ଲିଫ୍‌ଲେଟ୍

iv) ପୁସ୍ତିକା

iv) ପତ୍ରିକା

## କାର୍ଯ୍ୟକଳାପ 17.4

ଯଦି ଆପଣ ଇଣ୍ଟରନେଟ୍‌ରେ ବିଜ୍ଞାପନ ଦେଖିନାହାନ୍ତି ଗୋଟିଏ କେଫ୍‌କୁ ଯାଇ ଚାଳକଙ୍କୁ ଅନୁରୋଧ କରନ୍ତୁ କିଛି ବିଜ୍ଞାପନ ଦେଖାଇବା ପାଇଁ ।

## ପାଠ୍ୟଗତ ପ୍ରଶ୍ନ 17. 3

1)- ବର୍ଗୀକୃତ(କ୍ଲାସିଫାଇଡ)ବିଜ୍ଞାପନ କହିଲେ କ'ଣ ବୁଝାଏ ?

2)-1907 ମସିହା ଭାରତରେ ମୁଦ୍ରଣ ଉଦ୍ୟୋଗ ପାଇଁ କାହିଁକି ମହତ୍ତ୍ୱପୂର୍ଣ୍ଣ ଅଟେ ?

3)- ବିଜ୍ଞାପନର ନୂଆ ମଞ୍ଚଗୁଡିକ କିଏ ଅଟନ୍ତି ?

## ମନେରଖିବା ପାଇଁ କିଛି ବିଜ୍ଞାପନ ଶବ୍ଦାବଳୀ

**ଟ୍ୟାଗ୍ ଲାଇନ୍**:- ଟ୍ୟାଗ୍ ଲାଇନ୍ ଗୋଟିଏ ରଚନାତ୍ମକ ପ୍ରାୟତଃ ବୁଦ୍ଧିମତାପୂର୍ଣ୍ଣ ବିଜ୍ଞାପନ ସ୍ଲୋଗାନ୍ ଅଟେ । ଯାହା ଲୋକମାନଙ୍କୁ ଗୋଟିଏ ଉତ୍ପାଦକ ବିଷୟବସ୍ତୁକୁ ମନେରଖିବାପାଇଁ ସାହାଯ୍ୟ କରିଥାଏ । ଗୋଟିଏ ଲୋକପ୍ରିୟ ଟ୍ୟାଗ୍ ଲାଇନ୍ ଆପଣ ମନେ ରଖିଛନ୍ତି କି ?

**ବ୍ରାଣ୍ଡ୍**:- ବ୍ରାଣ୍ଡ୍ କୌଣସି ଉତ୍ପାଦକ ବା ସେବାର ସେହି ନାମ ଅଟେ ଯାହାକୁ କି ଅତି ସହଜରେ ମନେ ରଖାଯାଇପାରେ । ଲୋକମାନେ ବ୍ରାଣ୍ଡ୍ ନାମର ସହାୟତାରେ ଉତ୍ପାଦକ ବସ୍ତୁକୁ କିଣିଥାନ୍ତି । କିଛି ପ୍ରସିଦ୍ଧ ବ୍ରାଣ୍ଡ ନାମ କହିଲେ ଡେଟଲ, ପେପ୍‌ସିକୋଲା, ପାର୍ଲେଜୀ, ହକିନ୍‌ସ ପ୍ରେସର କୁକର, ବଜାଜ ସ୍କୁଟର, ୟାମାହା ମୋଟର ସାଇକେଲ, କ୍ୟାଡବରୀ ଚକୋଲେଟ୍, ପଣ୍ଡସ୍ ସାବୁନ, ସନ୍‌ସିଲ୍କ ସାମ୍ପୁ, ବ୍ୟାଣ୍ଡ୍‌ଏଡ୍ , ଡାଲଡା, ହମାମ୍, ଲାଇଫ୍‌ବୟ ସାବୁନ ଇତ୍ୟାଦିକୁ ବୁଝାଇଥାଏ ।

**ଅଭିଯାନ(କ୍ୟାମ୍ପେନ୍)**:- ବିଜ୍ଞାପନ ଅଭିଯାନ ବିଜ୍ଞାପନ ସନ୍ଦେଶର ଗୋଟିଏ ଶୃଙ୍ଖଳ ଅଟେ,

ଯେଉଁଥିରେ ଏକା ପ୍ରକାରର ବିଚାର ଥାଏ । ଯାହା ଜଣେ ଜଣଙ୍କ ସହିତ କିଛି ଉତ୍ପାଦ, ସେବା ବା ସଂସ୍ଥା ପାଇଁ ବିଜ୍ଞାପନ ଅଭିଯାନ ବିଭିନ୍ନ ମାଧମ ମଧରେ ଗୋଟିଏ ବିଶେଷ ସମୟ ଅବଧିରେ ଜାରି କରାଯାଏ ।

**ଲକ୍ଷିତ ଶ୍ରୋତା(ଟାରଗେଟ୍ ଅଡିଏନ୍ସ)**:- ଟାରଗେଟ୍ ଅଡିଏନ୍ସ ବା ଲକ୍ଷିତ ସମୂହ ଲୋକମାନଙ୍କର ଏକ ପ୍ରାଥମିକ ସମୂହ ଅଟେ ଯାହାପାଇଁ ବିଜ୍ଞାପନ ଅଭିଯାନ ବା ଅନ୍ୟ କୌଣସି ବାର୍ତ୍ତା ବା ସନ୍ଦେଶ ଲକ୍ଷିତ ହୋଇଥାଏ । ଲକ୍ଷିତ ଶ୍ରୋତା ଏକ ନିର୍ଦ୍ଦିଷ୍ଟ ବୟସ ସମୂହ, ଲିଙ୍ଗଗତ, ତଥା ବିବାହ ସ୍ଥିତିରେ ଥିବା ଲୋକ ହୋଇଥାନ୍ତି ।(ଉଦାହରଣ କିଶୋରବସ୍ଥାର ଲୋକ, ମହିଳା, ଅବିବାହିତ ଇତ୍ୟାଦି ।) ଗୋଟିଏ ବିଶେଷ ସମ୍ମିଶ୍ରଣ ଯେପରିକି 20 ରୁ 30 ବର୍ଷ ବୟସର ପୁରୁଷ ପ୍ରାୟତଃ ଲକ୍ଷିତ ଶ୍ରୋତାଙ୍କ ମଧରେ ଅନ୍ତର୍ଭୁକ୍ତ ଥାଆନ୍ତି । ଅନ୍ୟାନ୍ୟ ସମୂହ ଯାହା ବିଜ୍ଞାପନର କେନ୍ଦ୍ରବିନ୍ଦୁରେ ହୋଇନଥାନ୍ତି, ତଥାପି ଏଥିରେ ଆଗ୍ରହ ପ୍ରକାଶ କରିପାରନ୍ତି । ନିଜର ଲକ୍ଷିତ ଶ୍ରୋତାଙ୍କୁ ଜାଣିବା ଛଡା ବିଜ୍ଞାପନ ଏବଂ ଗୋଟିଏ ବିଶେଷ ଉତ୍ପାଦ ବସ୍ତୁର ବିକ୍ରି ବଡ କଠିନ ତଥା ଖର୍ଚ୍ଚାନ୍ତ କାମ ହୋଇପାରେ ।

## 17.4 ବିଜ୍ଞାପନର ପ୍ରକାରଭେଦ:-

ବିଜ୍ଞାପନକୁ ବିଷୟବସ୍ତୁ ଏବଂ ପରିସର ହିସାବରେ ବିଭକ୍ତ କରାଯାଇଥାଏ । ମୋଟାମୋଟି କହିବାକୁ ଗଲେ ଏହିପରି ଭାବରେ ଚାରି ପ୍ରକାରର ବିଜ୍ଞାପନ ଥାଏ-

**ଉତ୍ପାଦ ବିଜ୍ଞାପନ**:- ଆପଣ ଦେଖିଛନ୍ତି କି ଛୋଟ ପିଲା ଯେଉଁ ଥଣ୍ଡାପାନୀୟ ପିଇବାକୁ ଚାହାଁନ୍ତି ସେମାନଙ୍କର ପସନ୍ଦର କ୍ରିକେଟ୍ ଖେଳାଳୀ ତାକୁ ପିଇଥାନ୍ତି । ଏହା ଉତ୍ପାଦ ବିଜ୍ଞାପନର ପ୍ରଭାବ ଅଟେ ଏବଂ ଏହା ବିଜ୍ଞାପନର ସବୁଠାରୁ ଅଧିକ ମିଳୁଥିବା ପ୍ରକାର ଅଟେ କାରଣ ଏହାକୁ ସବୁଠାରୁ ସୁବିଧାରେ ଅତି ସହଜରେ ଚିହ୍ନଟ କରାଯାଇପାରେ ।

ଗୋଟିଏ ଉତ୍ପାଦ ସେହି ବସ୍ତୁ ଅଟେ ଯାହାକୁ ବଡ ଧରଣରେ ମନୁଷ୍ୟ ଯନ୍ତ୍ର ବା ପ୍ରାକୃତିକ ଉପାୟରେ ଉତ୍ପାଦନ କରାଯାଇଥାଏ । ଅତଏବ ଉତ୍ପାଦନ ଫଳ ପନିପରିବାଠାରୁ ନେଇ ଆଚାର, ଜାମ୍ ତଥା ସ୍କୁଟର ତଥା କାର କିଛି ମଧ ହୋଇପାରେ ।

ଏହି ପରିସ୍ଥିତିରେ ବିଜ୍ଞାପନର କେନ୍ଦ୍ରବିନ୍ଦୁ କମ୍ପାନୀ ବା ଉତ୍ପାଦନ ନହୋଇ ଉତ୍ପାଦନ ହିଁ ଅଟେ ।

ଟୀପ୍ପଣୀ

ସାଧାରଣତଃ ଏହି ବିଜ୍ଞାପନର ପ୍ରକୃତି ଆମୋଦପୂର୍ଣ୍ଣ ହୋଇଥାଏ । ଏଥିରେ ଉତ୍ପାଦନର ବିଷୟର ସୂଚନା କମ୍ ତଥା ବିଶେଷ ଶୈଳୀର ପ୍ରୟୋଗ ଅଧିକ ହୋଇଥାଏ । ଥଣ୍ଡା ପାନୀୟ, ଜୋତା, କାର, ମୋବାଇଲ୍ ଫୋନ୍ ଏବଂ ଖାଦ୍ୟ ସାମଗ୍ରୀର ବିଜ୍ଞାପନ ଏହି ଶ୍ରେଣୀରେ ଆସିଥାଏ ।

**ଚିତ୍ର 17.3 ଉତ୍ପାଦନ ବିଜ୍ଞାପନ**





**ଲୋକସେବା ବିଜ୍ଞାପନ-** ଏହାକୁ ସମାଜସେବା ବିଜ୍ଞାପନ ବା ବିକାଶ ବିଜ୍ଞାପନ ମଧ୍ୟ କୁହାଯାଏ । ଏଥିରେ ସମାଜ ଉପରେ ପ୍ରଭାବ ପଡୁଥିବା ବିଷୟବସ୍ତୁ ବଡସ୍ତରରେ କେନ୍ଦ୍ରବିନ୍ଦୁରେ ଥାଏ ଯେପରି ପରିବାର ନିୟୋଜନ, ରାଷ୍ଟ୍ରୀୟ ଏକତା, ପୋଲିଓ ନିରାକରଣ ତଥା ପ୍ରଦୂଷଣ ନିୟନ୍ତ୍ରଣ ଯେପରି ଥାଏ । ଏହାର ପ୍ରମୁଖ ଉଦ୍ଦେଶ୍ୟ ସିଧାସଳଖ ଭାବରେ ପ୍ରଭାବିତ କରୁଥିବା ବାର୍ତ୍ତାର ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ଅଟେ । ଏଭଳି ବିଜ୍ଞାପନ ଉତ୍ପାଦନ ବା ସେବାର କେବଳ ନୁହେଁ ପରନ୍ତୁ ବିଚାରଧାରାର ମଧ୍ୟ ପ୍ରସାର କରିଥାଏ ।

ଆମେ ପୋଲିଓ ନିରାକରଣ ଅଭିଯାନର ଉଦାହରଣ ନେବା । ଏହି ବିଜ୍ଞାପନ ପୋଲିଓ ନିରାକରଣ ଉପରେ ଜାଗରଣ ସୃଷ୍ଟି କରିବାପାଇଁ ବିଭିନ୍ନ ଗଣ ମାଧ୍ୟମ ଯେପରି ସମ୍ବାଦପତ୍ର, ରେଡିଓ ଏବଂ ଟେଲିଭିଜନରେ ପ୍ରସାର କରିଥାଏ ।

ଏହା ଲୋକମାନଙ୍କୁ ନିଜର ପିଲାମାନଙ୍କୁ ସଂକ୍ରମଣରୁ ପ୍ରତିହତ କରିବାପାଇଁ ନେଇକରି ଯିବେ ତଥା ସେମାନଙ୍କୁ ପୋଲିଓ ବୁନ୍ଦା ପିଇବାପାଇଁ ଦେବା ଉଦ୍ଦେଶ୍ୟରେ ହୋଇଥାଏ ।

ଚିତ୍ର 17.4 ଲୋକସେବା ବିଜ୍ଞାପନ




**ସେବାମୂଳକ ବିଜ୍ଞାପନ-** ଏହି ପ୍ରକାର ବିଜ୍ଞାପନ କାରଖାନାରେ ପ୍ରସ୍ତୁତ ସାମଗ୍ରୀର ଉତ୍ପାଦନ ପାଇଁ ହୋଇନଥାଏ ବରଂ କମ୍ପାନୀର ସେବା ଉପଲବ୍ଧ ଉପରେ କେନ୍ଦ୍ରିତ ହୋଇଥାଏ । ଏହା ବ୍ୟାଙ୍କ, ରେଳ, କଲକେନ୍ଦ୍ର ବା ଟ୍ରାଭେଲ ସଂସ୍ଥା ହୋଇପାରେ । ବିଜ୍ଞାପନ ସାଧାରଣତଃ କଂପାନୀକୁ ନିଜର କ୍ଷେତ୍ର ବିଶେଷରେ ଅଗ୍ରଣୀ ସେବାଦାତାଙ୍କ ରୂପରେ ଉପସ୍ଥାପନ କରିଥାଏ ।

ଆସନ୍ତୁ ଆମେ ଭାରତୀୟ ରେଳର ଉଦାହରଣ ନେବା । ଲୋକଙ୍କ ରୁଚିକୁ ରେଳକ୍ଷେତ୍ରରେ ବଜାୟ ରଖିବାପାଇଁ ତଥା ଏହାର ସେବା ଗୁଡିକୁ ଲୋକଙ୍କ ସହିତ ପରିଚିତ କରାଇବା ପାଇଁ ଏହା ସମୟ ସମୟରେ ବିଜ୍ଞାପନ ପ୍ରସ୍ତୁତ କରିଥାଏ । ଭାରତୀୟ ରେଳର ୱେବ୍‌ସାଇଟ୍‌ରେ ତଥା ସମ୍ବାଦପତ୍ରରେ ଆପଣଙ୍କୁ ଏହି ବିଜ୍ଞାପନ ମିଳିପାରିବ ।

ଏହି ପ୍ରକାର ବ୍ୟାଙ୍କ ନିଜର ସଞ୍ଚୟ ଯୋଜନା ଗୁଡିକ ତଥା ଘର କିମ୍ବା ଯାନବାହନ କିଣିବାପାଇଁ ପ୍ରସ୍ତାବିତ ଋଣର ବିଜ୍ଞାପନ ପ୍ରକାଶ କରିଥାଏ ।

ଆପଣ ଅନ୍ୟାନ୍ୟ ପ୍ରକାରରର ସେବା ମନେ ପକାଇପାରିବେ ଯାହାର ବିଜ୍ଞାପନ ଅଛି ।

**ସାଂସ୍ଥାନିକ ବିଜ୍ଞାପନ-** ଏହି ବିଜ୍ଞାପନ ଗୋଟିଏ ସଂସ୍ଥାର ଭଲ ଛବି ପ୍ରତିଫଳିତ କରିବା ଉଦ୍ଦେଶ୍ୟରେ କରାଯାଇଥାଏ । ଏହି ବିଜ୍ଞାପନ ଅନୁସନ୍ଧାନ, ବିକାଶ ବା ଗୁଣବତ୍ତା ନିୟନ୍ତ୍ରଣ ଆଦି କ୍ଷେତ୍ରର ସଂଗଠନ ଆଦି କାର୍ଯ୍ୟ ଉପରେ କେନ୍ଦ୍ରୀଭୂତ ହୋଇଥାଏ । ପ୍ରାୟତଃ ଏହି ବିଜ୍ଞାପନ ଶୈକ୍ଷିକ ସାଂସ୍କୃତିକ ତଥା



ଟୀପ୍ପଣୀ

କ୍ରୀଡା ଆୟୋଜନ କରୁଥିବା କଂପାନୀର ଆୟୋଜିତ ସାମାଜିକ କ୍ଷେତ୍ର ଉପରେ କେନ୍ଦ୍ରୀଭୂତ ହୋଇଥାଏ । ଏହି ବିଜ୍ଞାପନର ଉଦ୍ଦେଶ୍ୟ କମ୍ପାନୀର ସକାରାତ୍ମକ ପ୍ରତିଷ୍ଠାକୁ ବିକିବା ସଂଗେ ସଂଗେ ଅପରପକ୍ଷରେ ଏହାର ଉତ୍ପାଦକ ପଦାର୍ଥକୁ ମଧ୍ୟ ଉଚିତ୍ ଭାବରେ ଉପସ୍ଥାପନ କରିବା । 1980 ଦଶକରେ "ଇସ୍ପାତ୍ ମଧ୍ୟ ଆମେ ତିଆରି କରୁ"ର ଟ୍ୟାଗ୍ ଲାଇନ୍ ସହିତ ଟାଟା ଷ୍ଟିଲ୍‌ର ବିଜ୍ଞାପନ ସଂସ୍ଥା ଗତ ବିଜ୍ଞାପନର ଏକ ଉତ୍ତମ ଉଦାହରଣ ଅଟେ ।

## ପାଠ୍ୟଗତ ପ୍ରଶ୍ନ 17. 4

I)- ଉତ୍ପାଦ ବିଜ୍ଞାପନ, ସେବା ବିଜ୍ଞାପନ ତଥା ଲୋକସେବା ବିଜ୍ଞାପନର ଶ୍ରେଣୀଗୁଡିକୁ ନିମ୍ନଲିଖିତ ଉଦାହରଣ ଭାବରେ ଅଲଗା ଅଲଗା କରନ୍ତୁ:-

i)- କାର

ii)- ଜୀବନ ବୀମା

iii)- ଡାକ ସେବା

iv)- ଚିକିତ୍ସାଳୟ

v)- ପ୍ରଦୂଷଣ ନିୟନ୍ତ୍ରଣ

vi)- ସାମ୍ପୁ

vii)- ପରିବାର ନିୟୋଜନ

viii)- ଏୟାର ଲାଇନସ୍

ix)- ଥଣ୍ଡାପାନୀୟ

## 17.5 କିଛି ଲୋକପ୍ରିୟ ବିଜ୍ଞାପନ ସ୍ଲୋଗାନ

ସେଲ(ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ)ଲିମିଟେଡ୍ ଦେୟାର ଇଜ୍ ଏ ବିଟ୍ ଅଫ୍ ସେଲ୍ ଇନ୍ ଏଭ୍ରିବଡି

ଦିଲ୍ଲୀ ପୁଲିସ୍

ଆପଣଙ୍କ ସାଥିରେ, ଆପଣଙ୍କ ପାଇଁ, ସବୁବେଳେ

ଇନ୍‌କ୍ରେଡିବିଲ ଇଣ୍ଡିଆ



ଟୀପ୍ପଣୀ

ସେଲିବ୍ରେଟ୍ ରାଜସ୍ଥାନ

ଏନ୍‌ଚାଟିଙ୍ଗ୍ ତାମିଲ୍‌ନାଡୁ

ଏକ୍ସପେରିଏନ୍‌ସ ୟୋରସେଲ୍ଫ

କର୍ଣ୍ଣାଟକ

ୱାନ୍‌ଷ୍ଟେଟ୍....ମେନି ୱାଲର୍ଡସ୍

ବିଏସ୍‌ଏନ୍‌ଏଲ୍(ଭାରତ ସଂଚାର ନିଗମ ଲିମିଟେଡ୍)

କନେକ୍‌ଟିଙ୍ଗ୍ ଇଣ୍ଡିଆ

ହ୍ୟାଣ୍ଡଲୁମ୍‌ମାର୍କ

ଦ ଏସୋରେନ୍ସ ଅଫ୍ ରିଅଲ ହ୍ୟାଣ୍ଡଲୁମ୍ କ୍ରିଏସନ୍ । ଇଣ୍ଡିଆସ୍ ରିଚ୍ ହେରିଟେଜ୍ । ୟୁଜ୍ ହ୍ୟାଣ୍ଡଲୁମ୍ ପ୍ରଡକ୍ଟସ୍ ୱିଥ୍ ପ୍ରାଇଜ୍

ଇଣ୍ଡିଆନ୍ ଅଏଲ ଏକ୍ସଟ୍ରା ପ୍ରିମିୟମ

ଦ ବେଷ୍ଟ ୱୋର ଭେକିଲ କ୍ୟାନ୍ ଗେଟ୍ ।

ଦିଲ୍ଲୀ 2010 x IX କମନୱେଲଥ୍ ଗେମ୍ସ(ରାଷ୍ଟ୍ରମଣ୍ଡଳ ଖେଳ) କମ୍ ଆଉଟ୍ ଏଣ୍ଡ୍ ପ୍ଲେ ।

ଓଏନ୍‌ଜିସି(ଅଏଲ୍ ଏଣ୍ଡ ନାଚୁରାଲ ଗ୍ୟାସ୍ କର୍ପୋରେସନ)

ମେକିଙ୍ଗ ଟୁମୋରୋ ବ୍ରାଇଟର ।

ସର୍ବଶିକ୍ଷା ଅଭିଯାନ

ସଭିଏ ପଢନ୍ତୁ ସଭିଏ ବଢନ୍ତୁ

ପଲ୍‌ସ ପୋଲିଓ କ୍ୟାମ୍ପେନ-ପୋଲିଓ ରବିବାର ଦୋ ବୁନ୍ଦ ଜିନ୍ଦେଗୀ କି ।

## 17.6 ଆପଣ କ'ଣ ଶିକ୍ଷାକଲେ:-

➪ ପ୍ରାଚୀନ ସଭ୍ୟତାରେ ବିଜ୍ଞାପନର ରୂପ

- ଢୋଲର ସହିତ ବାର୍ତ୍ତାର ବଡପାଟି କରୁଥିବାଲୋକ ।
- ଗଣ ଉଦ୍‌ଘୋଷଣା କରୁଥିବା ପଥର ଏବଂ ସ୍ତମ୍ଭ
- କାନ୍ଥର କଳାକୃତି



ଟୀପ୍ପଣୀ

- ଚଟାଣ ଉପରେ କଳା
- ପେପାଇରସ୍(କାଗଜ)ଉପରେ ବାର୍ତ୍ତା ତଥା କାନ୍ଥ ପୋଷ୍ଟର ।

⇨ ଭାରତରେ ବିଜ୍ଞାପନର ଇତିହାସ

- ପ୍ରଥମ ସମାଚାର ପତ୍ର "ବେଙ୍ଗଲ ଗେଜେଟ୍'ରେ ବିଜ୍ଞାପନ
- ସ୍ୱଦେଶୀ ଆନ୍ଦୋଳନ
- ଆଧୁନିକ ବିଜ୍ଞାପନ ସଂସ୍ଥା ସମୂହ

⇨ ବିଭିନ୍ନ ମାଧମର ଆଧାରରେ ବିଜ୍ଞାପନର ବିଭକ୍ତିକରଣ

- ମୁଦ୍ରଣ-ସମ୍ବାଦପତ୍ର, ହ୍ୟାଣ୍ଡ୍‌ବିଲ୍, ପୋଷ୍ଟର, ବ୍ୟାନର, ପାମ୍ପଲେଟ୍, ବ୍ରୋଚର, ଲିଫ୍‌ଲେଟ୍, ବହି, ପତ୍ରିକା
- ବୈଦୁତିକ-ଟେଲିଭିଜନ, ରେଡିଓ
- ନୂଆ ମାଧମ-ଇଣ୍ଟରନେଟ୍ ୱେବ୍‌ସାଇଟ୍, ସେଲଫୋନ୍, ଫିଲ୍ମ ସଂଗୀତର ସିଡି ଏବଂ ଡିଭିଡି ।

⇨ ବିଜ୍ଞାପନର ପ୍ରକାର

- ଉତ୍ପାଦ ବିଜ୍ଞାପନ
- ସେବା ବିଜ୍ଞାପନ
- ସାଂସ୍ଥାନିକ ବିଜ୍ଞାପନ
- ଲୋକସେବା ବିଜ୍ଞାପନ

⇨ ବିଜ୍ଞାପନ ଶବ୍ଦାବଳୀ

⇨ ଲୋକପ୍ରିୟ ବିଜ୍ଞାପନ ସ୍ଲୋଗାନ

## 17.7 ପାଠ୍ୟାନ୍ତ ପ୍ରଶ୍ନ:-

1)- ପ୍ରାଚୀନ ବିଶ୍ୱରେ ଅସ୍ତିତ୍ୱରେ ଥିବା ବିଜ୍ଞାପନର ବିଭିନ୍ନ ରୂପର ବର୍ଣ୍ଣନା କରନ୍ତୁ । ବିଜ୍ଞାପନର ଆଧୁନିକ ପଦ୍ଧତିରୁ ଏହା କିପରି ଭିନ୍ନ ଅଟେ ?

2)- ନିମ୍ନଲିଖିତ ଉପରେ ସଂକ୍ଷିପ୍ତ ଟିପ୍‌ପଣୀ ଲେଖନ୍ତୁ



ଟୀପ୍ପଣୀ



କ) ବିଜ୍ଞାପନର ଉତ୍ପତ୍ତି

ଖ) ଟ୍ୟାଗ୍ ଲାଇନ୍

ଗ) ବ୍ରାଣ୍ଡ୍

3)- ମୁଦ୍ରଣ, ବୈଦ୍ୟୁତିକ ତଥା ନ୍ୟୁମିଡିଆରେ ବିଜ୍ଞାପନର ପ୍ରକ୍ରିୟାର ତୁଳନା କରନ୍ତୁ ।

4)- ଉତ୍ପାଦ, ସେବା, ସଂସ୍ଥାନିକ ତଥା ଲୋକସେବା ବିଜ୍ଞାପନ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାନ୍ତୁ

## 17.8 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

17.1 (i) ଖ

(ii) କ

(iii) ଖ

(iv) ଙ

(v) ଘ

17.2 (i) ଗ

(ii) ଖ

(iii) କ,ଗ, ଘ

(iv) କ

(v) ଖ

17.3 (1) ବର୍ଗୀକୃତ ବିଜ୍ଞାପନ ମହତ୍ତ୍ୱପୂର୍ଣ୍ଣ ସୂଚନା ସିଧା ସଂକ୍ଷିପ୍ତ ବା ପ୍ରଭାବଶାଳୀ ଢଙ୍ଗରେ ଉପଲବ୍ଧ କରାଇଥାଏ ।

(2) ବର୍ଷ 1907 ମହତ୍ତ୍ୱପୂର୍ଣ୍ଣ ଅଟେ, କାରଣ ଏହି ବର୍ଷ କଲିକତାରେ "ଷ୍ଟେଟସ୍‌ମ୍ୟାନ" ଦ୍ୱାରା ପ୍ରଥମ ଲିନୋଟାଇପ ମୁଦ୍ରଣ ଯନ୍ତ୍ରର ଅଧିଷ୍ଠାପନା ହୋଇଥିଲା ତଥା ସଫଳତା ମିଳିଥିଲା ।

(3) ଇଣ୍ଟରନେଟ୍ ବା ସେଲ୍‌ଫୋନ୍

17.4 (i) ଉତ୍ପାଦ ବିଜ୍ଞାପନ

(ii) ସେବା ବିଜ୍ଞାପନ

(iii) ସେବା ବିଜ୍ଞାପନ

(iv) ସେବା ବିଜ୍ଞାପନ



ଟୀପ୍ପଣୀ

(v) ଲୋକସେବା ବିଜ୍ଞାପନ

(vi) ଉତ୍ପାଦ ବିଜ୍ଞାପନ

(vii) ଲୋକସେବା ବିଜ୍ଞାପନ

(viii) ସେବା ବିଜ୍ଞାପନ

(ix) ଉତ୍ପାଦ ବିଜ୍ଞାପନ

ଟୀପ୍ପଣୀ

# ୧୮

# ବିଜ୍ଞାପନ-ଉଦ୍ୟୋଗ

ଆପଣ କେଉଁ ଟୁଥପେଷ୍ଟ ବ୍ୟବହାର କରନ୍ତି ?

ଆପଣ ଏହାର ବିଜ୍ଞାପନ ଦେଖିଛନ୍ତି କି? ଯଦି ଏହାର ବିଜ୍ଞାପନ ନଥାନ୍ତା ଆପଣ କେମିତି ଜାଣିପାରିବେ ଏହି ବ୍ରାଣ୍ଡର ଟୁଥ୍‌ପେଷ୍ଟ ବଜାରରେ ବିକ୍ରି ହେଉଛି ? ବିଜ୍ଞାପନ ଆମକୁ ଏଇ ଉତ୍ପାଦକର ବିଷୟରେ ସୂଚନା ଉପଲବ୍ଧ କରାଇଥାଏ । ସୂଚନାର ଏକ ମାଧ୍ୟମର ରୂପରେ ବିଜ୍ଞାପନ ଅଧିକ ମାତ୍ରାରେ ଶକ୍ତିଶାଳୀ ହୋଇଥାଏ । ଏଭଳି କି ଭୁଲ ଉପାୟରେ ଆସୁଥିବା ବିଜ୍ଞାପନ କୌଣସି ଏକ ଉତ୍ପାଦକର ବିକ୍ରୟକୁ ହ୍ରାସ ମଧ୍ୟ କରିପାରେ । କ'ଣ ଏପରି କୌଣସି ବିଜ୍ଞାପନ ଅଛି ଯାହାକି ଆପଣଙ୍କୁ            କରିଦିଏ । ଏଇ ପାଠ୍ୟକ୍ରମରେ ଆପଣ ବିଜ୍ଞାପନ ଦୁନିଆ ସଂପର୍କରେ ଆହୁରି ଅଧିକ ଜ୍ଞାନ ତଥା କିପରି ଗୋଟିଏ ଭଲ ବିଜ୍ଞାପନ ଅଭିଯାନ ପ୍ରସ୍ତୁତ କରାଯାଏ, ଏହାର ସୂଚନା ପାଇପାରିବା ।

## ଉଦ୍ଦେଶ୍ୟ

ଏହି ପାଠକୁ ପଢିବାପରେ ଆପଣ ନିମ୍ନଲିଖିତ କରିବାକୁ ସକ୍ଷମ ହେବେ:

- ବିଜ୍ଞାପନର ସିଦ୍ଧାନ୍ତର ବ୍ୟାଖ୍ୟା କରିପାରିବେ
- ବିଜ୍ଞାପନ ଯୋଜନାର ମୁଖ୍ୟ ଲକ୍ଷ୍ୟକୁ ଜାଣିପାରିବେ
- ବିଜ୍ଞାପନ ଉଦ୍ୟୋଗକୁ ନିୟନ୍ତ୍ରିତ କରିବାପାଇଁ ଉଦ୍ଦିଷ୍ଟ ନିର୍ଦ୍ଦେଶାବଳୀର ସୂଚୀ ପ୍ରସ୍ତୁତ କରିପାରିବେ
- ଗୋଟିଏ ବିଜ୍ଞାପନ ଏଜେନ୍‌ସିଙ୍କର ମୁଖ୍ୟ ବିଷୟବସ୍ତୁକୁ ବର୍ଣ୍ଣନା କରିପାରିବେ ।
- ବିଜ୍ଞାପନ ତଥା ଗଣସଂପର୍କ ମଧ୍ୟରେ ପାର୍ଥକ୍ୟକୁ ନିର୍ଦ୍ଧାରଣ କରିପାରିବେ ।

## 18.1 ବିଜ୍ଞାପନର ସିଦ୍ଧାନ୍ତ:-

ଆପଣଙ୍କୁ ବଜାର କରିବାକୁ ଭଲ ଲାଗେ କି ? ଲୋକମାନେ ନୂଆ ନୂଆ ଜିନିଷ କିଣିବାକୁ ପସନ୍ଦ କରନ୍ତି କିନ୍ତୁ ବିଜ୍ଞାପନ କର୍ତ୍ତା ଏବଂ ବିଜ୍ଞାପନ ଏଜେନ୍‌ସି ଏହାକୁ ଉଦ୍‌ଭୋକ୍ତା ମାନଙ୍କର ଆବଶ୍ୟକତା ଏବଂ ଆକାଙ୍କ୍ଷା କୁ ବୁଝିଥାନ୍ତି । ଯାହାକି ଜିନିଷର କିଣାବିକା ପାଇଁ ସହାୟ ହୋଇଥାଏ । କ'ଣ ଆପଣଙ୍କୁ ବିଜ୍ଞାପନ ଦେଖିବା ଏବଂ ପଢିବା ପସନ୍ଦ ଲାଗେକି ? ଆପଣ ଜାଣିଛନ୍ତି କି ଗୋଟିଏ



ଟୀପ୍‌ପଣୀ

ଛୋଟ ବିଜ୍ଞାପନ ସୃଷ୍ଟି ବା ରଚନା କରିବାପାଇଁ ଅନେକ ଗୁଡ଼ିଏ ବିଚାରଧାରାର ଏକାଠି କରିବା ଦରକାର ହୋଇଥାଏ ?

ବିଜ୍ଞାପନର ରଚନା କରିବା ସମୟରେ ବିଜ୍ଞାପନ ନିର୍ମାତା କିଛି ଆଧାରଭୁକ୍ତ ସିଦ୍ଧାନ୍ତକୁ ଧ୍ୟାନରେ ରଖିଥାନ୍ତି । ଲୋକମାନଙ୍କର କିଛି ଅଧିକାରଭୁକ୍ତ ଆବଶ୍ୟକତା ରହିଥାଏ, ଯେପରି ମନୋବୈଜ୍ଞାନିକ, ସୁରକ୍ଷା, ପ୍ରେମ, ପ୍ରତିଷ୍ଠା ତଥା ଆତ୍ମବିଶ୍ୱାସ ଭଳି । ବିଜ୍ଞାପନ କର୍ତ୍ତାମାନେ ଏହି ଆବଶ୍ୟକତାକୁ ଧ୍ୟାନରେ ରଖି ତଥା ବ୍ୟକ୍ତିର ନିଜସ୍ୱ ସାମାଜିକ ପ୍ରତିଷ୍ଠା ବା ରୂପରଂଗର ବିଷୟରେ ଇର୍ଷା, ଭୟ ବା ଚିନ୍ତାର ଭାବକୁ ପ୍ରଭାବିତ କରିଥାଏ ।

ବିଜ୍ଞାପନର ମୌଳିକ ସିଦ୍ଧାନ୍ତ ଲୋକମାନଙ୍କ ଧ୍ୟାନ ଆକର୍ଷଣ କରିବା ଅଟେ । ଏହି କାର୍ଯ୍ୟ ଆକାର,



ରଂଗ, ଦୃଶ୍ୟମାନ ତଥା ସ୍ଲୋଗାନର ସହିତ କାର୍ଯ୍ୟକାରୀ କରାଯାଇଥାଏ ।

**ଚିତ୍ର 18.1**

ବିଜ୍ଞାପନ ଇଚ୍ଛା ପ୍ରବୃତ୍ତିକୁ ଉଜ୍ଜୀବିତ କରାଇ ଥାଏ । ଏ ସମସ୍ତ ବିଜ୍ଞାପିତ ଉତ୍ପାଦ ବିଶେଷପ୍ରତି ଲୋକମାନଙ୍କ ଜାଗରୁକତାକୁ ଉତ୍ପନ୍ନ କରାଇଥାଏ । ଏହା ଆମକୁ ବିଶିଷ୍ଟ, ସ୍ୱତନ୍ତ୍ର ବା ଶାନ୍ତ ହେବାର ଅନୁଭବ ପ୍ରଦାନ କରିଥାଏ ।

***କାର୍ଯ୍ୟକଳାପ 10.1***



ଟୀପ୍ପଣୀ

*ବିଜ୍ଞାପିତ ଉତ୍ପାଦ ପ୍ରତି ପାଠକ/ ଦର୍ଶକ/ ଶ୍ରୋତାଙ୍କର ଇଚ୍ଛା ପ୍ରବୃତ୍ତିକୁ ବୃଦ୍ଧି କରାଇପାରୁଥିବା 10 ଟି ବଜ୍ଞାପନର ଏକ ଚିଠା ପ୍ରସ୍ତୁତ କରନ୍ତୁ ।*

ବିଜ୍ଞାପନ ଦୃଢ ବିଶ୍ୱାସ ମଧ୍ୟ ପ୍ରକଟ କରିଥାଏ । ଏହା ନିଃସନ୍ଦେହତା ତଥା ନିଶ୍ଚିତତାକୁ ମଧ୍ୟ ପ୍ରକଟ କରିଥାଏ ।

ଉଦାହରଣ ସ୍ୱରୂପ ଗୋଟିଏ ବିଜ୍ଞାପନ ଏପରି କହିଥାଏ ଯେ ଯଦି ଆପଣ ଫେଆରଗ୍ଲୋ ଫେଆରନେସ୍ କ୍ରିମ୍ ବ୍ୟବହାର କରୁଥାନ୍ତି ତେବେ ଆପଣଙ୍କୁ ସୁଫଳ ମିଳିବ ।

## ମନେରଖିବା ପାଇଁ କେତୋଟି ବିଜ୍ଞାପନ ଶବ୍ଦବଳୀ

**ଜିଙ୍ଗଲ:-**ଜିଙ୍ଗଲ କୌଣସି ଉତ୍ପାଦକର ବିଜ୍ଞାପନ ପାଇଁ ବ୍ୟବହୃତ ତାଳପ୍ରଦ ସଂଗୀତ ଅଟେ । 1923 ରୁ ଏହା ସୃଷ୍ଟି ହେଲା ଯେତେବେଳେ ବ୍ୟବସାୟିକ ରେଡିଓ ସାଧାରଣ ବ୍ୟକ୍ତିଙ୍କ ପାଇଁ ଆରମ୍ଭ ହୋଇଥିଲା ।

**ସ୍ପଟ୍:-** ବିଜ୍ଞାପନରେ ସ୍ପଟ୍ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ ଅଟେ ଯେଉଁଳି ଟେଲିଭିଜନ, ରେଡିଓ, ସିନେମା ବା କେବୁଲ ଟିଭିର ବିଜ୍ଞାପନ ଆସିଥାଏ ।

**ଉପଭୋକ୍ତା:-** ଉପଭୋକ୍ତା ସେହି ବ୍ୟକ୍ତି ଅଟନ୍ତି ଯିଏ କୌଣସି ଉତ୍ପାଦ ବା ସେବାର ଉପଯୋଗ କରିଥାନ୍ତି ।

## ପାଠ୍ୟଗତ ପ୍ରଶ୍ନ 18. 1

1)- ନିମ୍ନଲିଖିତ ବାକ୍ୟକୁ ମିଳନ କରନ୍ତୁ

| | |
|---|---|
| i)- ବର୍ଗୀକୃତ ବିଜ୍ଞାପନ | କ) ଉତ୍ପାଦ ବା ସେବାର ଉପଯୋଗ କରୁଥିବା ବ୍ୟକ୍ତି |
| ii)- ଡିସ୍‌ପ୍ଲେ ବିଜ୍ଞାପନ | ଖ) ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ବିଜ୍ଞାପନ |
| iii)- ଉପଭୋକ୍ତା | ଗ) ସିଧା କିନ୍ତୁ ନିରସ |
| iv)- ଜିଙ୍ଗଲ୍ | ଘ) ଉଜ୍ଜ୍ୱଳ ଏବଂ ଆକର୍ଷଣ |
| v)- ସ୍ପଟ୍ | ଙ) ଉତ୍ପାଦ ବସ୍ତୁର ବିଜ୍ଞାପନ ପାଇଁ ତାଳ ବିଶିଷ୍ଟ ସଂଗୀତ । |

***କାର୍ଯ୍ୟକଳାପ 18.2***

*କ'ଣ ଆପଣଙ୍କୁ ବଜାଜ ବଲ୍ବର ବିଜ୍ଞାପନ ଜିଙ୍ଗଲ ମନେ ଅଛି କି ?*



ଟୀପ୍ପଣୀ

ଜବ୍ ମେ ଛୋଟା ବଚ୍ଚା ଥା

ବଡି ସରାରତ କରତା ଥା

ମେରୀ ଚୋରୀ ପକଡୀ ଜାତି

ଜବ୍ ରୋଶନ ହୋତା ବଜାଜ୍


ଆପଣ ଟ୍ୟୁବ୍ ଲାଇଟ୍‌ର ଏକ ନୂଆ ବ୍ରାଣ୍ଡ୍ ପାଇଁ ଗୋଟିଏ ଜିଙ୍ଗଲ ପ୍ରସ୍ତୁତ କରନ୍ତୁ ।

## 18.2 ବିଜ୍ଞାପନର ଯୋଜନା ପ୍ରସ୍ତୁତ:-

ଆପଣ ଭଲପାଉଥିବା ବିଜ୍ଞାପନ ମାଧ୍ୟମ କିଏ ? ଏହା ପ୍ରିଣ୍ଟ, ଦୃଶ୍ୟଶ୍ରାବ୍ୟ ବା କଥା ଶ୍ରାବ୍ୟ ଅଟେ ? ଆପଣ ଜାଣିଛନ୍ତି କି ବିଜ୍ଞାପନ କିପରି ପ୍ରସ୍ତୁତ ହୋଇଥାଏ ? ଉକ୍ତ ଭାଗରେ ଆମେ ଦେଖିବା ବିଜ୍ଞାପନର କିପରି ଯୋଜନା ପ୍ରସ୍ତୁତ କରାଯାଏ । ବିଜ୍ଞାପନର ନିର୍ମାଣରେ ଖର୍ଚ୍ଚ ବହୁତ ଅଧିକା ହୋଇଥାଏ । ସେଥିପାଇଁ ବିଜ୍ଞାପନ ସଂସ୍ଥାମାନଙ୍କ ପାଇଁ ଏହା ଅତ୍ୟନ୍ତ ଜରୁରୀ ଅଟେ । ବିଜ୍ଞାପନ ଅଭିଯାନର ଯୋଜନା ଠିକ୍ ଭାବରେ ପ୍ରସ୍ତୁତ କରିବାପାଇଁ ।

ନିମ୍ନଲିଖିତ କେତୋଟି ପ୍ରମୁଖ ପ୍ରଶ୍ନ ଧ୍ୟାନରେ ରଖିବା ଉଚିତ:

- ଗୋଟିଏ ସଂସ୍ଥାକୁ ବିଜ୍ଞାପନ କରିବାର ଆବଶ୍ୟକତା କ'ଣ ପାଇଁ ହୋଇଥାଏ ? କ'ଣ କମ୍ପାନୀ ଅଧିକ ଲୋକ ତା'ର ଉତ୍ପାଦ ସାମଗ୍ରୀ କିଣିବାପାଇଁ ଚାହିଁଥାନ୍ତି, କ'ଣ କମ୍ପାନୀ ଗୋଟିଏ ଭଲ ଛାପ ଲୋକଙ୍କ ଭିତରେ ତିଆରି କରିବାପାଇଁ ଚାହିଁଥାଏ କିମ୍ବା କମ୍ପାନୀ ଗୋଟିଏ ନୂଆ ଉତ୍ପାଦ ଦେବାକୁ ଚାହୁଁଥାଏ ?
- ବିଜ୍ଞାପନ ପାଇଁ ଲିଖିତ ସମୂହ କେଉଁମାନେ ଅଟନ୍ତି ? ସେମାନେ ବିଦ୍ୟାଳୟ ଯାଉଥିବା ପିଲା ଅଟନ୍ତି, କିଶୋର ବୟସର ଝିଅପୁଅ ଅଟନ୍ତି ବା ଅଫିସ ଯାଉଥିବା ମହିଳା ଅଟନ୍ତି ?
- ବିଜ୍ଞାପନ ମାଧ୍ୟମରେ କେଉଁ ବାର୍ତ୍ତା ଦିଆଯାଇଥାଏ ? ଏହା ଉତ୍ପାଦ ବଜାରରେ ସର୍ବୋତ୍ତମ



ଅଟେ କି ? କିମ୍ବା ସିନେମା ଜଗତର ତାରକାମାନେ ଉତ୍ପାଦଙ୍କୁ ବ୍ୟବହାର କରିଥାନ୍ତି କିମ୍ବା ସେଥିପାଇଁ **ଏହାର ଉପଯୋଗ ଚାକଚକ୍ୟ ଅଟେ କି ?**

**ଚିତ୍ର 18.2 ଉତ୍ପାଦନ ପାଇଁ ଅଭିଯାନ**

- ଲିଖିତ ସମୂହ କେଉଁଠାରେ ଅବସ୍ଥାନ କରନ୍ତି ? ତାଙ୍କ ପାଖକୁ ମୁଦ୍ରିତ ମାଧ୍ୟମ, ରେଡିଓ ବା ଟେଲିଭିଜନ କେଉଁ ମାଧ୍ୟମରେ ପଠାଯାଇ ପାରିବ ? ସେମାନେ ମହାନଗରରେ, ବଡ ସହରରେ, ଗଳିକନ୍ଦିରେ କିମ୍ବା ଗାଁରେ କେଉଁଠି ଚାହାନ୍ତି ?

- ବିଜ୍ଞାପନ ସଂସ୍ଥା ଲୋକମାନଙ୍କ ପର୍ଯ୍ୟନ୍ତ, ଲିଖିତ ସମୂହ ପର୍ଯ୍ୟନ୍ତ କିଭଳି ପହଞ୍ଚିବ ? ଏହା କ'ଣ ଏଫ୍.ଏମ୍ ରେଡିଓ ମାଧ୍ୟମରେ ଗୋଟିଏ ବଡ ବିଜ୍ଞାପନ ଅଭିଯାନ ଦ୍ୱାରା ପହଞ୍ଚି ପାରିବ କି ? ଏହା ଟେଲିଭିଜନ କିମ୍ବା ବିଭିନ୍ନ ଭାଷାର ଖବରକାଗଜ ହୋଇପାରେ କି ?

- କେବେ ଏବଂ କେଉଁ ସମୟ ପର୍ଯ୍ୟନ୍ତ ଏହି ବିଜ୍ଞାପନ ଅଭିଯାନ ଚାଲିପାରିବ ? ଛଅମାସ, ତିନିମାସ କିମ୍ବା ଗୋଟିଏ ସପ୍ତାହର ଏହା ଅବଧି ହୋଇପାରେ କି ?

- ଗୋଟିଏ ବିଜ୍ଞାପନ କେତେ ଲମ୍ବା ହବା ଦରକାର ? ଗୋଟିଏ ମିନିଟ୍, ତିରିଶ ସେକେଣ୍ଡ୍ ବା ଦଶ ସେକେଣ୍ଡ୍ ଅବଧିର ?

- ବିଜ୍ଞାପନ ଭାଷା କ'ଣ ହେବା ଦରକାର ? ଏହା ଇଂରାଜୀ, ହିନ୍ଦୀ, ଆଞ୍ଚଳିକ ଭାଷା, କିମ୍ବା ଅନେକ ଭାଷାର ମିଶ୍ରଣରେ ହୋଇପାରିବ କି ?



ଟୀପ୍‌ପଣୀ

- କେଉଁ ପ୍ରକାର ଦୃଶ୍ୟ ସାମଗ୍ରୀ(ଲୋକ/ଉତ୍ପାଦକ)ର ଉପଯୋଗ ବିଜ୍ଞାପନ ତିଆରି କରିବାରେ ଦରକାରୀ ଅଟେ ? କ'ଣ ଏଥିରେ ସୌନ୍ଦର୍ଯ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱ, ମଧ୍ୟମବର୍ଗୀୟ ଗୃହିଣୀ ହୋଇପାରିବେ କି ? କ'ଣ ଏଥିରେ ବିଦେଶର ବିଭିନ୍ନ ସ୍ଥାନର ସମାବେଶ ହେବ କି ?

## ପାଠ୍ୟଗତ ପ୍ରଶ୍ନ 18. 2

1)- ବିଜ୍ଞାପନ ଅଭିଯାନର ଯୋଜନା ପ୍ରସ୍ତୁତ ସମୟରେ ଧ୍ୟାନରେ ରଖାଯିବା ମୁଖ୍ୟ 5 ଟି ବିଷୟର ଏକ ସୂଚୀ ପ୍ରସ୍ତୁତ କରନ୍ତୁ-

i)-

ii)-

iii)-

iv)-

v)-

## 18.3 ବିଜ୍ଞାପନ ପାଇଁ ନିର୍ଦ୍ଦେଶାବଳୀ

ଏପରି କିଛି ବିଜ୍ଞାପନ ଅଛି କି ଯାହା ଆପଣଙ୍କୁ ହଇରାଣ କରୁଛି ? ଆପଣ ଭାବୁଛନ୍ତି କି କେବେ କେବେ ବିଜ୍ଞାପନ ପୂରା ଠିକ୍ ନଥାଏ ବୋଲି ? ବିଜ୍ଞାପନ ନିର୍ମାଣକାରୀଙ୍କ ପାଇଁ କେତେଗୁଡ଼ିଏ ମହତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ନିର୍ଦ୍ଧାରିତ କରାଯାଉଅଛି ଏବଂ ବିଜ୍ଞାପନ ନିର୍ମାଣ ସମୟରେ ଏସବୁକୁ ଯଥେଷ୍ଟ ଧ୍ୟାନ ରଖିବା ଉଚିତ୍ ।

- ସିଗାରେଟ୍, ବିଡ଼ି, ଅନ୍ୟାନ୍ୟ ମାଦକ ଉତ୍ପାଦକ, ଆଲକହଲ ଯୁକ୍ତ ପାନୀୟ ତଥା ଅନ୍ୟାନ୍ୟ ମାଦକ ଦ୍ରବ୍ୟର ବିଜ୍ଞାପନରେ ଉତ୍ପାଦର ସିଧା ସମର୍ଥନ କରାଯାଇ ନପାରେ ।
- ଶୀତଳ ପାନୀୟର ବିଜ୍ଞାପନରେ ଏହି ଘୋଷଣା ରଖାଯିବା ଉଚିତ୍ ଯେପରିକି କୌଣସି ଫଳରସ, ଫଳର ଗୁଣ୍ଡ ଏଥିରେ ନଥାଏ ଏବଂ ଏହାର ସ୍ୱାଦ କୃତ୍ରିମ ରୂପରେ ନଥାଏ ।
- ଔଷଧ ଉତ୍ପାଦନ ବିଜ୍ଞାପନ ପ୍ରସାରଣ ପୂର୍ବରୁ ସ୍କ୍ରିପ୍ଟ ଉପରେ ଔଷଧ ନିୟନ୍ତ୍ରକଙ୍କର ସ୍ୱୀକୃତି ନେବା ବାଞ୍ଛନୀୟ ଅଟେ ।

- ବିଜ୍ଞାପନରେ କୌଣସି ସମ୍ବେଦନଶୀଳ, ବିଶିଷ୍ଟ ବା ଆକୃଷ୍ଟ କରିବା ଭଳିଆ ଜିନିଷ ନରହିବା ଦରକାର ।
- ବିଜ୍ଞାପନର ଭାରତର ସମ୍ବିଧାନର ଧାରାକୁ ପାଳନ କରିବା ଦରକାର ତଥା ନୈତିକତା, ଶାଳୀନତା ତଥା ଲୋକଙ୍କର ଧାର୍ମିକ ଭାବନା ଉପରେ କୌଣସି ଆଘାତ ପହଞ୍ଚାଇବା ଭଳି ନହେବା ଉଚିତ ।
- ବିଜ୍ଞାପନରେ ଜାତି, ବର୍ଣ୍ଣ, ମାନ୍ୟତା ତଥା ରାଷ୍ଟ୍ରୀୟତାକୁ ଅପମାନିତ କରିବା ଭଳି କୌଣସି ସାମଗ୍ରୀ ନରହିବା ଦରକାର ।
- ବିଜ୍ଞାପନ ଲୋକମାନଙ୍କୁ ହିଂସା, ଅପରାଧ ତଥା ଅବ୍ୟବସ୍ଥା ସୃଷ୍ଟି କରିବାଭଳି କୌଣସି ବାର୍ତ୍ତା ନରହିବା ଉଚିତ୍ ।
- ବିଜ୍ଞାପନରେ ଅପରାଧକୁ ବାଞ୍ଛନୀୟ ବା ପ୍ରଶଂସନୀୟ ଭାବରେ ପ୍ରସ୍ତୁତ କରିବା ଆଦୌ ଉଚିତ ନୁହେଁ ।
- ବିଜ୍ଞାପନ ଏପରି ହେବା ଦରକାର ନୁହେଁ ଯାହାକି ଦେଶର ଅନ୍ୟ ଦେଶ ସହିତ ମିତ୍ରତା କୌଣସି ବିପରୀତ ଅର୍ଥ ପରିପ୍ରକାଶ କରୁଥିବ ।
- ବିଜ୍ଞାପନକୁ ସମ୍ବାଦ ଭାବରେ ପ୍ରସ୍ତୁତ କରାଯିବା ଉଚିତ ନୁହେଁ ।
- ବିଜ୍ଞାପନରେ ମହିଳାଙ୍କୁ ନିଷ୍କ୍ରିୟ, ଶକ୍ତିହୀନ କିମ୍ବା ଆତ୍ମସମର୍ପଣ ଭାବରେ ପ୍ରସ୍ତୁତ କରାଯିବା ଉଚିତ୍ ନୁହେଁ ।

## ପାଠ୍ୟଗତ ପ୍ରଶ୍ନ 18. 3

1)- ନିମ୍ନଲିଖିତ ବକ୍ତବ୍ୟମାନଙ୍କ ମଧ୍ୟରୁ ଠିକ୍ ବା ଭୁଲ୍ ବାଛନ୍ତୁ:-

i)- ଔଷଧୀୟ ଉତ୍ପାଦନ ବିଜ୍ଞାପନରେ ପ୍ରସାରଣ ହେବା ପୂର୍ବରୁ ସ୍କ୍ରିପ୍ଟ ପାଇଁ ଫିଲ୍ମ ବିଭାଗର ସ୍ୱୀକୃତି ନେବା ଆବଶ୍ୟକ ଅଟେ ।

ii)- ବିଜ୍ଞାପନ ଲୋକମାନଙ୍କୁ ହିଂସା ତଥା ଅପରାଧ ପ୍ରବଣ କରିବାପାଇଁ ହେବା ଦରକାର ।

iii)- ବିଜ୍ଞାପନ ସମ୍ବାଦ ଅଟେ ।

iv)- ବିଜ୍ଞାପନରେ କୌଣସି ସମ୍ବେଦନଶୀଳ ସର୍ବୋତ୍ତମ ହେବାର ସୂଚକ ତଥା ଭୁଲ ଭାବରେ

ପରିଚାଳିତ ଚେଷ୍ଟା ନ କିରବା ଦରକାର ଅଟେ ।

v)- ବିଜ୍ଞାପନ ଦୁଇଟି ଲୋକଙ୍କୁ ନିଷ୍କ୍ରିୟ, ଦୁର୍ବଳ ତଥା ଆତ୍ମସମର୍ପଣ କରିବା ରୂପରେ ପ୍ରସ୍ତୁତ କରିଥାଏ ।

vi)- କମ୍ପାନୀ ବିଡି ବା ତମାଖୁର ବିଜ୍ଞାପନ ଟିଭିରେ ପ୍ରଦର୍ଶନ କରିପାରନ୍ତି ।

vii)- ବିଜ୍ଞାପନରେ କୌଣସି ଜାତି, ବର୍ଣ୍ଣ, ମାନ୍ୟତା ତଥା ରାଷ୍ଟ୍ରୀୟତାର ଅପମାନ ନ ହେବା ଦରକାର ।

viii)- ବିଜ୍ଞାପନ ମିଥ୍ୟା ବା ଠକାମିର ପ୍ରେରଣା ଯୋଗାଇଥାଏ ।

**କାର୍ଯ୍ୟକଳାପ 18.3**

- ଉପରେ ଦିଆଯାଇଥିବା ନିତିନିର୍ଦ୍ଧାରଣର ଉଲ୍ଲଘଂନ କରୁଥିବା ଗୋଟିଏ ବିଜ୍ଞାପନ ସୂଚୀତ କରନ୍ତୁ । ନିମ୍ନଲିଖିତ କଥାକୁ ଧ୍ୟାନରେ ରଖି ।

  ଏହା ଏକ ଉପଭୋକ୍ତା ଉତ୍ପାଦନ ଯେପରିକି ଚାହା, ସଫାସାବୁନ, ତେଲ, ଟ୍ରଫି, କ୍ରିମ, ସାବୁନ ଆଦିର ବିକ୍ରୟ ପାଇଁ ଥିବା ଦରକାର ।

  ଗୋଟିଏ ସ୍ଲୋଗାନ ବା ଟେଗ୍‌ଲାଇନ୍ ପ୍ରସ୍ତୁତ କରନ୍ତୁ । ଗୋଟିଏ ଜିଙ୍ଗଲ୍ ପ୍ରସ୍ତୁତ କରନ୍ତୁ ଯାହାକି ନିଜ ପିରିବାର ବା ମିତ୍ରଙ୍କ ସମକକ୍ଷ ହୋଇଥିବ ।

- ଏପରି ବିଜ୍ଞାପନ ତିଆରି କରି ଆପଣଙ୍କୁ କିଭଳି ଲାଗୁଛି ?

## 18.4 ବିଜ୍ଞାପନ ଗୋଟିଏ ପେଷାଦାରୀ ରୂପରେ

ବିଜ୍ଞାପନ କ୍ଷେତ୍ରରେ ଅନେକଗୁଡିଏ ଆଶ୍ଚର୍ଯ୍ୟକାମ ହୋଇଥାଏ ଯେପରିକି ଏକ୍ସିକ୍ୟୁଟିଭ୍ କାମଠାରୁ ରଚନାତ୍ମକ ପକ୍ଷ କାମ ପର୍ଯ୍ୟନ୍ତ ଯେପରି କପି ରାଇଟର ତଥା ଭିଜୁଆଲ ରାଇଜର ଇତ୍ୟାଦି । ବିଜ୍ଞାପନର ପେଶା ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଅଟେ । ତା'ସହିତ ପ୍ରତିଯୋଗୀତା ମୂଳକ ଅଟେ । ଏହାର କାରଣ ସବୁଦିନ ନୂଆ ନୂଆ ଏଜେନ୍‌ସି ନିଜର ସଂସ୍ଥା ଖୋଲୁଛନ୍ତି । ଏହା ଉତ୍ପାଦନ ହେଉ, କମ୍ପାନୀ ବା ସ୍ବଚ୍ଛାସଂଗଠନ ହେଉ, ସମସ୍ତ ଲକ୍ଷିତ ଶ୍ରୋତାଙ୍କ ପାଇଁ ଯୋଗାଯୋଗ ପାଇଁ ବିଜ୍ଞାପନର କୌଣସି ନା କୌଣସି ଉପଯୋଗ କରିଥାଏ ।



ଟୀପ୍ପଣୀ



- ବିଜ୍ଞାପନ ବିଭିନ୍ନ ପ୍ରକାର ପେଶାଦାରୀ ପ୍ରସ୍ତୁତ କରିଥାଏ ।
- ଆପଣ କୌଣସି ଟେଲିଭିଜନ କମ୍ପାନୀ, ରେଡିଓ ଷ୍ଟେସନ, ସମ୍ବାଦପତ୍ର ବା ପତ୍ରିକାରେ କାମ କରିପାରିବେ ଏବଂ ସେହି କମ୍ପାନୀମାନଙ୍କୁ ସମୟ ବା ସ୍ଥାନ ବିକ୍ରି କରିପାରିବେ ଯେଉଁମାନେ ନିଜର ଉତ୍ପାଦ ସାମଗ୍ରୀ ବା ସେବାପାଇଁ ବିଜ୍ଞାପନ କରିବାକୁ ଚାହୁଁଥାନ୍ତି ।
- ଆପଣ ଉତ୍ପାଦକ କମ୍ପାନୀରେ ନିଯୁକ୍ତି ପାଇ ଗୋଟିଏ ବ୍ରାଣ୍ଡ ମ୍ୟାନେଜର ଭାବରେ କାମ କରିପାରିବେ । ବ୍ରାଣ୍ଡ ମ୍ୟାନେଜର ଗୋଟିଏ ବିଶେଷ ବ୍ରାଣ୍ଡ ବା ଉତ୍ପାଦକ ପାଇଁ ଯୋଜନା ପ୍ରସ୍ତୁତ କରିଥାଏ ଏବଂ ଏହାକୁ ବିକଶିତ କରିଥାଏ ତଥା ଏହାପାଇଁ ବିକ୍ରୟବଟାର ଚେଷ୍ଟା କରିବାକୁ ନିର୍ଦ୍ଦେଶନ ଦେଇଥାଏ ।
- ଆପଣ ବିଜ୍ଞାପନ ଏଜେନ୍‌ସିଙ୍କ ସାଙ୍ଗରେ କାମକରି ପାରିବେ ।

ଆସନ୍ତୁ ଆମେ ଗୋଟିଏ ବିଜ୍ଞାପନ ଏଜେନ୍‌ସି ଗଠନକୁ ଅଧ୍ୟୟନ କରିବା ।

## ବିଜ୍ଞାପନ ଏଜେନ୍‌ସିର ଗଠନ

ଗୋଟିଏ ବିଜ୍ଞାପନ ଏଜେନ୍‌ସି ବିଭିନ୍ନ କୁଶଳୀ ଯୁବକମାନଙ୍କୁ ରୋଜଗାର ଦେଇଥାଏ ।

ଗୋଟିଏ ଛୋଟ ବିଜ୍ଞାପନ ଏଜେନ୍‌ସିର ଗଠନ ନିମ୍ନରେ ଦିଆଗଲା ।

ମାଲିକ ବା ଅଧ୍ୟକ୍ଷ

ରଚନାତ୍ମକ ନିର୍ଦ୍ଦେଶକ

ମିଡିଆ ସଂଯୋଜକ

କପିରାଇଟର

ଭିଜୁଆ ଲାଇଜର

ମାର୍କେଟ ରିସର୍ଚ୍ଚଟିମ୍

ପ୍ରଡକସନ ଇନ୍‌ଚାର୍ଜ

***ଏହାକୁ ଆପଣ ଜାଣିଥିଲେ କି ?***

***କପି :-*** *ଏହା କପି ରାଇଟର ଦ୍ୱାରା ଲିଖିତ ସାମଗ୍ରୀ(ଟେକସଟ, ଗୀତ ସ୍ଲୋଗାନ ଇତ୍ୟାଦି)ଅଟେ ।*

*ଏହି ସାମଗ୍ରୀର ମୁଖ୍ୟ ଉଦ୍ଦେଶ୍ୟ ଉପଭୋକ୍ତାଙ୍କୁ ବର୍ଣ୍ଣିତ ଥିବା ଉତ୍ପାଦ ବା ସେବା କିଣିବାପାଇଁ ପ୍ରୋତ୍ସାହିତ*

ଟୀପ୍ପଣୀ

*କରିବା ହୋଇଥାଏ ।*

କିଛି ମହତ୍ତ୍ୱପୂର୍ଣ୍ଣ କର୍ମ ସଂସ୍ଥାନ:-

- **କ୍ରିଏଟିଭ୍ ଡାଇରେକ୍ଟର(ରଚନାତ୍ମକ ନିର୍ଦ୍ଦେଶ):-**

ଏହା ବିଜ୍ଞାପନ ସଂସ୍ଥାରେ ଗୋଟିଏ ବରିଷ୍ଠ ସ୍ଥାନ ଅଟେ । କ୍ରିଏଟିଭ୍ ଡାଇରେକ୍ଟର କପିରାଇଟର ଏବଂ ଡିଜାଇନରଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିଥାଏ ଏବଂ ବିଜ୍ଞାପନ ନିର୍ମାଣର ଦେଖାଚାହାଁ କରିଥାଏ ।

- **କପି ରାଇଟର:-**

"ଓ୍ୱ ଡସ୍ମିଥ"ମଧ୍ୟ କୁହାଯାଉଥିବା କପିରାଇଟର ବିଜ୍ଞାପନର ଶବ୍ଦ ରଚନା କରନ୍ତି । ପ୍ରସିଦ୍ଧ ବିଜ୍ଞାପନ ଅଭିଯାନର ସମସ୍ତ ବୁଦ୍ଧିମତ୍ତାପୂର୍ଣ୍ଣ, କେତେବେଳେ କେତେବେଳେ ଭାବାତ୍ମକ, ହୃଦୟସ୍ପର୍ଶୀ ଟେଗ୍‌ଲାଇନ, ସ୍ଲୋଗାନ, ଜିଙ୍ଗଲ ତଥା ସମ୍ବାଦ ଏହା ପରିଶ୍ରମୀ ଏବଂ ରଚନାଧର୍ମୀ ଲୋକଙ୍କ ଦ୍ୱାରା ଲେଖାଯାଇ ପାରିଥାଏ ।

ଆପଣଙ୍କୁ ଧାରା ତେଲର ବିଜ୍ଞାପନ ମନେ ଅଛି କି ?

"ଧାରା ଧାରା....ଶୁଦ୍ଧ ଧାରା"... ନିଜର ଟେକସଟ ବାର୍ତ୍ତା ଏବଂ ଦୃଶ୍ୟ ସଂରଚନା ପାଇଁ ବିଜ୍ଞାପନ ଧାରାର ଉପଯୋଗ ନ କରୁଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଲୋକପ୍ରିୟ ହୋଇପାରିଛି । ସ୍ୱଚ୍ଛ ଏବଂ ପ୍ରତିଭାଶାଳୀ ହେବା ସଂଗେ ସଂଗେ କପିରାଇଟରଙ୍କ ପାଖରେ ଭାଷା ଜ୍ଞାନର ମଧ୍ୟ କୁଶଳତା ଥାଏ । ସେମାନେ ଶବ୍ଦ ମାଧ୍ୟମରେ ଭାବ ସୃଷ୍ଟିର କଳାରେ ନିପୁଣ ଅଟନ୍ତି ।

**ଭିଜୁଆଲାଇଜର:-**

ଏମାନେ ସେହି କଳାକାର ଅଟନ୍ତି ଯେଉଁମାନେ କପିରାଇଟର ରଚନା ଉପରେ ଆଧାରତ ଦୃଶ୍ୟ ସୃଷ୍ଟି କରିଥାନ୍ତି । ଭିଜୁଆଲାଇଜର ଗ୍ରାଫିକ୍‌ସ, ଦୃଶ୍ୟ, ଛାୟାଚିତ୍ର, ଚଳଚ୍ଚିତ୍ର ତଥା ଧ୍ୱନିରେ କାର୍ଯ୍ୟ କରିଥାନ୍ତି । ସିଧା ଭାବରେ କହିଲେ ଭିଜୁଆ ଲାଇଜର ବିଜ୍ଞାପନର ପ୍ରାରୂପ ପ୍ରସ୍ତୁତ କରନ୍ତି । ଏବେ ଆପଣମାନଙ୍କର ପସନ୍ଦର ବିଜ୍ଞାପନ କିଏ ଅଟେ ? ଏହାର ଭିଜୁଆଲାଇଜେସନରେ କେଉଁ ଜିନିଷ ଆପଣଙ୍କୁ ପସନ୍ଦ ଲାଗେ ?

**ଫ୍ରିଲାନ୍‌ସର:-**

ଫ୍ରିଲାନ୍‌ସର ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଅଟନ୍ତି ଯାହାର କୌଣସି ସଂଗଠନ ସହିତ



ଟୀପ୍ପଣୀ



କୌଣସି ଦୀର୍ଘ ମିଆଦି ଚୁକ୍ତ ହୋଇନଥାଏ । ଗୋଟିଏ ବିଜ୍ଞାପନ ସଂସ୍ଥାରେ ଏହି କପି ରାଇଟର, ଜିଙ୍ଗଲ ଲେଖକ, ରେଡିଓ ଉଦ୍‌ଘୋଷକ, କଳାକାର, ଭିଜୁଆଲାଇଜର, କାରିଗରୀ ଲେଖକ ଭାବରେ କାମ କରିବାପାଇଁ ସକ୍ଷମ ହୋଇଥାନ୍ତି ।

### ପ୍ରଡକସନ୍ ଇନ୍‌ଚାର୍ଜ:-

ଏହି ବ୍ୟକ୍ତି ନିର୍ମାଣ ବିଭାଗର ପ୍ରମୁଖ ଅଟନ୍ତି ଯେଉଁଥିରେ ଭିନ୍ନ ଭିନ୍ନ ପ୍ରତିଭା ସଂପର୍ଣ୍ଣ ବ୍ୟକ୍ତି ଥାଆନ୍ତି । ମୁଦ୍ରଣ କାରିଗରୀ ଡେସ୍କଟପ୍ ପବ୍ଲିସିଙ୍ଗ(ଡି.ଟି.ପି)କାରିଗରୀ, ଛାୟାଙ୍କନ, ଟାଇପୋଗ୍ରାଫୀ, ଭିଡିଓଗ୍ରାଫି ତଥା ଦୃଶ୍ୟ ବା ଧ୍ୱନି ସଂପାଦନର କୁଶଳୀ ବ୍ୟକ୍ତି ଏହି ବିଭାଗର ଅନ୍ତର୍ଭୁକ୍ତ ଅଟନ୍ତି ।

### ମିଡିଆ ପ୍ଲାନର:-

ଏହି ବ୍ୟକ୍ତି ବିଜ୍ଞାପନ ପାଇଁ ବଜେଟ ପ୍ରସ୍ତୁତ କରିଥାନ୍ତି ଏବଂ ଏହାକୁ ନିର୍ଦ୍ଧାରଣ କରିଥାନ୍ତି । ଏମାନେ ମିଡିଆର ଚୟନ, ବିଜ୍ଞାପନ ପ୍ରସାରଣର ସଂଖ୍ୟା ନିର୍ଣ୍ଣୟ, ଆକାର ବା ସ୍ଥିତିର ମଧ୍ୟ ନିର୍ଣ୍ଣୟ କରିଥାନ୍ତି । ଏମାନଙ୍କୁ ଏଜେନ୍‌ସିର ମାର୍କେଟ୍ ରିସର୍ଚ୍ଚ ଟିମ୍ ବା ସ୍ୱତନ୍ତ୍ର ଭାବରେ ବାହାର ଏଜେନ୍‌ସିଠାରୁ କରାଯାଉଥିବା ରିସର୍ଚ୍ଚର ମଧ୍ୟ ସାହାଯ୍ୟ ମିଳିଥାଏ ।

### ମାର୍କେଟ ରିସର୍ଚ୍ଚ:-(ବଜାର ଅନୁସନ୍ଧାନ)

ଆପଣ ଏଭଳି ଲୋକଙ୍କୁ ଦେଖିଛନ୍ତି ଯେଉଁମାନେ ଘର ଘର ବୁଲି ପରିବାରର ସଦସ୍ୟଙ୍କଠାରୁ କେଉଁ ଟେଲିଭିଜନ ପ୍ରସାରଣ ହେଉଛି ଏବଂ କେଉଁ ଶୀତଳ ପାନୀୟ ପିଉଛନ୍ତି ସେ ବିଷୟରେ ପ୍ରଶ୍ନ ପଚାରୁଥିବାରୁ ଏମାନେ ଏକ କମ୍ପାନୀ ବିଶେଷ କରି ବିଜ୍ଞାପନ ଏଜେନ୍‌ସିର ବଜାର ଅନୁସନ୍ଧାନ ଗ୍ରାହକଙ୍କ ସଂଖ୍ୟା, ବା ସୂଚନାକୁ ସୁବ୍ୟବସ୍ଥିତ ଭାବରେ ଏକାଠି କରିବା, ଅଭିଲିଖିତ ତଥା ବିଶ୍ଳେଷଣର କାର୍ଯ୍ୟ କରିଥାନ୍ତି । ଗ୍ରାହକଙ୍କ ପସନ୍ଦ ଏବଂ ନାପସନ୍ଦ ସଂବନ୍ଧୀୟ ସୂଚନା ଯାହାକି ନୂଆ ବିଜ୍ଞାପନ ପ୍ରସ୍ତୁତିରେ ସାହାଯ୍ୟ କରିବ, ନୂଆ ଉତ୍ପାଦନ ବା ସେବା ପ୍ରଚଳନ, ପ୍ରଚଳିତ ଉତ୍ପାଦନ ବା ସେବାରେ କିଛି ନୂତନତ୍ୱ ପ୍ରଦାନ, ତଥା ବଜାରର ବିସ୍ତାରରେ ସାହାଯ୍ୟ କରିଥାଏ । ବଜାର ଅନୁସନ୍ଧାନର ଉପଯୋଗ ଏହା ମଧ୍ୟ ନିର୍ଦ୍ଧାରିତ କରିଥାଏ, ଜନସଂଖ୍ୟାର କେଉଁ ଅଂଶ ବୟସ, ଲିଙ୍ଗ ତଥା ଆୟର ସ୍ତରରେ କେଉଁ ଉତ୍ପାଦ ବା ସେବା କ୍ରୟ କରିବେ ।

### ପାଠ୍ୟଗତ ପ୍ରଶ୍ନ 18.4

1)- ଉଚିତ୍ ବିକଳ୍ପ ବାଛନ୍ତୁ:-



ଟୀପ୍ପଣୀ

I)- କପି ରାଇଟର କ'ଣ କରିଥାନ୍ତି

କ)ବିଜ୍ଞାପନର ଫଟୋ କପି ତିଆରି କରିଥାନ୍ତି

ଖ)ବିଜ୍ଞାପନର ମୁଖ୍ୟ ସ୍ଲୋଗାନ, ଟେଗ୍‌ଲାଇନ୍ ବା ସଂବାଦ ଲେଖିଥାନ୍ତି ।

ଗ) ଟାଇପ୍‌ରାଇଟରର ଉପଯୋଗ କରିଥାନ୍ତି ।

II)- ବିଜ୍ଞାପନ ଦଳର ପ୍ରମୁଖ କିଏ ଅଟନ୍ତି ?

କ)କ୍ରିଏଟିଭ୍ ଡାଇରେକ୍ଟର

ଖ) ମାର୍କେଟ ରିସର୍ଚ୍ଚର

ଗ)କପି ରାଇଟର

ଘ) ଫିଲ୍ମ ଡାଇରେକ୍ଟର

III)- ଗୋଟିଏ ଫ୍ରିଲାନ୍‌ସର କାହାକୁ କୁହାଯାଏ ?

କ)ଯିଏ ସ୍ୱତନ୍ତ୍ର ରୂପରେ କାର୍ଯ୍ୟ କରିଥାଏ ତଥା କୌଣସି ସଂଗଠନର ସ୍ଥାୟୀ ସଦସ୍ୟ ହୋଇନଥାଏ ଏବଂ କାର୍ଯ୍ୟ ହିସାବରେ ଅର୍ଥ ଲାଭ କରିଥାଏ ଏବଂ ମାସିକ ନୈତନିକ ହୋଇନଥାଏ ।

ଖ) ଯିଏ ମାଗଣାରେ କାମ କରିଥାଏ ।

ଗ) ଯିଏ ମାସିକ ବେତନ ଏବଂ ପ୍ରୋଭିଡେଣ୍ଟ ଫଣ୍ଡ ସହିତ ସ୍ଥାୟୀ ଭାବରେ ଚାକିରୀ କରିଥାଏ ।

ଘ) ଯାହା ପାଖରେ କାର୍ଯ୍ୟାଳୟରେ ଅନେକ ଖାଲି ସମୟ ଥାଏ ।

IV)- ମିଡିଆ ପ୍ଲାନର କାହାକୁ କୁହାଯାଏ ?

କ)ଯିଏ ଗ୍ରାହକଙ୍କୁ ଚୟନ କରିଥାନ୍ତି ।

ଖ) ଯିଏ ବିଜ୍ଞାପନ ମାଧ୍ୟମର ଚୟନ କରିଥାନ୍ତି ।

ଗ) ଯିଏ ବିଜ୍ଞାପନ ଏଜେନ୍‌ସିର ଚୟନ କରିଥାନ୍ତି ।

ଘ) ଯିଏ ଅନୁସନ୍ଧାନ ଦଳର ଚୟନ କରିଥାନ୍ତି ।

V)- ଭିଜୁଆ ଲାଇଜର କାହାକୁ କୁହାଯାଏ ?

କ)ଯିଏ ବିଜ୍ଞାପନ ଡିଜାଇନ୍ କରିଥାଏ ।

ଖ) ଯିଏ ବିଜ୍ଞାପନର ଟେକ୍ସଟ ଲେଖିଥାଏ ।

ଗ) ଯିଏ ବିଜ୍ଞାପନ ନିର୍ମାଣରେ ସାହାଯ୍ୟ କରିଥାଏ ।

ଘ) ଯିଏ ବିଜ୍ଞାପନ ପାଇଁ ବଜେଟ୍ ପ୍ରସ୍ତୁତ କରିଥାଏ ।

## 18.5 ବିଜ୍ଞାପନ ତଥା ଗଣସଂପର୍କ ମଧ୍ୟରେ ପାର୍ଥକ୍ୟ

ଆମେ ଯେପରି ଦେଖିଲେ ବିଜ୍ଞାପନ ନିଜେ କୌଣସି ଗଣମାଧ୍ୟମ ଅଟେ ନାହିଁ । ନାହିଁତ ଗଣସଂପର୍କ କୌଣସି ଗଣମାଧ୍ୟମ ଅଟେନାହିଁ । ଏହା ଗଣ ଯୋଗାଯୋଗର ଅନ୍ୟାନ୍ୟ ମାଧ୍ୟମ ଯେଭଳି ଟେଲିଭିଜନ, ରେଡିଓ, ସିନେମା, ପ୍ରେସ୍ ତଥା ଗଣମାଧ୍ୟମ ଯେଭଳି ନୁହେଁ । ଏହା କୌଣସି ମଧ୍ୟସ୍ଥ କାରିଗରୀ ନୁହେଁ କିନ୍ତୁ ସମ୍ଭବତଃ ଉପଭୋକ୍ତାଙ୍କ ପର୍ଯ୍ୟନ୍ତ ବାର୍ତ୍ତା ପ୍ରେରଣର ଏକ ମାଧ୍ୟମ ଅଟେ । ଆପଣ ଆସନ୍ତା ଅଧ୍ୟାୟରେ ଗଣସଂପର୍କ ବିଷୟରେ ବିସ୍ତାର ଭାବରେ ଅଧ୍ୟୟନ କରିବେ । ତଥାପି ମାତ୍ର ପରିଚୟ ହିସାବରେ ବିଜ୍ଞାପନ ଏବଂ ଗଣସଂପର୍କ ଭ୍ରମ ଉତ୍ପନ୍ନ କରିବାପାଇଁ ଆସନ୍ତୁ ଆମେ ଏହି ଦୁଇ ମଧ୍ୟରେ ଥିବା ପାର୍ଥକ୍ୟକୁ ଚିହ୍ନଟ କରିବା ।

| ବିଜ୍ଞାପନ | ଗଣସଂପର୍କ |
|---|---|
| ●ବିଜ୍ଞାପନ ପାଇଁ ଅର୍ଥ ପଇଠ କରାଯାଏ । | ●ଗଣସଂପର୍କରେ ସିଧାଭାବରେ କୌଣସି ଅର୍ଥ ପଇଠ କରାଯାଏନାହିଁ । |
| ●ବିଜ୍ଞାପନ ପ୍ରତ୍ୟକ୍ଷ ବା ସ୍ପଷ୍ଟ ଥାଏ । | ●ଗଣସଂପକ ଚତୁରତାପୂର୍ଣ୍ଣ ତଡା ପରୋକ୍ଷ ଅଟେ । |
| ●ଲୋକମାନେ ସାଙ୍ଗେ ସାଙ୍ଗେ ବୁଝିଯାନ୍ତି କାହାର ବିଜ୍ଞାପନ ପ୍ରସାରଣ କରାଯାଉଛି ତଥା ଏହାକୁ କିଏ ପ୍ରସ୍ତୁତ କରୁଛି । | |

## ପାଠ୍ୟଗତ ପ୍ରଶ୍ନ 18.5

1)- ନିମ୍ନଲିଖିତ ବକ୍ତବ୍ୟ ଠିକ୍ କି ଭୁଲ୍ ବାଛନ୍ତୁ ।

i)- ଏକ ବିଜ୍ଞାପନ ସାଧାରଣତଃ ପ୍ରତ୍ୟକ୍ଷ ବା ସ୍ପଷ୍ଟ ଅଟେ ।

ii)- ଗଣସଂପର୍କର ଅର୍ଥ  ପ୍ରେସ୍ ରିପୋର୍ଟ ଅଟେ ।

iii)- ଗଣ ସଂପର୍କରେ ପ୍ରତ୍ୟେକ୍ଷ ବିଜ୍ଞାପନ ସାମିଲ ଥାଏ ।



ଟୀପ୍ପଣୀ

iv)- ସ୍ୱଷ୍ଟ ଗୋଟିଏ ଉତ୍ପାଦ ବିଜ୍ଞାପନ ହେତୁ ତାଳବାଲା ଗୀତ ଅଟେ ।

v)- ଗଣସଂପର୍କରେ ସିଧା ପଇଠ କରାଯାଇନଥାଏ ।

## 18.6 ଆପଣ କ'ଣ ଶିକ୍ଷାକଲେ ।

➪ ବିଜ୍ଞାପନର ସିଦ୍ଧାନ୍ତ

- ଉପଭୋକ୍ତାଙ୍କ ଆଧାରଯୁକ୍ତ ଆବଶ୍ୟକତା ସମୂହ
- ଉପଭୋକ୍ତାଙ୍କ ଧ୍ୟାନ ଆକର୍ଷଣ
- ବିଜ୍ଞାପନ ଶବ୍ଦାବଳୀ

➪ ବିଜ୍ଞାପନ ଯୋଜନାରେ ମହତ୍ତ୍ୱପୂର୍ଣ୍ଣ କଥା

- ଲକ୍ଷିତ ସମୂହ
- ଉପଯୋଗ କରାଯିବା ମାଧ୍ୟମ
- ବିଜ୍ଞାପନର ଲମ୍ବା
- ବିଜ୍ଞାପନ ଅଭିଯାନର ଅବଧି
- ବିଜ୍ଞାପନର ଭାଷା
- ପ୍ରଯୁକ୍ତ ଦୃଶ୍ୟ

➪ ବିଜ୍ଞାପନ ଉଦ୍ୟୋଗ

- ସଂଗଠନ ଏବଂ କାର୍ଯ୍ୟ
- ପ୍ରଦର୍ଶୀତ ପଥ
- ରୋଜଗାରର ବିକଳ୍ପ
- କପି ରାଇଟର
- ଭିଜୁଆଲ ରାଇଜର
- ଫ୍ରି ଲାନ୍‌ସର
- ମିଡିଆ ପ୍ଲାନର
- ବ୍ରାଣ୍ଡ ମ୍ୟାନେଜର
- ବଜାର ଅନୁସନ୍ଧାନକାରୀ ଦଳ

➪ ବିଜ୍ଞାପନ ଏବଂ ଗଣସଂପର୍କ ମଧ୍ୟରେ ପାର୍ଥକ୍ୟ

- ସଂଗଠନ ଏବଂ କାର୍ଯ୍ୟ

## 18.8 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

18.1.(1) (i) ଗ
(ii) ଘ
(iii) କ
(iv) ଦ
(iv) ଖ

18.2.(1) (i) ଲିଖିତ ସମୂହର ସ୍ଥାନ
(ii) ଉପଯୋଗ କରାଯିବା ମାଧ୍ୟମ
(iii) ବିଜ୍ଞାପନର ଲମ୍ବା
(iv) ବିଜ୍ଞାପନର ଭାଷା
(v) ପ୍ରଯୁକ୍ତ ଦୃଶ୍ୟ
(vi) ଅନ୍ୟ

18.3.(1) (i) ଭୁଲ୍
(ii) ଭୁଲ୍
(iii) ଭୁଲ୍
(iv) ଠିକ୍
(v) ଭୁଲ
(vi) ଭୁଲ୍
(vii) ଠିକ୍
(viii) ଭୁଲ୍

18.4. (i) ଖ
(ii) କ
(iii) କ
(iv) ଖ
(v) କ

18.5. (i) ଠିକ୍
(ii) ଭୁଲ୍
(iii) ଭୁଲ୍
(iv) ଭୁଲ
(v) ଠିକ୍